

ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-191 •TUESDAY •6 JANUARY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୯୧ •ମଙ୍ଗଳବାର •୬ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


## ଗ୍ରେଟର ନୋଏଡ଼ା ଖୋଲିଲା ଦେଶର ପ୍ରଥମ 'ଏଆଇ' କ୍ଲିନିକ୍

■ ନୂଆଦିଲ୍ଲୀ, ୫।୧ (ଏଜେନ୍ସି): ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାରେ ଦେଶର ପ୍ରଥମ ସରକାରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଲିନିକ୍ ଖୋଲିଛି। ସରକାରୀ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ଜିଆଇଏମଏସ)ରେ ଏହି କ୍ଲିନିକ୍‌ର ଶୁଭାରମ୍ଭ କରାଯାଇଛି।



ଚିକିତ୍ସା ଭିତ୍ତିଭୂମିକୁ ଆଧୁନିକତାର ସ୍ପର୍ଶ ଦେବାକୁ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଚିକିତ୍ସା କ୍ଷେତ୍ରରେ ଏଆଇ ବ୍ୟବହାର ଦ୍ୱାରା ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ମିଳିବ ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ମଜଭୁତ ହେବ। ଏହା ଚିକିତ୍ସା ସମୟ ହ୍ରାସରେ ମଧ୍ୟ ସହଯୋଗ କରିବ। ଏହି ପଦକ୍ଷେପ ଦ୍ୱାରା ରୋଗ ଚିହ୍ନଟ ପ୍ରକ୍ରିୟା, ପରୀକ୍ଷା ଏବଂ ଚିକିତ୍ସା ଶୀଘ୍ର ହେବା ସହିତ ଆରୋଗ୍ୟ ହାର ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବାର ଅତିରିକ୍ତ ମହାନିର୍ଦ୍ଦେଶକ ଭର୍ଚୁଆଲ ମାଧ୍ୟମରେ ଶନିବାର ଏହି କ୍ଲିନିକକୁ ଶନିବାର ଉଦଘାଟନ କରିଥିଲେ। ଏଠାରେ ଏଆଇ ବ୍ୟବହାର କରି ଜେନେଟିକ ସ୍କ୍ରିନିଂ କରାଯିବ। କର୍କଟ, ହୃତ୍‌ପିଣ୍ଡ, ବୃକକ ଏବଂ ▶ପୃଷ୍ଠା-୭

## ଇନ୍‌ଷ୍ଟାଗ୍ରାମରେ ସେକ୍ସ ର୍ୟାକେଟ: ୧୦ ହଜାର ଯୁବତୀ ସାମିଲ

■ ଲୁଧିଆନା, ୫।୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମ ଏବେ ସମସ୍ୟା ପାଲଟି ଯାଇଛି। ମନୋରଞ୍ଜନର ମାଧ୍ୟମ ସାଜିଥିବା ଏହି ପ୍ଲାଟଫର୍ମ କଳା କାରବାରର ପ୍ରମୁଖ କେନ୍ଦ୍ର ହୋଇଯାଇଛି। ମିଥ୍ୟା ଖବର ପ୍ରସାର ପରେ ନିନ୍ଦିତ ସାମାଜିକ ଗଣମାଧ୍ୟମକୁ ଦେହ ବ୍ୟାପାର ପାଇଁ ବ୍ୟବହାର କରାଯାଉଛି। ପଞ୍ଜାବ ଲୁଧିଆନାରୁ ଏଭଳି ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମରେ ପେଜ୍ କ୍ରିଏଟ କରି ମହିଳା ଏବଂ ଯୁବତୀଙ୍କୁ ଏଥିରେ ସାମିଲ କରାଯାଉଛି। ଅଶ୍ଳୀଳ ରିଲ୍ ପୋଷ୍ଟ କରିବା ପାଇଁ ଏମାନଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଉଛି। ଏହି ଲୋଭରେ ପଡ଼ି ଯୁବତୀ ନିଜର ଅଶ୍ଳୀଳ ଭିଡିଓ ଏବଂ ଫଟୋ ପୋଷ୍ଟ କରୁଛନ୍ତି। ଏଥିପାଇଁ ତାଙ୍କୁ ଗୋଟିଏ ପୋଷ୍ଟ ପିଛା ୨ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି। ଏ ସବୁକୁ ଦେଖି ଅଧିକ ସଂଖ୍ୟକ ଲୋକ ପେଜ୍‌ରେ ସାମିଲ ହେଉଛନ୍ତି। ଏହି ପୃଷ୍ଠାର ପ୍ରୋଫାଇଲରେ ଠିକଣା ମଧ୍ୟ ରହୁଛି। ପରେ ବ୍ୟକ୍ତିଙ୍କୁ ମେସେଜ କରି ଦେହ ବ୍ୟବସାୟକୁ ଠେଲା ଯାଉଛି। କେବଳ ଲୁଧିଆନାର ୧୦ ହଜାର ଯୁବତୀ ଏଭଳି ପେଜ୍ ସହ ଜଡ଼ିତ ଅଛନ୍ତି ବୋଲି ସୂଚନା ମିଳିଛି। ଏଥିରେ ଦେହ ବ୍ୟବସାୟ ହେଉଥିବା ଠିକଣାରେ ଭିଡିଓ ମଧ୍ୟ ଅପଲୋଡ କରାଯାଇଛି। ଏହି ଭିଡିଓରେ ବାହାର ରାସ୍ତା ଦେଖାଯାଉଛି। ତେଣୁ ଗ୍ରାହକ ସହଜରେ ଏଠାରେ ପହଞ୍ଚି ପାରୁଛନ୍ତି। ଭିଡିଓରେ ଶୟନ କକ୍ଷ ମଧ୍ୟ ଦେଖାଯାଉଛି। ୨୦୨୬ ମାର୍ଚ୍ଚରୁ ଏହି ପୃଷ୍ଠା ଚାଲିଥିବାବେଳେ ଲୁଧିଆନା ▶ପୃଷ୍ଠା-୭

**ଅଚଳାବସ୍ଥା ଅବ୍ୟାହତ**

# ମାନୁନାହାନ୍ତି ମିଲର୍, ନଇଁଲେନି ଡାକ୍ତର

## ସାରା ରାଜ୍ୟରେ ଧାନ କିଣା ବନ୍ଦ, ଚାଷୀ ହନ୍ତସନ୍ତ

■ ଭୁବନେଶ୍ୱର, ୫।୧ (ସମିସ): ରାଜ୍ୟରେ ଧାନ କିଣାରେ ଯାବତୀୟ ଅବ୍ୟବସ୍ଥା ମଧ୍ୟରେ ମୁହାଁମୁହିଁ ହୋଇଛନ୍ତି ସରକାର ଓ ମିଲର୍। ଚାଷୀ ଓ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ହୋଇ ପାରୁ ନ ଥିବାବେଳେ ସରକାର ଓ ମିଲର୍‌ମାନଙ୍କ ମଧ୍ୟରେ ନୂଆ ବିବାଦ ଆରମ୍ଭ ହୋଇଛି। ମିଲର୍ସଙ୍କ ଦାବିକୁ ସରକାର ଆଦୌ ଗୁରୁତ୍ୱ ନ ଦେବା ଓ ସମ୍ବେଦନଶୀଳ ନ ହେବା ହେତୁ ମିଲର୍‌ମାନେ ଆଉ ଧାନ ଉଠାଇବେ ନାହିଁ ବୋଲି ସିଧା ସିଧା ମନା କରିଦେଇଛନ୍ତି। ଏହି ଘୋଷଣା ସହ ସୋମବାରଠାରୁ ରାଜ୍ୟ ମିଲର୍ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟପଟେ ମିଲର୍ସଙ୍କ ଏଭଳି ଘୋଷଣା ପରେ ସାରା ରାଜ୍ୟରେ ଧାନ କିଣା ଏକ ପ୍ରକାର ଠପ୍ ହୋଇ ଯାଇଛି।

ଅଭିଯୋଗ ଅନୁସାରେ, ମିଲରଙ୍କ ଦାବି ସମ୍ପର୍କରେ ସରକାର ଆଦୌ ଯତ୍ନବାନ ହେଉ ନାହାନ୍ତି ଏବଂ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନାହାନ୍ତି। ମିଲର୍ସ ସଂଘ ଏହାକୁ ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେବା ପରେ ରବିବାର ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସୋମବାର ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ସଂଘର ବୈଠକ ବସିଛି। ବୈଠକରେ ଆଲୋଚନା ପରେ ସଂଘ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦାବି କରାଯାଇଥିଲେ ମଧ୍ୟ ସରକାର ଏହାକୁ ଏଡ଼ାଇ ଯାଇଛନ୍ତି। ଫଳରେ କ୍ରୋଧାନ୍ୱିତ ହୋଇ ମିଲର୍ ସଂଘ ଧାନ ନ ଉଠାଇବାକୁ ଘୋଷଣା କରିଛି।

### ଫଳପ୍ରଦ ହେଲାନାହିଁ ମନ୍ତ୍ରୀ ଓ ବିଭାଗ ସହ ମିଲର୍ ବୈଠକ

ସଂଘର ଦାବି ଅନୁସାରେ, ୨୦୨୩-୨୪ ଓ ୨୦୨୪-୨୫ ଖରିଫ୍ ଋତୁ ପାଇଁ ରକ୍ଷଣାବେକ୍ଷଣ ଶୁଳ୍କ ପ୍ରଦାନ, କଷ୍ଟମ୍ ମିଲିଂ ପାଇଁ ଅତିରିକ୍ତ ପ୍ରୋତ୍ସାହନ ରାଶି, ୪୦ କିଲୋମିଟରରୁ ଅଧିକ ଦୂରତା ପାଇଁ ପରିବହନ ଖର୍ଚ୍ଚର ସଂଶୋଧନ, ଅରୁଆ ଚାଉଳ କ୍ଷେତ୍ରରେ ୧ ପ୍ରତିଶତ "ଡ୍ରାଇଏଜ୍' ବ୍ୟବସ୍ଥାର ପୁନଃପ୍ରଚଳନ ଆବଶ୍ୟକ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ପୂର୍ବବର୍ଷ ତୁଳନାରେ ମିଲର୍ସମାନଙ୍କୁ ଦିଆଯାଉଥିବା ଦେୟରେ ବୃଦ୍ଧି କରାଯାଇଛି। ହେଲେ ଓଡ଼ିଶା ସରକାର ଦେୟ ବୃଦ୍ଧି ବଦଳରେ ପୂର୍ବ ପ୍ରଚଳିତ ରାଶିକୁ କମାଇ ଦେଇଛନ୍ତି। ପୂର୍ବରୁ ▶ପୃଷ୍ଠା-୭

## ୨ ଘଣ୍ଟା ଅଚଳ ହେଲା ଓପିଡି

■ ଭୁବନେଶ୍ୱର, ୫।୧(ସମିସ): ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାରଠାରୁ ସାରା ରାଜ୍ୟରେ ୨ ଘଣ୍ଟିଆ ଓପିଡି ସେବା ବର୍ଜନ କରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା)। ସରକାର ଯେପର୍ଯ୍ୟନ୍ତ ନ୍ୟାଯ୍ୟ ଦାବି ପୂରଣ କରି ନ ଛନ୍ତି, ସେଯାବତ୍ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦିନବେଳା ୨ଘଣ୍ଟା ଓପିଡି ସେବାରେ ଓମ୍‌ସା ସହଯୋଗ କରି ନ ଥିବାରୁ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ଡାକ୍ତରଖାନାରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।



ସୂଚନାଯୋଗ୍ୟ ଯେ ଗତ ୨୬ ତାରିଖରୁ ଓମ୍‌ସା ନିଜର ୧୦ ଦଫା ଦାବି ନେଇ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରି ଆସୁଥିଲା। ତେବେ ସେମାନଙ୍କର ଦାବି ପୂରଣ ହୋଇ ନ ଥିବାରୁ ପୂର୍ବ ଘୋଷଣା ଅନୁଯାୟୀ, ସୋମବାରଠାରୁ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କରାଯାଇଛି। ଦିନ ▶ପୃଷ୍ଠା-୭

- ରୋଗୀ ହନ୍ତସନ୍ତ, ସମସ୍ୟା ସମାଧାନ ପାଇଁ ଜନସାଧାରଣଙ୍କ ଦାବି
- ସଂଘର ଦାବି, ମୁଖ୍ୟମନ୍ତ୍ରୀ କରନ୍ତୁ ହସ୍ତକ୍ଷେପ
- ରୋଗୀସେବାରେ ଯୋଗ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁରୋଧ
- ଦାବି ପୂରଣ ନହେଲେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଓପିଡି ସେବା ବନ୍ଦ

## ମକର ଯାଏଁ ଶୀତର ପ୍ରକୋପ

■ ଭୁବନେଶ୍ୱର, ୫।୧(ସମିସ): ଆସନ୍ତା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟରେ ଶୀତର କହର ଜାରି ରହିବ। ଏହାପରର ସ୍ଥିତି ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ମକର ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଅନୁଭୂତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ବାୟୁର ଦିଗ ପରିବର୍ତ୍ତନ ହେତୁ ଗଲା ୩-୪ ଦିନ ହେବ ରାଜ୍ୟରେ ଶୀତ ସାମାନ୍ୟ ହ୍ରାସ ପାଇଛି। ପୂର୍ବାପେକ୍ଷା ତାପମାତ୍ରାରେ ହ୍ରାସ ଯୋଗୁଁ ଶୀତରୁ କିଛିକାଂଶରେ ମୁକ୍ତି ମିଳିଛି। ମାତ୍ର ଆଜିଠାରୁ ପୁଣି ତାପମାତ୍ରା ହ୍ରାସ ହେବାକୁ ଥିବାରୁ ରାଜ୍ୟକୁ ପୁଣି ଶୀତ ଫେରିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆଜିଠାରୁ ୩ ଦିନ ମଧ୍ୟରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୩ ଡିଗ୍ରୀ କମିବ। ଏହା ପ୍ରଭାବରେ ଶୀତ କିଛି ମାତ୍ରରେ ବୃଦ୍ଧି ପାଇବ। ତେବେ ଏହାର ପର ୩ ଦିନରେ ପୁଣି ତାପମାତ୍ରା ପ୍ରାୟ ୨ ଡିଗ୍ରୀ ବଢ଼ି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ। ୧୦ ତାରିଖ ରାତିରେ ଭୁବନେଶ୍ୱର, ବ୍ରହ୍ମପୁର ସମେତ ଦକ୍ଷିଣ ▶ପୃଷ୍ଠା-୭

**ବାଲେଶ୍ୱରରେ ବାୟୁ ପ୍ରଦୂଷଣ କଟକଣା**

## ସନ୍ଧ୍ୟା ୬ରୁ ସକାଳ ୧୦ ନିର୍ମାଣ ବନ୍ଦ

■ ବାଲେଶ୍ୱର, ୫।୧(ସମିସ): ଘର ବୁଡ଼ି ପାଣି ଆଣ୍ଠିଏ ହେବା ପରେ ପ୍ରଶାସନର ଚେତା ପଶିଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ କଟକଣା ଜାରି କରିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯାଇଛି। ବାଲେଶ୍ୱର ପୌରପାଳିକା ସମେତ ଅନ୍ୟ ସହରାଞ୍ଚଳ (ୟୁଏଲବି) ସୀମା ଭିତରେ ଭଙ୍ଗାରୁଜା ଓ ମାଟି କାମ (ଆର୍ଥ ୱାର୍କ)କୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଛି। ସେହିପରି, ପୌର ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ ପକ୍ଷରୁ ସମସ୍ତ ରାସ୍ତାରେ ଦିନକୁ ଅତି କମ୍‌ରେ ୩ଥର ପାଣି ସିଞ୍ଚନ, ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସଂପୂର୍ଣ୍ଣ ନିଷିଦ୍ଧ, ଖୋଲାଖୋଲି ଆବର୍ଜନା ଜଳାଇବା ଏବଂ ଢାବାରେ କୋଇଲା ଜଳାଇବାକୁ ସଂପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଆଗାମୀ ୭ ଦିନ ଯାଏଁ ଏହି ନିର୍ଦ୍ଦେଶ ବଳବତ୍ତର ରହିବ। ଆବଶ୍ୟକ ପଡ଼ିଲେ ଏହାର ଅବଧି ବୃଦ୍ଧି କରାଯିବ ବୋଲି କୁହାଯାଇଛି।

- ଭଙ୍ଗାରୁଜା ଓ ମାଟି କାମ ସଂପୂର୍ଣ୍ଣ ନିଷିଦ୍ଧ
- ଆଗାମୀ ୭ ଦିନ ଯାଏଁ କଟକଣା

ସୂଚନାନୁଯାୟୀ, ନିକଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ▶ପୃଷ୍ଠା-୭

**ଦିଲ୍ଲୀ ଦଙ୍ଗା ମାମଲା**

## ଉମର ଖାଲିଦ, ଇମାମଙ୍କୁ ମିଳିଲାନି ଜାମିନ

■ ନୂଆଦିଲ୍ଲୀ, ୫।୧(ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ହେଲା ଜେଲ୍‌ରେ ଥିବା ଛାତ୍ର ନେତା ଉମର ଖାଲିଦ ଏବଂ ସର୍ଜିଲ ଇମାମଙ୍କୁ ଜାମିନ ଦେବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ସେମାନଙ୍କ



ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ଏବଂ ଦିଲ୍ଲୀ ପୁଲିସ ଏହାର ପ୍ରମାଣ ଉପସ୍ଥାପିତ କରିଛି। ତେଣୁ ସେମାନଙ୍କୁ ଏବେ ଜାମିନ ଦେବା ସମ୍ଭବ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ତେବେ ଏହି ମାମଲାରେ ସେମାନଙ୍କ ସହିତ ଜେଲରେ ଥିବା ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ କଠୋର ସର୍ତ୍ତ ସହିତ କୋର୍ଟ ଜାମିନ ▶ପୃଷ୍ଠା-୭

**ପୁଲିସ ଏସ୍‌ଆଇ ଚାକିରି ବେପାର ମାମଲାରେ ସିବିଆଇର ଚାର୍ଜସିଟ୍**

## ମାର୍ଚ୍ଚରେ ଡିଲ୍, ୨୫ ଲକ୍ଷରେ ବିକ୍ରି

■ ଭୁବନେଶ୍ୱର, ୫।୧ (ସମିସ): ଗତ ମାର୍ଚ୍ଚ ମାସରେ ହୋଇଥିଲା ଏସ୍‌ଆଇ ଚାକିରି ବେପାର ନିମନ୍ତେ ବ୍ଲୁ ପ୍ରିଣ୍ଟ। ଏସ୍‌ଆଇ ଚାକିରି ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଡିଲ୍ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସେତେବେଳେ କାହିଁକି ପରୀକ୍ଷା ସ୍ଥଗିତ ରଖାଗଲା, ସେ ସମ୍ପର୍କରେ କେହି ମୁହଁ ଖୋଲି ନ ଥିଲେ। ଓପିଆର୍‌ବି, ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ରହସ୍ୟମୟ ନିରବତା ଅବଲମ୍ବନ କରିଥିଲେ। କୌତୂହଳର ବିଷୟ ହେଉଛି ମାର୍ଚ୍ଚରେ ପ୍ରଘଟ ହୋଇଥିବା ପ୍ରଶ୍ନପତ୍ରରେ ପୁନର୍ବାର ଅକ୍ଟୋବର ମାସରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସମଗ୍ର ଘଟଣାରେ ସିଲିକନ୍ ଟେକ୍‌ର ପରିଚାଳନା ନିର୍ଦ୍ଦେଶକ ସୁରେଶ ନାୟକ ଖଳନାୟକ ଥିଲେ ବୋଲି ସିବିଆଇ ଦାଖଲ କରିଛି ଚାର୍ଜସିଟ୍।

- ◆ ଗୋଟିଏ ଥର ଲିକ୍ ପରେ ବି ନିରବ ରହିଥିଲା ଓପିଆର୍‌ବି
- ◆ ପ୍ରଘଟ ପ୍ରଶ୍ନପତ୍ର ପୁନଃ ବ୍ୟବହାର ଲାଗି ହୋଇଥିଲା ଯୋଜନା
- ◆ ସତ ହେଲା ଚାକିରି ବିକ୍ରି ସଂକ୍ରାନ୍ତ 'ସକାଳ'ର ଖବର




ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ସୁରେଶ ନାୟକ ପୂରା ନକ୍ସା ପ୍ରସ୍ତୁତ କରିଥିଲେ। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍ ଏମ୍‌ଡି ସୁରେଶ ନାୟକ ଛାପା ପ୍ରଶ୍ନପତ୍ରର ଏକ ସେଟ୍ ନେଇଯାଇଥିଲେ। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସ୍‌ଆଇ ପଦବୀର ଡିଲ୍ କରିଥିଲେ। ତେବେ ଏହି ଖବର କୌଣସି ସୂତ୍ରରୁ ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା। ▶ପୃଷ୍ଠା-୭




## ଏସ୍‌ଆଇଆର୍ ସମୟରେ ମୃତ୍ୟୁ

# କୋର୍ଟ ଯିବେ ମମତା; ନିଜେ ଲଢ଼ିବେ



**କୋଲକାତା, ୫।୧ (ଏଜେନ୍ସି):** ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ସମୟରେ ହୋଇଥିବା ମୃତ୍ୟୁକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଏ ନେଇ ମଙ୍ଗଳବାର ଆବେଦନ ଦାଏର କରାଯିବ। ଜଣେ ସାଧାରଣ ନାଗରିକ ଭାବେ ସେ ଏହି ଅମାନବୀୟ ପ୍ରକ୍ରିୟା ବିରୋଧରେ ପ୍ରତିନିଧିତ୍ୱ କରିବେ ବୋଲି ମମତା ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମୁଁ ଜଣେ ପ୍ରଶିକ୍ଷିତ ଓକିଲ। ଅନୁମତି ମିଳିଲେ ସୁପ୍ରିମକୋର୍ଟଙ୍କ ମଧ୍ୟ ଦ୍ୱାରସ୍ଥ ହେବି। ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଦ୍ୱୀପରେ ରାଲି କରି ମମତା ଦାବି କରିଛନ୍ତି ଯେ ଏସଆଇଆର ଆରମ୍ଭ ହେବା ଦିନଠାରୁ ଭୟ, ଉତ୍ପୀଡ଼ନ ଏବଂ ପ୍ରାଶାସନିକ ଅବ୍ୟବସ୍ଥାରେ ଅନେକ ଲୋକ ପ୍ରାଣ ହରାଇଲେଣି। ଅନେକ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଛନ୍ତି। ଗମ୍ଭୀର ରୋଗରେ ପୀଡ଼ିତ ବହୁ ରୋଗୀଙ୍କୁ ମଧ୍ୟ ବୈଧତା ସାବ୍ୟସ୍ତ କରିବା ପାଇଁ ମତଦାନ କେନ୍ଦ୍ରରେ ଧାଡ଼ି ଛିଡ଼ା କରାଯାଇଥିଲା। ଯଦି କୌଣସି ବିଜେପି ନେତାଙ୍କ ବୃଦ୍ଧ ମାତାପିତାଙ୍କ ଏଭଳି ଭାବେ ଧାଡ଼ିରେ ଛିଡ଼ା କରାଯିବ ତେବେ ତାଙ୍କୁ କେମିତି ଲାଗିବ ବୋଲି ଦିଦି ପ୍ରଶ୍ନ କରିଛନ୍ତି।

- ଏସଆଇଆର ଭୟରେ ଅନେକ ଲୋକ ପ୍ରାଣ ହରାଇଲେଣି
- ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି ଏସଆଇଆର

ମମତା ଅଭିଯୋଗ କରିଛନ୍ତି ଯେ ଏସଆଇଆର ପ୍ରକ୍ରିୟାରେ ବିନା କାରଣରେ ମନଇଚ୍ଛା ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଉଛି। ବିଧାନସଭା ନିର୍ବାଚନ ପୂର୍ବରୁ ହେଉଥିବା ଏହି ଏସଆଇଆର ଲୋକଙ୍କୁ ଡରାଇବାର ପ୍ରକ୍ରିୟା ପାଲଟି ଯାଇଛି। ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀ କହୁଥିବା ଶ୍ରମିକଙ୍କ ସହ ଭେଦଭାବ କରାଯାଉଛି। ମୋତେ ଜୀବନରୁ ମାରିଦେଲେ ବି ମାତୃଭାଷା କହିବା ବନ୍ଦ କରିବି ନାହିଁ ବୋଲି ଦିଦି କହିଛନ୍ତି। ସେହିପରି ଦିଦି କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଜେପି ଲୋକଙ୍କୁ ନିଜ ଆଡକୁ ଟାଣିବା ପାଇଁ ପ୍ରଲୋଭନ ଦେଖାଉଛି। ଜିତିବା ପରେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବୋଲି ଦିଦି କହିଛନ୍ତି। ନିର୍ବାଚନ ପୂର୍ବରୁ ୧୦ ହଜାର ଟଙ୍କା ଲେଖାଏଁ ଦେଇ ପରେ ବୁଲ୍‌ଡୋଜର ଚଳାଉଛି। ଅତ୍ୟାଚାର ଦ୍ୱାରା କୌଣସି ଫଳାଫଳ ବାହାରିବ ନାହିଁ ବୋଲି ମମତା ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଏସଆଇଆର ଉପରେ ଶୁଣାଣି ଜାରି ରହିଛି। ଫର୍ମ କିମ୍ବା ପ୍ରମାଣପତ୍ରରେ ତ୍ରୁଟି ଥିବା ବ୍ୟକ୍ତିଙ୍କୁ ଏଥିପାଇଁ ଡକାଯାଉଛି। ପୂର୍ବତନ ମନ୍ତ୍ରୀ କାନ୍ତି ଗଙ୍ଗୋପାଧ୍ୟାୟଙ୍କଠାରୁ ନେଇ ସାଂସଦ କାକଲି ଘୋଷ ଦସ୍ତିଦାରଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଡକାଯାଇଛି। ଏସଆଇଆର ମାଧ୍ୟମରେ ଲୋକଙ୍କୁ ହଇରାଣ କରାଯାଉଛି ବୋଲି ଟିଏମସି ଅଭିଯୋଗ କରିଆସୁଛି। ବିନା ଯୋଜନାରେ ଭୁଲ ଭାବେ ଏହା କରାଯାଉଥିବା ମମତା ଅଭିଯୋଗ କରିଛନ୍ତି। ରାଜ୍ୟର ଦାବି ପୂରଣ ନ ହେଲେ ଏସଆଇଆର ପ୍ରକ୍ରିୟାକୁ ନିଲମ୍ବିତ କରିଦିଆଯିବ ବୋଲି ମମତା କହିଛନ୍ତି।

## ଏସ୍‌ଆଇଆର୍ ଫର୍ମରେ ତ୍ରୁଟି: ମହମ୍ମଦ ସାମିଙ୍କୁ ନୋଟିସ



**କୋଲକାତା, ୫।୧ (ଏଜେନ୍ସି):** କ୍ରିକେଟର ମହମ୍ମଦ ସାମିଙ୍କୁ ନିର୍ବାଚନ କମିଶନ (ଇସି) ନୋଟିସ ଜାରି କରିଛନ୍ତି। ସାମି ଏବଂ ତାଙ୍କ ଭାଇ ମହମ୍ମଦ କୈଫଙ୍କ ଏସଆଇଆର ଫର୍ମରେ ତ୍ରୁଟି ଥିବା ଜଣାପଡ଼ିଛି। ଏଥିପାଇଁ ଦୁଇ ଭାଇଙ୍କୁ ଡକରା ପଠାଯାଇଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ଏହି ନୋଟିସକୁ ନେଇ ଇସି କିମ୍ବା ସାମିଙ୍କ ପକ୍ଷରୁ କୌଣସି ବିବୃତ୍ତି ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସାମିଲଙ୍କ ଏନ୍ୟୁମେରେସନ ଫର୍ମରେ ପ୍ରୋଜେନି ମ୍ୟାପିଂ ଏବଂ ସେଲ୍ଫ ମ୍ୟାପିଂ ସମ୍ବନ୍ଧିତ ତ୍ରୁଟି ରହିଛି। ଏହା ପରେ ଦକ୍ଷିଣ କୋଲକାତାର ୱାର୍ଡ ନମ୍ବର ୯୩ରୁ ନୋଟିର ଜାରି କରାଯାଇଛି। ଏଥିରେ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏରୋ)ଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। କୋଲକାତା ମହାନଗର ନିଗମର ୱାର୍ଡ ନମ୍ବର ୯୩ର ଭୋଟର ଭାବେ ମହମ୍ମଦ ସାମି ପଞ୍ଜିକୃତ ହୋଇଛନ୍ତି। ଏହା ରାସବିହାରୀ ବିଧାନସଭା କ୍ଷେତ୍ର ଅଧିନରେ ଆସୁଛି। ୨୦୨୪ରେ ହୋଇଥିବା ଲୋକସଭା ନିର୍ବାଚନରେ ଏହି ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ଉତ୍ତର ପ୍ରଦେଶ ଅମରୋହାର ନିଜ ପୈତୃକ ଗ୍ରାମରେ ଭୋଟ ଦେଇଥିଲେ। ଏବେ ସେ ବିଜୟ ହଜାରେ ଟ୍ରଫିରେ ବ୍ୟସ୍ତ ଅଛନ୍ତି।

# ଏଥର ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ଗ୍ରୀନ୍‌ଲାଣ୍ଡ

**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ପୁଣିଥରେ ଗ୍ରୀନ୍‌ଲାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣ ପାଇଁ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି। କିନ୍ତୁ ଏହାକୁ ସ୍କାଣ୍ଡିନେଭିଆନ ଦେଶ ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ନେତାଙ୍କୁ କ୍ରୋଧିତ କରିଛି। ଗ୍ରୀନ୍‌ଲାଣ୍ଡ ଡେନମାର୍କର ଏକ ସ୍ୱୟଂଶାସିତ ଅଞ୍ଚଳ। ସୋମବାର ଏୟାରଫୋର୍ସ ୱାନ୍‌ରେ ସମ୍ବାଦିକଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ଜାତୀୟ ସୁରକ୍ଷା ପାଇଁ ଗ୍ରୀନ୍‌ଲାଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସେଠାରେ ରୁଷିଆ ଓ ଚୀନ ଜାହାଜର ଉପସ୍ଥିତି ଏକ ଚିନ୍ତାର ବିଷୟ। ଆମକୁ ଗ୍ରୀନଲାଣ୍ଡର ଆବଶ୍ୟକତା ରହିଛି। ଏହା ରଣନୈତିକ ଦୃଷ୍ଟିକୋଣରୁ ମହତ୍ୱପୂର୍ଣ୍ଣ। ଡେନମାର୍କ ଏହାକୁ ସମ୍ଭାଳିବାରେ ଅସମର୍ଥ ବୋଲି ଟ୍ରମ୍ପ କହିଥିଲେ। ପୂର୍ବରୁ 'ଦି ଆଟଲାଣ୍ଟିକ' ପ୍ରତିକା ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ପ୍ରତିରକ୍ଷା ଉଦ୍ଦ୍ୟେଶରେ ଆମେରିକାକୁ ଗ୍ରୀନଲାଣ୍ଡର ନିହାତି ଆବଶ୍ୟକତା ରହିଛି। ତେବେ ଏହାକୁ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ୍ ଫ୍ରେଡେରିକ୍ସେନ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ଗ୍ରୀନ୍‌ଲାଣ୍ଡକୁ ମିଶାଇବା ପାଇଁ ଆମେରିକାରେ ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଅବାନ୍ତର।

ସେହିପରି ଗ୍ରୀନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡେରିକ ନେଲସେନ ଟ୍ରମ୍ପଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ଓ ଏହା ଅପମାନଜନକ ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ଆମେରିକା ଓ ଡେନମାର୍କ ପରସ୍ପରର ସହଯୋଗୀ ରହିଆସିଛନ୍ତି। ଏହି ଦୁଇ ଦେଶ ସାମାରିକ ମେଣ୍ଟ ନାଟୋର ପ୍ରତିଷ୍ଠାତା ସଦସ୍ୟ ଥିଲେ।




## 'ଭେନେଜୁଏଲାକୁ ଆମେରିକା କଥାରେ ଚାଲିବାକୁ ପଡ଼ିବ'

**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାର ନବନିଯୁକ୍ତ ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍ୱେଜଙ୍କୁ ଧମକ ଦେଇଛନ୍ତି। ଯଦି ଡେଲସି ଆମ କଥା ନ ଶୁଣନ୍ତି ତେବେ ଭୟଙ୍କର ପରିଣତି ଭୋଗିବେ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଡେଲସି ଭେନେଜୁଏଲା ପାଇଁ ଆମେରିକା ଯାହା ଠିକ ମନେକରେ ତାହା ନକରିନ୍ତି, ତେବେ ତାଙ୍କ ଅବସ୍ଥା ମାଦୁରୋଙ୍କ ଅପେକ୍ଷା ଆହୁରି ଖରାପ ହୋଇପାରେ। 'ଦି ଆଟଲାଣ୍ଟିକ' ପତ୍ରିକାକୁ ସାକ୍ଷାତକାର ଦେବା ଅବସରରେ ଟ୍ରମ୍ପ ଏହି କଥା କହିଛନ୍ତି। ପୂର୍ବରୁ 'ନ୍ୟୁୟର୍କ ପୋଷ୍ଟ' ସହ ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ, ଯଦି ରୋଡ୍ରିଗ୍ୱେଜ ଆମେରିକାର କଥା ଶୁଣନ୍ତି ବା କଥା ଅନୁସାରେ ଚାଲନ୍ତି ତେବେ, ଭେନେଜୁଏଲାରେ ଆମେରିକା ସୈନ୍ୟ ମୁତୟନ କରିବାର କୌଣସି ଆବଶ୍ୟକତା ନାହିଁ। ଭେନେଜୁଆଲ ଉପରେ ଆମେରିକା ଆକ୍ରମଣରେ ୩୨ ଜଣ କ୍ୟୁବା ଅଧିକାରୀ ମୃତ୍ୟୁବରଣ କରିଛନ୍ତି ବୋଲି କ୍ୟୁବା ସରକାର ସୂଚନା ଦେଇଛନ୍ତି।

ଅନ୍ୟପଟେ ଡେଲସି ମାଦୁରୋଙ୍କୁ କ୍ଷମତାରୁ ହଟାଇବା ପ୍ରକ୍ରିୟାକୁ ସମାଲୋଚନା କରିଛନ୍ତି ଓ ଆମେରିକା ତାଙ୍କୁ ଫେରାଇବା ପାଇଁ ଦାବି କରିଛନ୍ତି। ସେ ଆମେରିକାକୁ ସହଯୋଗ କରିବା ପାଇଁ ଅପିଲ କରିଛନ୍ତି। ଭେନେଜୁଏଲା ବିକାଶ ଓ ଶାନ୍ତି ପାଇଁ ଆମେରିକା ସହ ଏକ ସହଯୋଗୀ ଏଜେଣ୍ଡା ଗଠନ କରିବାକୁ ଚାହେଁ। ଆମ ଲୋକ ଯୁଦ୍ଧ ନୁହଁ, ଶାନ୍ତି ଓ କଥାବାର୍ତ୍ତାର ହକ୍‌ଦାର। ମାଦୁରୋ ମଧ୍ୟ ଏହି ବାର୍ତ୍ତା ଦେବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି। ସେପେଟେ ଭେନେଜୁଏଲାରେ ଆମେରିକାର ଆକ୍ରମଣ ପରେ ଜାତିସଙ୍ଘ ନିରାପତ୍ତା ପରିଷଦରେ ଜରୁରୀକାଳୀନ ବୈଠକ ଡକାଯାଇଛି। ଏହି ବୈଠକରେ ଭେନେଜୁଏଲା ରାଷ୍ଟ୍ରପତି ମାଦୁରୋଙ୍କୁ ବନ୍ଧକ ରାଖାଯିବାର ବୈଧତା ଉପରେ ଆଲୋଚନା କରାଯିବ। ସେହିପରି ମାଦୁରୋଙ୍କୁ ଆଜି ଆମେରିକା କୋର୍ଟରେ ହାଜର କରାଯିବ।

## ଆମେରିକା କୋର୍ଟରେ ହାଜର ହେଲେ ମାଦୁରୋ



**ନୂଆଦିଲ୍ଲୀ,୫ ।୧(ଏଜେନ୍ସି):** ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ବିତାଡିତ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ସହ ବହୁ ପୂର୍ବରୁ ଭାରତର ସମ୍ପର୍କ ଥିଲା। ରାଜନୈତିକ ବିପର୍ଯ୍ୟୟ ପୂର୍ବରୁ ମାଦୁରୋ ପତ୍ନୀ ସିଲିଆ ଫ୍ଲୋରେସଙ୍କ ମାଧ୍ୟମରେ ଭାରତରେ ଆଧ୍ୟାତ୍ମିକତାର ସନ୍ଧାନ ପାଇଥିଲେ। ମାଦୁରୋ ଓ ଫ୍ଲୋରେସ ଉଭୟ ସତ୍ୟସାଇଙ୍କ ଅନୁଗାମୀ ଥିଲେ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ଥିଲେ। ଏକ ଖ୍ରୀଷ୍ଟିଆନ ପରିବାରରେ ଓ କ୍ୟାଥଲିକ୍ ଭାବେ ବଢ଼ିଥିବା ମାଦୁରୋ ବିବାହ ପୂର୍ବରୁ ଫ୍ଲୋରେସଙ୍କ ମାଧ୍ୟମରେ ସାଇବାବାଙ୍କ ସହ ଦେଖା କରିବାର ସୁଯୋଗ ପାଇଥିଲେ। ୨୦୦୫ରେ ଉଭୟ ପୁଟ୍ଟପର୍ତ୍ତୀସ୍ଥିତ ପ୍ରଶାନ୍ତି ନିଳୟମ ଆଶ୍ରମରେ ଦୁହେଁ ସତ୍ୟ ସାଇବାବାଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଏହାର ଫଟୋ ଏମେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମାଦୁରୋ କ୍ଷମତାକୁ ଆସିବା ପରେ ସାଇବାବାଙ୍କ ଫଟୋ ମିରାଫ୍ଲୋରେସ ପ୍ୟାଲେସ୍‌ରେ ଥିବା ତାଙ୍କ ବ୍ୟକ୍ତିଗତ କାର୍ଯ୍ୟାଳୟରେ ଲଗାଇଥିଲେ। ୨୦୧୧ରେ ସାଇବାବା ପରଲୋକଗମନ କରିବା ପରେ ସେତେବେଳେ ଭେନେଜୁଏଲାର ବିଦେଶ ମନ୍ତ୍ରୀ ଥିବା ମାଦୁରୋ ଏକ ଶୋକବାର୍ତ୍ତା ମଧ୍ୟ ପଠାଇଥିଲେ। ସେତେବେଳେ ଭେନେଜୁଏଲାରେ ଗୋଟିଏ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଥିଲା। ତାଙ୍କ ପରାମର୍ଶରେ ଭେନେଜୁଏଲା ନ୍ୟାସାନାଲ ଆସେମ୍ବ୍ଲିରେ ସାଇବାବାଙ୍କ ପରଲୋକରେ ଶୋକବାର୍ତ୍ତା ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହିକ୍ରମରେ ଲାଟିନ ଆମେରିକାରେ ଭେନେଜୁଏଲା ଏକ ସାଇବାବା ଭକ୍ତିମାନଙ୍କ ଏବ ସର୍ବବୃହତ ସମ୍ମଳନୀର ଆୟୋଜନ କରିଥିଲା। ଏପରିକି ୨୦୨୪ରେ ଭେନେଜୁଏଲା ତା'ର ଜାତୀୟ ଦିବସ ପାଳନ କରିବା ପାଇଁ ପଠାଇଥିବା ନିମନ୍ତ୍ରଣ ପତ୍ରରେ 'ଓମ୍'ର ଚିହ୍ନ ଚିତ୍ରିତ ହୋଇଥିଲା।

## ଆମେରିକାରେ ଭାରତୀୟ ମହିଳାଙ୍କୁ ହତ୍ୟା

**ୱାସିଂଟନ,୫ ।୧(ଏଜେନ୍ସି):** ଆମେରିକାରେ ଗୋଟିଏ ପରେ ଗୋଟିଏ ଭାରତୀୟଙ୍କ ହତ୍ୟା ଖବର ସାମ୍ନାକୁ ଆସୁଛି। ଏବେ ଆମେରିକାରେ ଆଉ ଜଣେ ଭାରତୀୟ ମହିଳାଙ୍କୁ ହତ୍ୟା କରାଯାଇଛି। ନୂଆବର୍ଷରୁ ନିଖୋଜ ଥିବା ଜଣେ ଭାରତୀୟ ମହିଳାଙ୍କ ମୃତଦେହ ଆମେରିକାର ମେରିଲାଣ୍ଡରେ ତାଙ୍କ ପୂର୍ବତନ ପ୍ରେମିକଙ୍କ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଛି। ମହିଳାଙ୍କ ଶରୀରରେ ଛୁରି ମାଡ଼ର ଚିହ୍ନ ରହିଛି। ଏହି ମାମଲାରେ ପୁଲିସ ତାଙ୍କ ପୂର୍ବତନ ପ୍ରେମିକଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ହାୱାର୍ଡ କାଉଣ୍ଟି ପୁଲିସ ଅନୁଯାୟୀ ୨୭ ବର୍ଷୀୟା ନିକିତା ଗୋଦିଶାଳାଙ୍କ ମୃତଦେହ କଲମ୍ବିଆ ଅଞ୍ଚଳରେ ତାଙ୍କ ପୂର୍ବତନ ପ୍ରେମିକ ଅର୍ଜୁନ ଶର୍ମାଙ୍କ ଆପାର୍ଟମେଣ୍ଟରୁ ମିଳିଛି। ପୁଲିସ ଅର୍ଜୁନ ଶର୍ମାଙ୍କ ବିରୋଧରେ ପ୍ରଥମ ଓ ଦ୍ୱିତୀୟ ଡିଗ୍ରୀ ହତ୍ୟା ପାଇଁ ଗିରଫ ୱରେଣ୍ଟ ଜାରି କରିଥିଲା। ଏବେ ଇଣ୍ଟରପୋଲ ସହାୟତାରେ ଅର୍ଜୁନକୁ ତାମିଲନାଡୁରୁ ଗିରଫ କରାଯାଇଛି। ଅର୍ଜୁନ ଚଣ୍ଡିଗଡ଼ର ଓ ନିକିତା ତେଲଙ୍ଗାନାର ହାଇଦରାବାଦ୍‌ର ବାସିନ୍ଦା ବୋଲି କୁହାଯାଇଛି। ନିକିତା ଇନଷ୍ଟାଗ୍ରାମ୍‌ରେ ବେଶ୍ ସକ୍ରିୟ ଥିଲେ। ପୁଲିସ କହିଛି ଯେ, ଜାନୁଆରୀ ୨ରେ ଅର୍ଜୁନ ଚତୁରତାର ସହ ନିକିତାଙ୍କ ନିଖୋଜ ହେବା ଖବର ରିପୋର୍ଟ କରିଥିଲେ। କିନ୍ତୁ ସେ ସେହିଦିନ ହିଁ ଆମେରିକାରୁ ଭାରତ ପଳିଆସିଥିଲେ। ଅର୍ଜୁନ ଡିସେମ୍ବର ୩୧ରେ ନିକିତାଙ୍କୁ ହତ୍ୟା କରିଥାଇପାରିନ୍ତି ବୋଲି ପୁଲିସ ସନ୍ଦେହ କରୁଛି।

# ଓଏନ୍‌ଜିସି ତେଲ କୂଅରୁ ଗ୍ୟାସ୍ ଲିକ୍



**ହାଇଦରାବାଦ୍,୫ ।୧(ଏଜେନ୍ସି):** ଆନ୍ଧ୍ରପ୍ରଦେଶର କୋନାସୀମା ଜିଲ୍ଲାର ଏକ ଗାଁରେ ସୋମବାର ଓଏନ୍‌ଜିସିର ଏକ କାର୍ଯ୍ୟକାରୀ ତୈଳ କୂପରୁ ଗ୍ୟାସ୍ ଲିକ୍ ହେବା କାରଣରୁ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। କୋନାସୀମା ରଜୋଲ ଅଞ୍ଚଳର ଇରୁସୁମାଣ୍ଡା ଗାଁରେ ଏହି ତୈଳ କୂପ ଅବସ୍ଥିତ। କୂପରୁ ଅସ୍ଥାୟୀ ଭାବେ ଉତ୍ପାଦନ ବନ୍ଦ ହେବା ପରେ ଏକ ୱାର୍କଓଭର ରିଗ୍ ବ୍ୟବହାର କରି ମରାମତି କାର୍ଯ୍ୟ ଚାଲିଥିବା ସମୟରେ ଏହି ଘଟଣା ଘଟିଥିଲା। ମରାମତି ସମୟରେ ଏକ ଶକ୍ତିଶଳୀ ବିସ୍ଫୋରଣ ଯୋଗୁଁ ଆଶୋଧିତ ତୈଳ ମିଶ୍ରିତ ବିପୁଳ ପରିମାଣର ଗ୍ୟାସ ନିର୍ଗତ ହୋଇଥିଲା ଓ ଏହା ଉପରକୁ ଉଠିଥିଲା। ସ୍ଥାନୀୟ ଅଧିକାରୀମାନଙ୍କ କହିବା ଅନୁଯାୟୀ ଲିକ୍ ହୋଇଥିବା ଗ୍ୟାସ ତୁରନ୍ତ ନିଆଁ ଧରିଥିଲା। ଫଳରେ ଘଟଣାସ୍ଥଳରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟସ୍ଥ ଗ୍ରାମବାସୀ ଓ କର୍ତ୍ତୃପକ୍ଷ ଉଭୟଙ୍କୁ ଚିନ୍ତିତ କରିଥିଲା। ଇରୁସୁମାଣ୍ଡା ଓ ଆଖପାଖ ଅଞ୍ଚଳରେ ଘନ କୁହୁଡି ପରି ଗ୍ୟାସ ଓ ଧୂଆଁର ଘନ ମେଘ ବ୍ୟାପୀ ଯାଇଥିଲା। ଏହି ଘଟଣାରେ କୌଣସି ଲୋକ ମୃତାହତ ହେବାର କିମ୍ବା ଆହତ ହେବାର ସୂଚନା ମିଳିନାହିଁ।

**ଆନ୍ଧ୍ରପ୍ରଦେଶ ଗାଁରେ ବ୍ୟାପକ ସ୍ଥାନାନ୍ତର**

ଏହାପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ପାଇଁ ସତର୍କତ ଜାରି କରାଯାଇଥିଲା। କର୍ତ୍ତୃପକ୍ଷ ଡାକବାଜୀ ଯନ୍ତ୍ରରେ ଗାଁ ଲୋକଙ୍କୁ ବିଦ୍ୟୁତ ଉପକରଣ ଚାଲୁ ନକରିବା ପାଇଁ ଓ ଚୁଲି ନ ଜଳାଇବା ପାଇଁ ଘୋଷଣା କରିଥିଲେ। ପଞ୍ଚାୟତ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଗାଁ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର ହେବାକୁ ଅନୁରୋଧ କରିଥିଲେ। ଫଳରେ ଅନେକ ବାସନ୍ଦା ସେମାନଙ୍କ ଘରୁ ପଳାଯାଇଯାଇଥିଲେ ଓ ସେମାନଙ୍କୁ ଗୋରୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ। ଓଏନ୍‌ଜିସି କର୍ମଚାରୀମାନେ ଲିକ୍ ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳକୁ ଆସିଥିଲେ। ଏହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିବା ବେଳେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

## ଆମେରିକା ଉପ-ରାଷ୍ଟ୍ରପତି ଭାନ୍ସଙ୍କ ଘର ଉପରେ ଆକ୍ରମଣ

**ୱାସିଂଟନ, ୫।୧ (ଏଜେନ୍ସି):** ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଉପରେ ଆକ୍ରମଣ କରାଯାଇଛି। ଓହିଓ ରାଜ୍ୟର ସିନସିନାଟି ସ୍ଥିତ ଘରେ ରବିବାର ରାତି ୧୨ଟା ୧୫ରେ ହୋଇଥିବା ଏହି ଆକ୍ରମଣରେ ଝରକା ଭାଙ୍ଗି ଯାଇଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ମାତ୍ର ସେ ଉପ-ରାଷ୍ଟ୍ରପତିଙ୍କ ଘରେ ପ୍ରବେଶ କରି ନ ଥିଲେ ବୋଲି ଜଣାପଡ଼ିଛି। ଏବେ ପୁଲିସ ମାମଲାର ତଦନ୍ତ କରୁଛି। ଜଣେ ଆକ୍ରମଣ କରି ଦୌଡ଼ି ପଳାଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ପୁଲିସ ସୂଚନା ଅନୁଯାୟୀ, ଏହି ସମୟରେ ଉପ-ରାଷ୍ଟ୍ରପତି ଏବଂ ତାଙ୍କ ପରିବାର ସଦସ୍ୟ ଘରେ ନ ଥିଲେ।

ସେ ସପ୍ତାହେ ହେଲା ଏଠାରେ ରହୁଥିବାବେଳେ ରବିବାର ଦ୍ୱିପହରେ ରାଜଧାନୀ ଫେରିଥିଲେ। ସେ ଏହି ଘରେ ୧୪ ଲକ୍ଷ ଡଲାର ଖର୍ଚ୍ଚ କରିଛନ୍ତି। ୨.୩ ଏକର ଜାଗାରେ ତାଙ୍କ ଘର ରହିଛି। ଜାଣିଶୁଣି ଏଭଳି ଆକ୍ରମଣ କରାଯାଇଛି କି ଏହା ପଛରେ ଆଉ କୌଣସି କାରଣ ଅଛି ତାହା ଜାଣିବା ପାଇଁ ପ୍ରୟାସ ଜାରି ରହିଛି। ଏହାକୁ ନେଇ ହ୍ୱାଇଟ ହାଉସ ଏବଂ ସିକ୍ରେଟ ସର୍ଭିସ ପକ୍ଷରୁ ସୂଚନା ମଗାଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇ ନାହିଁ।

## ସମ୍ପତ୍ତି ପାଇଁ ବାପା, ଭଉଣୀ, ଭାଣିଜୀକୁ ହତ୍ୟା

**ପ୍ରୟାଗରାଜ, ୫।୧ (ଏଜେନ୍ସି):** ଉତ୍ତର ପ୍ରଦେଶ ପ୍ରୟାଗରାଜର ମଉଆଇମା ଥାନା ଅନ୍ତର୍ଗତ ଲୋକପୁର ବିସାନି ଗାଁରୁ ବିଚଳିତ କରିବା ଭଳି ମାମଲା ସାମ୍‌ନାକୁ ଆସିଛି। ଏଠାରେ ସମ୍ପତ୍ତି ପାଇଁ ବାପା, ଭଉଣୀ ଏବଂ ଭାଣିଜୀକୁ ଅପହରଣ କରି ବଡ଼ ପୁଅ ଅତି ନିର୍ମମ ଭାବେ ହତ୍ୟା କରିଛି। ପରେ ମୃତଦେହକୁ ନେଇ କୂଅରେ ଫୋପାଡ଼ି ଦେଇଛି। ୧.୫ କୋଟିର ସମ୍ପତ୍ତି ପାଇଁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ବଡ଼ ପୁଅ ମୁକେଶ ପଟେଲ ଉପରେ କ୍ଷୁବ୍ଧ ହୋଇ ବାପା ରାମ ସିଂହ (୫୫) ୪.୫ ବିଘା ଜମି ଏବଂ ଘରକୁ ସାନ ପୁଅ ନାମରେ କରି ଦେଇଥିଲେ। ଏହା ଜାଣିବା ପରେ ମୁକେଶ ସହି ପାରି ନ ଥିଲେ। ବାପା, ଭଉଣୀ ସାଧନା ଦେବୀ (୨୧) ଏବଂ ବଡ଼ ଭଉଣୀ କିରଣଙ୍କ ଝିଅ ତଥା ଭାଣେଜୀ ଆସ୍ଥା (୧୪)ଙ୍କୁ ଶୁକ୍ରବାର ରାତିରେ ମୁକେଶ ଅପହରଣ କରି ନେଇଥିଲା। ସୋମବାର ଅଭିଯୁକ୍ତକୁ ଗିରଫ କରାଯାଇଛି। ପୁଲିସ ତାକୁ ନେଇ ଘଟଣାସ୍ଥଳରେ ପହଞ୍ଚିଛି। କୂଅରୁ ମୃତଦେହ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି।

## ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଆକ୍ରମଣ କରିନି: ଟ୍ରମ୍ପ

**ୱାସିଂଟନ,୫ ।୧(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଥିବା ଦାବିକୁ ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ୱୀକାର କରିଛନ୍ତି। ଗତ ସପ୍ତାହରେ ୟୁକ୍ରେନ ପୁଟିନଙ୍କ ବାସଭବନକୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରି ନଥିଲା ବୋଲି ସେ କହିଛନ୍ତି। ଆମେରିକାର ଜାତୀୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ତେଣୁ ଏଭଳି ଆକ୍ରମଣ ହୋଇଛି ବୋଲି ମୁଁ ବିଶ୍ୱାସ କରେନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଗତ ସପ୍ତାହରେ ରୁଷ ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭାରୋଭ ଦାବି କରିଥିଲେ ଯେ, ୟୁକ୍ରେନ ଉତ୍ତର- ପଶ୍ଚିମ ନୋଭୋଗୋରାଡ ଅଞ୍ଚଳରେ ଥିବା ପୁଟିନଙ୍କ ସରକାରୀ ବାସଭବନ ଉପରେ ଡ୍ରୋନ ଆକ୍ରମଣ କରିଥିଲା। ଏହାକୁ ରୁଷିଆ ଅବଶ୍ୟ ପଣ୍ଡ କରିଥିଲା। ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟରେ ୟୁକ୍ରେନର ଏପରି ପଦକ୍ଷେପ ଭୁଲ ଥିଲା ବୋଲି ଲାଭାରୋଭ କହିଛନ୍ତି। ଅବଶ୍ୟ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି ଏହାକୁ ତୁରନ୍ତ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଟ୍ରମ୍ପ ରୁଷିଆର ଦାବିକୁ ଗମ୍ଭୀରତା ସହ ଗ୍ରହଣ କରିଥିଲେ।

## ପାକିସ୍ତାନରେ ପଞ୍ଜାବୀ ମହିଳା ଗିରଫ

**ଅମୃତସର,୫ ।୧(ଏଜେନ୍ସି):** ଭାରତରୁ ପାକିସ୍ତାନ ଯାଇ ସେଠାରେ ଧର୍ମ ବଦଳାଇ ଜଣେ ମୁସ୍‌ଲିମ୍ ବ୍ୟକ୍ତିଙ୍କୁ ବିବାହ କରିଥିବା ପଞ୍ଜାବୀ ମହିଳା ସରବଜିତ କୌରଙ୍କୁ ଗିରଫ କରାଯାଇଛି। ସରବଜିତଙ୍କ ସମେତ ତାଙ୍କ ପାକିସ୍ତାନୀ ପତି ନାସିର ହୁସେନଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଟାରୀ ବର୍ଡର ଦେଇ ସୋମବାର ସରବଜିତଙ୍କୁ ଭାରତ ପଠାଯିବାର କାର୍ଯ୍ୟକ୍ରମ ରହିଛି। ୫୨ ବର୍ଷୀୟା ସରବଜିତ ନଭେମ୍ବର ୪ରେ ଶ୍ରୀ ଗୁରୁନାନକ ଦେବଙ୍କ ପ୍ରକାଶ ପର୍ବ ପାଇଁ ୧୯୩୨ ଜଣିଆ ଶିଖ ଶ୍ରଦ୍ଧାଳୁଙ୍କ ଏକ ଦଳ ସହ ପାକିସ୍ତାନ ଯାତ୍ରା କରିଥିଲେ। କିନ୍ତୁ ସେ ସେଠାକୁ ଯାଇ ନାସିର ହୁସେନଙ୍କୁ ବିବାହ କରିଥିଲେ। ବିବାହ କରିବାକୁ ସେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ ଓ ନିଜ ନାମ ବଦଳାଇ ନୁର ହୁସେନ ରଖିଥିଲେ। ପାକିସ୍ତାନ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ପିଏସ୍‌ଜିଏମ୍‌ସି) ଓ ପାକିସ୍ତାନର ପଞ୍ଜାବ ସରକାର ତାଙ୍କୁ ଗରିଫ କରାଯିବା ନେଇ ସୂଚନା ଦେଇଛନ୍ତି। ଏବେ ସରବଜିତଙ୍କୁ ଭାରତ ପଠାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ମାମଲା ଲାହୋର ହାଇକୋର୍ଟରେ ମଧ୍ୟ ପହଞ୍ଚିଥିଲା।

# ମଧ୍ୟପ୍ରଦେଶରେ ଘନ କୁହୁଡ଼ି; ୧୯ ଟି ଜିଲ୍ଲାରେ ସ୍କୁଲ୍ ବନ୍ଦ

**ନୂଆଦିଲ୍ଲୀ,୫ ।୧(ଏଜେନ୍ସି):** ସାରା ଉତ୍ତର ଭାରତରେ ଶୀତଲହର ଜାରି ରହିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡର ପର୍ବତମାଳାରେ ପ୍ରବଳ ତୁଷାରପାତ ଯୋଗୁ ଦେଶର ସମତଳ ଅଞ୍ଚଳରେ ମଧ୍ୟ ଥଣ୍ଡା ବୃଦ୍ଧି ପାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶୀତ ଲହରୀ ଓ ଘନ କୁହୁଡି ଅନୁଭୂତ ହୋଇଛି। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ ଦୃଶ୍ୟମାନ ଦୂରାତା ୨୦ ମିଟରରୁ କମ୍ ରହିଛି। ରାଜ୍ୟରେ ୧୯ଟି ଜଲ୍ଲାରେ ପ୍ରବଳ ଶୀତ କାରଣରୁ ସ୍କୁଲ ବନ୍ଦ କରାଯାଇଛି। ଜାଡ଼ କାରଣରୁ ଭୋପଳା ଓ ଧାରରେ ସ୍କୁଲ ସମୟ ସକାଳ ୯.୩୦କୁ ପରିବର୍ତ୍ତନ କରାଯାଇଛି।

ଘନ କୁହୁଡି ଓ ତୁଷାରପାତ ଯୋଗୁ ଦେଶର ବିଭିନ୍ନ ଅଞ୍ଚଳରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀ-ଏନ୍‌ସିଆରରେ ମଧ୍ୟ ଘନ କୁହୁଡି କାରଣରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୭ଟି ବିମାନ ବାତିଲ ହୋଇଥିବା ବେଳେ ୩୬ଟି ବିମାନ ବିଳମ୍ବିତ ହୋଇଥିଲା। ଏୟାରଲାଇନ ଅପରେସର ଓ ବିମାନ ବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେପଟେ ଉତ୍ତରପ୍ରଦେଶରେ କୁହୁଡି ଯୋଗୁ ସୋମବାର ମୁଜାଫରନଗର ଓ ଆଗ୍ରା ସଡ଼କରେ ଦୁର୍ଘଟଣା ଘଟିଛି ଓ ଏଥିରେ ୯ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଛନ୍ତି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି। ରାଜଧାନୀ ଲକ୍ଷ୍ନୌ ସମେତ ୧୦ଟି ସହରରେ ମେଘୁଆ ଆକାଶ ଏବଂ ୧୦ରୁ ୧୫ କିମି ବେଗରେ ଥଣ୍ଡା ପବନ ବହିଛି। ପ୍ରବଳ ତୁଷାରପାତ ଯୋଗୁଁ ସୋମବାର ଲଦାଖରେ ସମସ୍ତ ବିମାନ ଚଳାଚଳ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ୦.୬ ସେମିର ତୁଷାରପାତ ହୋଇଛି। ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଲଦାଖକୁ ପ୍ରତିଦିନ ୧୦ରୁ ୧୫ଟି ବିମାନ ଆସିଥାଏ ଓ ପ୍ରସ୍ଥାନ ମଧ୍ୟ କରିଥାଏ। ଅନ୍ୟପଟେ ରବିବାର ରାଜସ୍ଥାନରେ ଋତୁର ସବୁଠାରୁ ଥଣ୍ଡା ଦିନ ଓ ରାତି ଅନୁଭୂତ ହୋଇଛି। ଜଣାଶୁଣା ଶୈଳନିବାସ ମାଉଣ୍ଟ ଆବୁରେ କ୍ରମାଗତ ତୃତୀୟ ଦିନ ପାଇଁ ତାପମାତ୍ରା ଶୂନ ତଳକୁ ଖସିଛି। ରାଜସ୍ଥାନର ୭ଟି ସହରରେ ରାତିର ତାପମାତ୍ରା ୫ ଡିଗ୍ରୀ ତଳକୁ ଖସିଛି। ଆଗାମୀ ସପ୍ତାହରେ ଥଣ୍ଡା ଓ ଏହି ସ୍ଥିତି ବଜାୟ ରହିବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। କେଦାରନାଥରେ ଚଳିତ ଋତୁରେ ଦ୍ୱିତୀୟଥର ପାଇଁ ତୁଷାରପାତ ହୋଇଛି। ଫଳରେ ତାପମାତ୍ରା ବିଯୁକ୍ତ ୧୭ ଡିଗ୍ରୀରେ ପହଞ୍ଚିଛି। ଆଗାମୀ ଦୁଇ ଦିନରେ ପଞ୍ଜାବ, ହରିୟାଣା, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼ରେ କୋଲ୍ଡୱେଭ ଅର୍ଥାତ ଶୀତଲହର ଜାରି ରହିବ। ସେହିପରି ପାହାଡି ରାଜ୍ୟଗୁଡ଼ିକରେ ତୁଷାରପାତ ହେବ ବୋଲି ଅନୁମାନ କରାଯାଇଛି।

- ୟୁପିରେ ୯ଟି ଗାଡ଼ି ଧକ୍କା; ୫ ମୃତ
- ଦିଲ୍ଲୀ ବିମାନ ବନ୍ଦରରେ ୭ ବିମାନ ବାତିଲ, ୩୬ ବିଳମ୍ବ

■ ଲକ୍ଷ୍ମୀ ବସ୍ ଯାତ୍ରୀ ଭଡ଼ା ଟଙ୍କା ଆତ୍ମସାତ୍ ଘଟଣା

# ପଶ୍ଚିମବଙ୍ଗରୁ ସୁପରଭାଇଜର ଗିରଫ

ବାରିପଦା, ୫ ।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଏସ୍ଆରଟିସି ପରିଚାଳିତ ମୁଖ୍ୟମନ୍ତ୍ରୀ ବସ୍‌ର ଲକ୍ଷାଧିକ ଯାତ୍ରୀ ଭଡ଼ା ଟଙ୍କା ଆତ୍ମସାତ୍ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ବିଶୋଇ ପୁଲିସ ପଶ୍ଚିମବଙ୍ଗରୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ହେଲେ, ବିଶୋଇ ବ୍ଲକ୍ ସୁପରଭାଇଜର୍ ଲଳିତ ବାରିକ। ସେ ଦୀର୍ଘଦିନ ଧରି ଫେରାର୍ ଥିଲେ। ବିଶୋଇ ଥାନା ସବଇନ୍ସପେକ୍ଟର ଘନଶ୍ୟାମ ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗ ପୁଲିସ୍ ସହାୟତାରେ ଝାଡ଼ଗ୍ରାମ ଥାନା ଅନ୍ତର୍ଗତ ରାଧାପଡ଼ା ଗ୍ରାମର ତାଙ୍କ ସମ୍ପର୍କୀୟଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଲଳିତଙ୍କୁ ଗିରଫ କରିଥିବା ଜଣାଯାଇଛି।

ଲଳିତ ଓଏସ୍ଆରଟିସିର ବିଶୋଇ ବ୍ଲକ୍‌ରେ ଚାଲୁଥିବା ଲକ୍ଷ୍ମୀ ବସ୍ ଦାୟିତ୍ୱରେ ଥିବା ବେଳେ ୨୦୨୪-୨୫ ଓ ୨୦୨୫-୨୬ ଦୁଇ ଆର୍ଥିକ ବର୍ଷର ଯାତ୍ରୀ ଭଡ଼ା ଟଙ୍କା ୧୭ ଲକ୍ଷ ୩୦ ହଜାର ୪୪୪ ଟଙ୍କା ଆତ୍ମସାତ୍ କରି ନକଲି ବ୍ୟାଙ୍କ ଭାଉଚର୍ ମୟୂରଭଞ୍ଜ ଜିଲ୍ଲା ଓଏସଆରଟିସି କାର୍ଯ୍ୟାଳୟରେ ଜମା କରିଥିଲେ। ଏହା ଜଣାପଡ଼ିବା ପରେ ଓଏସଆରଟିସିର ଅଧିକାରୀ ତାଙ୍କ ନାମରେ ଥାନାରେ ଅଭିଯୋଗ କରିବା ପରିବର୍ତ୍ତେ ଆପୋଷ



ବୁଝାମଣା କରିଥିଲେ। ସେ ଆତ୍ମସାତ୍ କରିଥିବା ଅର୍ଥ ମଧ୍ୟରୁ ମାତ୍ର ୧ ଲକ୍ଷ ୬୪ ହଜାର ୫ ଶହ ଟଙ୍କା ପୈଠ କରି ଚୁପଚାପ୍ ବସି ରହିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ପଦାଧିକାରୀ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବା ପରେ ଗିରଫଦାରୀ ଭୟରେ ଲଳିତ ଫେରାର୍ ହୋଇଯାଇଥିଲେ।

# ଲାଞ୍ଚ ନେଇ ୨ ଇଞ୍ଜିନିୟର୍ ଗିରଫ

ବାରିପଦା, ୫ ।୧(ସମିସ): ଲାଞ୍ଚ ନେବା ଅଭିଯୋଗରେ ଉଠା ଜଳସେଚନ ନିଗମର ଉଦଳା ଉପଖଣ୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ୨



ଇଞ୍ଜିନିୟରଙ୍କୁ ଭିଜିଲାନ୍ସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ହରେକୃଷ୍ଣ ସିଂ ଓ କନିଷ୍ଠ ଯନ୍ତ୍ରୀ (ଜେଇ) ସୁବ୍ରତ ମହାନ୍ତି। ଜଣେ ଠିକାଦାରଙ୍କଠାରୁ କିସ୍ତି ଭାବେ ୬୦ ହଜାର ଟଙ୍କା (ଏଇଇଙ୍କ ଅଂଶ ୩୨ ହଜାର ଓ ଜେଇଙ୍କ ଅଂଶ ୨୮ ହଜାର) ଲାଞ୍ଚ ନେଉଥିବା ବେଳେ ଉଭୟଙ୍କୁ ଭିଜିଲାନ୍ସ ଟିମ୍ ଧରିଛି। ଠିକାଦାରଙ୍କ ଦ୍ୱାରା ଶେଷ ହୋଇଥିବା ୨୫ଲକ୍ଷ ଟଙ୍କାର ପ୍ରକଳ୍ପର ବକେୟା ବିଲ୍ (ପ୍ରାୟ ୫ ଲକ୍ଷ) ଓ ସିକ୍ୟୁରିଟି ଡିପୋଜିଟ୍ ଛାଡ଼ିବା ପାଇଁ ଏହି ଦୁଇ ଅଧିକାରୀ ୪.୫% ହାରରେ ମୋଟ ୧.୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସଂପର୍କରେ ଠିକାଦାରଜଣଙ୍କ ଭିଜିଲାନ୍ସ ନିକଟରେ ଅଭିଯୋଗ କରିବାରୁ ଦୁହିଁଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଗିରଫ ପରେ ଶ୍ରୀ ସିଂଙ୍କ ୨ଟି ସ୍ଥାନ ଓ ଶ୍ରୀ ମହାନ୍ତିଙ୍କ ୩ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି ଓ ବିସ୍ତୃତ ରିପୋର୍ଟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। କନିଷ୍ଠ ଯନ୍ତ୍ରୀ ବାରିପଦା କାର୍ଯ୍ୟାଳୟର ହୋଇଥିବା ବେଳେ ଉଦଳା କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିଲେ।

## ସରକାର-ମିଲରଙ୍କ କଳିରେ ଚାଷୀ କଲବଲ

# 'ମକର' ଆଶା ଛାଡ଼ିଦେଲାଣି ଚାଷୀ

ବାରିପଦା, ୫ ।୧(ସମିସ): ମୟୂରଭଞ୍ଜର ଧାନ ଚାଷୀ ଏବେ ପ୍ରମାଦ ଗଣିବା ଆରମ୍ଭ କଲାଣି। ରାଜ୍ୟ ମିଲର୍ ସଂଘ ଡାକରାରେ ସୋମବାରଠାରୁ ଜିଲ୍ଲାରେ ସରକାରୀ ଧାନକିଣା ବନ୍ଦ ରହିଥିବାରୁ ଚାଷୀର ଚିନ୍ତା

■ ମିଲରଙ୍କ ଧର୍ମଘଟ; ୯ ଦିନ ପରେ ଧାନକିଣା ବନ୍ଦ
■ ୧୩.୮୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ
■ କିଣା ହୋଇଛି ୮୩ ହଜାର କ୍ୱିଣ୍ଟାଲ ଧାନ
■ ଜିଲ୍ଲାରେ ସବୁ ମଣ୍ଡି ବି ଖୋଲିନି

ବଢ଼ିଯାଇଛି। ବିଳମ୍ବରେ ହେଲେ ହେଁ ୯ ଦିନ ତଳେ ଜିଲ୍ଲାରେ ଧାନକିଣା ଆରମ୍ଭ ହୋଇଥିବାରୁ ଚାଷୀର ଆଶା ବଢ଼ିଥିଲା। କିନ୍ତୁ, ସରକାର-ମିଲର୍‌ଙ୍କ କଳି ଏବେ ତାକୁ ଅଡୁଆରେ ପକାଇ ଦେଇଛି। ଖଳାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଗଦାଇ ଭଗବାନ ଭରସାରେ ରହିଛି। ଆଗକୁ ମୟୂରଭଞ୍ଜର ଗଣପର୍ବ ମକର। ସପ୍ତାହ ପୂର୍ବରୁ ହାତକୁ ଟଙ୍କା ଆସିଥିଲେ, ନୂତନ ପୋଷାକ, ପିଠାପଣା ସାମଗ୍ରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ଉଠିଯାଇଥା'ନ୍ତା ବୋଲି ଚିନ୍ତା କରିଥିଲା। କିନ୍ତୁ ବର୍ତ୍ତମାନ ସେ ଆଶା ବି ଅନେକଙ୍କର ମରିଗଲାଣି। ଖୁସିବାସୀ କଥା ଭୁଲି ଆଗ ମହାଜନ ଟଙ୍କା କେମିତି ଶୁଝିବ, ସେ ଚିନ୍ତା ତାକୁ ଘାରିଲାଣି। ଭାଗଚାଷୀଙ୍କ କଥା ଆହୁରି ଦୁର୍ବିଷହ। ମକର ପୂର୍ବରୁ ଧାନବିକ୍ରି ଅର୍ଥରୁ ଜମି ମାଲିକଙ୍କୁ ବକେୟା ପାଉଣା କେମିତି ଭରଣା କରିବ, ତାହା ଜାଣିପାରୁନି। ଏ ଅଚଳାବସ୍ଥା କେତେଦିନ ଜାରି ରହିବ, ପରିସ୍ଥିତି ସୁଧୁରିବ କି ନାହିଁ; ତାକୁ ଅନେଇ ନ ବସି ବହୁ ଚାଷୀ ଏବେ ଗାଁ ଦଲାଲଙ୍କୁ ଧାନ ବିକିବା ଆରମ୍ଭ କଲେଣି। ସରକାରୀ ଦର ୩୧୦୦ ଟଙ୍କାକୁ ଆଉ ଲୋଭ ନ ରଖି ଗାଁ ଦଲାଲଙ୍କୁ କ୍ୱିଣ୍ଟାଲ ପ୍ରତି ୧୮୦୦ ଟଙ୍କା ଦରରେ ବିକିଲେଣି।

ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୫୫ହଜାର ୯୩୮ ପଞ୍ଜିକୃତ ଚାଷୀଙ୍କଠାରୁ ୧୦୩ଟି ମଣ୍ଡି ଓ ୫୨ଟି ଲ୍ୟାମ୍ପସ ମାଧ୍ୟମରେ ୧୩ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ମଣ୍ଡି ଖୋଲିବା ଦିନ, ଡିସେମ୍ବର ୨୬ରୁ ଜାନୁଆରୀ ୩ ପର୍ଯ୍ୟନ୍ତ ମାତ୍ର ୯ ଦିନରେ ୯୭ଟି ମଣ୍ଡିରୁ ୮୩ ହଜାର ୧୫୮.୨୧ କ୍ୱିଣ୍ଟାଲ ଧାନ କିଣାଯାଇଛି। ଉଦଳା ଉପଖଣ୍ଡର ୪ଟି, କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡର ଗୋଟିଏ ଲେଖାଏଁକୁ ମିଶାଇ ୬ଟି ମଣ୍ଡି ଏପର୍ଯ୍ୟନ୍ତ ଖୋଲିପାରିନି। ଏପରି ସ୍ଥିତିରେ ଏବେ ମିଲରଙ୍କ ଧର୍ମଘଟ ଧାନର ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରିଛି। ଗାଁ



ଗାଁରେ ଦଲାଲ ବୁଲି ଚାଷୀଙ୍କଠାରୁ ଢେର୍ କମ ଦରରେ ଧାନ କିଣୁଥିବା ଦେଖାଯାଉଛି। ଉକ୍ତ ଧାନକୁ ସେମାନେ ମହଜୁଦ ରଖି ପରେ ମଣ୍ଡିରେ ବିକି ମୋଟା ଅଙ୍କର ରୋଜଗାର କରିବାକୁ ମସୁଧା ଚଳାଇଛନ୍ତି। କେତେକ ସ୍ଥାନରେ ଦଲାଲଙ୍କ ସହ ଲ୍ୟାମ୍ପସ କର୍ମଚାରୀ ଓ ମିଲ୍ କର୍ମଚାରୀ ଏହି କାରବାରରେ ଜଡ଼ିତ ଅଛନ୍ତି।

ଅନ୍ୟପକ୍ଷରେ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୪୦୦ରୁ ଅଧିକ ଟୋକନ୍ ବଣ୍ଟନ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୬୦ଟି ଟୋକନ୍ ଦିଆଯାଇଛି। ଏହାର ଅବଧି ଏକ ମାସ ରହିଥିବା ବେଳେ ଏହି ସମୟ ଯିବା ପରେ ପୁନଃ ଟୋକନ୍ ପ୍ରଦାନ ନେଇ ସମସ୍ୟା ଆସିବ। ଏହାର ସୁଯୋଗ ନେଇ ଧାନ ବିକ୍ରିରେ ଚଞ୍ଚକତା ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ, ଜିଲ୍ଲାସ୍ତରରେ ନୋଡାଲ ଅଫିସର୍, ସମସ୍ତ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ଓ ୪/୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜିଂ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲେ ହେଁ ଧାନକିଣାରେ ଅବ୍ୟବସ୍ଥା ପୂର୍ବ ବର୍ଷମାନଙ୍କଠାରୁ ବଳି ପଡ଼ିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା କହିଛନ୍ତି, ସୋମବାର ମିଲର ଧର୍ମଘଟ ପାଇଁ ଧାନକିଣା ବନ୍ଦ ରହିଛି। ପ୍ରତ୍ୟେକ ଧାନମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥି ନିମନ୍ତେ ରେଜିଷ୍ଟର୍ ରଖାଯାଇ ମାନ ଯାଞ୍ଚ ତଥ୍ୟ ଓ କୃଷକଙ୍କ ନାମ ଉଲ୍ଲେଖ କରାଯିବାକୁ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରହିଥିବା ବେଳେ ନୋଡାଲ ଅଫିସର୍ ଯାଞ୍ଚ କରୁଛନ୍ତି। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ଗ୍ରେନ୍ ଆନାଲାଇଜର୍ ଯନ୍ତ୍ରର ବ୍ୟବହାର କରାଯିବ ଓ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମାପଯନ୍ତ୍ର ସହ ସିସିଟିଭି କ୍ୟାମେରା ଲଗାଯାଇ ଧାନ କିଣାଯିବ ବୋଲି ଜଣାପଡ଼ିଛି। ଧାନ ମିଳିବାର ୪୮ ଘଣ୍ଟା ମଧ୍ୟରେ ଯେପରି ଚାଷୀ ଟଙ୍କା ପାଇବେ, ସେଥିପାଇଁ କେୱାସିକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

# ପଠନ ଦକ୍ଷତା ବଢ଼ାଇବ 'ପଢ଼ିବା ଗଢ଼ିବା ଓଡ଼ିଶା'

ଭୁବନେଶ୍ୱର, ୫ ।୧(ସମିସ): ଛାତ୍ରଛାତ୍ରୀଙ୍କ ପଠନ ଦକ୍ଷତା ବଢ଼ାଇବା ପାଇଁ ପିଏମ୍‌ଶ୍ରୀ ବିଦ୍ୟାଳୟରେ 'ପଢ଼ିବା ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ପାଳନ ହେବ। ମୌଖିକ ଭାଷା ବିକାଶ, ଧ୍ୱନୀ ବା ସାଂକେତିକ ଭାଷା, କମ୍ପ୍ରିହେନସନ୍ ପଠନ ଏବଂ ଲେଖା ଦ୍ୱାରା ଭାବପ୍ରକାଶ କରିବା ଆଦି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯିବ। ବିଦ୍ୟାଳୟ ସ୍ତରରେ ଆସନ୍ତାକାଲି ଅର୍ଥାତ୍ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହେବ। କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ତହିଁରୁ କୃତକାର୍ଯ୍ୟ ହେଉଥିବା ପିଲାମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ମାନଙ୍କୁ ଅବଗତ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରତି ପିଏମ୍‌ଶ୍ରୀ ବିଦ୍ୟାଳୟକୁ ୪୦ ହଜାର ଲେଖାଏଁ ଅନୁଦାନ ଦିଆଯାଇଛି।

ଢେଙ୍କାନାଳରେ ଖଣି ବିସ୍ଫୋରଣ ଅତ୍ୟନ୍ତ ନିନ୍ଦନୀୟ

# ସରକାରୀ ଛତ୍ରଛାୟାରେ ଖଣି ଲୁଟ୍: ବିଜେଡି

ଭୁବନେଶ୍ୱର, ୫।୧(ସମିସ): ଢେଙ୍କାନାଳ ଜିଲ୍ଲାର ଗୋପାଳପୁର ଗାଁର ଏକ ପଥର ଖଣିରେ ବିସ୍ଫୋରଣ ଘଟଣାରେ ୨ଜଣଙ୍କର ମୃତ୍ୟୁ ହେବା ଘଟଣାକୁ ନେଇ ବିଜେଡି ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ସରକାରୀ ଛତ୍ରଛାୟାରେ ରାଜ୍ୟବ୍ୟାପୀ ଖଣି ଲୁଟ୍ ଚାଲିଛି ବୋଲି ଅଭିଯୋଗ କରିଛି ବିଜେଡି।

ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଢେଙ୍କାନାଳରେ ଉକ୍ତ ପଥର ଖଣିରେ ବ୍ଲାଷ୍ଟିଂ ଅନୁମତି ୩୦ ସେପ୍ଟେମ୍ବର ୨୦୨୫ରେ ଶେଷ ହୋଇଥିଲା ବେଳେ ଏହାର ଲିଜ୍ ଅବଧି ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିଲା। ନିକଟରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଓଡ଼ିଶାରେ ଖଣିଜ ଲୁଟ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଏବଂ ବାଲେଶ୍ୱରର ସାଂସଦ ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲି ଖଣି ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଏହା ହିଁ ଦର୍ଶାଉଛି ଯେ ସରକାରୀ ପ୍ରରୋଚନାରେ ଓଡ଼ିଶା ସାରା ଖଣି ଲୁଟ୍ ଚାଲିଛି। ଫଳରେ ଗୁରୁ ଖଣିଜ ରାଜସ୍ୱ ଆଦାୟ ୫୦ ହଜାର କୋଟିରୁ ଖସି ୩୪ହଜାର କୋଟିରେ ପହଞ୍ଚିଛି। ସେହିଭଳି ଲଘୁ ଖଣିଜ ରାଜସ୍ୱ ଆଦାୟ ୧୪ଶହ ୮୫କୋଟିରୁ ଖସି ୬ଶହ କୋଟିରେ ପହଞ୍ଚିଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ବିଜେପି ସରକାର ଖଣିଜଗର୍ଭା ଓଡ଼ିଶାକୁ ଯେପରି ଲୁଟ୍ କରିଚାଲିଛି, ସମସ୍ତ ଖଣିଜ ସଂପଦ ଆଗାମୀ ୫ବର୍ଷ ମଧ୍ୟରେ ଶେଷ ହୋଇଯିବ। ପ୍ରଥମେ ଏହି ଘଟଣାର ସଂଜ୍ଞାନ ନେଇ ବିସ୍ଫୋରଣ ଘଟାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ବେଆଇନ ବିସ୍ଫୋରଣ କରିଥିବାରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି କରିଛି।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୬ତମ ପାଳି

# ୧୫ ପାଳି ସୁଦ୍ଧା ୯୫ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର, ୫।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୬ ତମ ଅଭିଯୋଗ ଶୁଣାଣିରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି। ସବୁଥର ପରି ମୁଖ୍ୟମନ୍ତ୍ରୀ ଆଜି ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ

■ ଆଜି ସୁଦ୍ଧା ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି
■ ୭ଜଣ ମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଲେ

ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ଶତକଡ଼ା ୯୫ ପ୍ରତିଶତ ଅର୍ଥାତ୍ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡିକ ସମାଧାନ ପ୍ରକ୍ରିୟା ମଧ୍ୟରେ ରହିଛି। ଏଥିସହିତ ଜନ ଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଯୋଗେ ଆସିଥିବା ୧,୪୯,୪୧୮ ଅଭିଯୋଗ ମଧ୍ୟରୁ ୧,୩୦,୮୪୫ ଅର୍ଥାତ୍ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଏ ସଂପର୍କରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କର ବହୁଦିନର ସମସ୍ୟାର ସମାଧାନ ହୋଇପାରୁଛି। ସାଧାରଣ ଲୋକମାନେ ନ୍ୟାୟ ପାଇପାରୁଛନ୍ତି।



ଏଥିଯୋଗୁଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ରବି ନାରାୟଣ ନାୟକ, ଡ. ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଗଣେଶ ରାମ ସିଂହ ଖୁଣ୍ଟିଆ ଏବଂ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# ଖୁବ୍‌ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ବାଘ: ମନ୍ତ୍ରୀ

ଭୁବନେଶ୍ୱର, ୫ ।୧(ସମିସ): ଖୁବ୍‌ଶୀଘ୍ର ଦେବ୍ରିଗଡ଼କୁ ଆସିବେ ୨ ନୂଆ ବାଘ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ସହ ଏନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଧାରରେ ରାଜ୍ୟକୁ ଏହି ୨ ନୂଆ ବାଘ ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଦେବ୍ରିଗଡ଼କୁ ୨ଟି ବାଘ ଆଣିବା ପାଇଁ ଯୋଜନା ଅଛି। ଏଥିପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଦରକାର। ଆମେ ସେମାନଙ୍କ ସହ ଆଲୋଚନା ଜାରି ରଖିଛୁ। ଶିମିଳିପାଳକୁ ଯମୁନା ଏବଂ ଜିନତକୁ ଅଣାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ବଂଶବୃଦ୍ଧିରେ ଆମେ ସଫଳତା ପାଇପାରିନୁ। ସେମାନେ ସୁରକ୍ଷିତ ଅଛନ୍ତି। ବଂଶବୃଦ୍ଧି ନେଇ ଭାଗ୍ୟ ଆମକୁ ସାଥ ଦେଇନି। ବଂଶବୃଦ୍ଧି ନେଇ ପ୍ରୟାସ ଜାରି ରହିଛି। ଜିପିଏସ ଟ୍ରାକିଂ କରାଯାଉଛି। କ୍ୟାମେରା ମାଧ୍ୟମରେ ମନିଟରିଂ ମଧ୍ୟ ଜାରି ରହିଛି। ରାଜ୍ୟ ସରକାର ରାଜ୍ୟ ବାଘ ବଂଶ ବୃଦ୍ଧିକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନେଉଛନ୍ତି। ଯାହାକୁ ଆଧାର କରି ରାଜ୍ୟର ଶିମିଳିପାଳ, ସାତକୋଶିଆ ଓ ଡେବ୍ରିଗଡ଼ ଆଦିରେ ବାଘ ଛାଡ଼ିବାକୁ ପଦକ୍ଷେପ ନିଆଯାଉଛି।

ଅନ୍ୟପଟେ, ସମ୍ବଲପୁରର ମୋତିଝରନ ସ୍ଥିତ ଚିଡ଼ିଆଖାନା ପାଇଁ ମଧ୍ୟ ଖୁସି ଖବର ରହିଛି। କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ ଏହି ଚିଡ଼ିଆଖାନାକୁ ୪ଟି ରୟାଲ ବେଙ୍ଗଲ ଟାଇଗର ଆଣିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ପ୍ରଥମ ଥର ପାଇଁ ଏଠାରେ ମହାବଳ ବାଘ ଦେଖିବାକୁ ମିଳିବ, ଯାହା ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।

ଏହା ବ୍ୟତୀତ ମନ୍ତ୍ରୀ ଅଲିଭରିଡ୍‌ଲେଙ୍କ ସୁରକ୍ଷା ପ୍ରସଙ୍ଗରେ କହିଛନ୍ତି ଯେ, ଗତବର୍ଷ ଅଧିକ ସଂଖ୍ୟକ ଅଲିଭରିଡଲେ ଆସିଥିଲେ। ଚଳିତ ବର୍ଷ ୬ରୁ ୭ ଲକ୍ଷ ଅଲିଭ ରିଡଲେ ଆସିବେ ବୋଲି ଆଶା ରହିଛି। ମାତ୍ର ଅସାମାଜିକ ବ୍ୟକ୍ତିଙ୍କ ନଜରରୁ କଇଁଛଙ୍କୁ ରକ୍ଷା କରିବା ଆମର ମୁଖ୍ୟ ଦାୟିତ୍ୱ। ସେଥିପାଇଁ ସେଠାରେ କ୍ଲୋଜ ମନିଟରିଂ କରାଯାଉଛି। ଋଷିକୂଲ୍ୟା, ଭିତରକନିକାରେ ତିନୋଟି ୱାଚ ଟାୱାର କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ୩ଟି ଜାଗାରେ ପ୍ରାଥମିକ ଭାବରେ ୱାଚ ଟାୱାର ହେବା ପରବର୍ତ୍ତୀ ସମୟରେ ଆଣ୍ଟି ଏହି ସଂଖ୍ୟା ବୃଦ୍ଧି ନେଇ ଡିଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

■ ଡଙ୍ଗାଡିହାରେ ବାଘ ଆତଙ୍କ

# ବଳଦ ସମେତ ୩ ଛେଳିଙ୍କୁ ମାରି ଖାଇଲା



ମହୁଲଡିହା, ୫।୧ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଡଙ୍ଗାଡିହା ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ଗତ ୩୧ ତାରିଖରେ ବାଘଟି ଗାଁରୁ ୩ଟି ଛେଳି ଟେକି ନେଇ ଖାଇଥିବା ବେଳେ ଆଜି ଗୋଟିଏ ବଳଦକୁ ମାରି ଖାଇଛି। ଡଙ୍ଗାଡିହା ଗ୍ରାମର ଖୁଦିରାମ ଟୁଡୁଙ୍କ ୨ଟି ଛେଳି ଓ କରଣ ହାଁସଦାଙ୍କ ଗୋଟିଏ ଛେଳି ନେଇ ଖାଇଥିବା ଅଭିଯୋଗ ହୋଇଛି। ସେହିପରି ୫ ତାରିଖ ଭୋର୍‌ରେ ଘର ଚାଳିରେ ଥିବା ଗୋଟିଏ ବଳଦକୁ ଝାମ୍ପି ନେଇ ପ୍ରାୟ ୪୦୦ ମିଟର ଜଙ୍ଗଲକୁ ନେଇ ଖାଇଥିବା ଦେଖିବାକୁ ମିଳିଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ଏହାସହ ଗାଁ ଲୋକଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ସଚେତନ କରାଇଛି। ଲୋକଙ୍କୁ ଜଙ୍ଗଲକୁ ନ ଯିବା ପାଇଁ ସତର୍କ କରାଇଛି। ବାଘଟି ଗୋଟିଏ ମହାବଳ ବୋଲି ସନ୍ଦେହ କରାଯାଉଥିବା ବେଳେ ବନବିଭାଗ କଲରାପତରିଆ ବୋଲି ସୂଚନା ଦେଇଛି।

ଏମିତି ଆମ ପୁଲିସ ବ୍ୟବସ୍ଥା

# ମାଓ ଅଧ୍ୟୁଷିତ ଜିଲ୍ଲାରେ ନାହାନ୍ତି ସାଇଣ୍ଟିଫିକ୍ ଅଫିସର

ଭୁବନେଶ୍ୱର, ୫ ।୧(ସମିସ): ରାଜ୍ୟରେ ହତ୍ୟା, ହତ୍ୟା ଉଦ୍ୟମ, ଚୋରି ଓ ସିନ୍ଧି ଚୋରି ଘଟଣାରେ ରୋକ୍ ଲାଗୁନାହିଁ। ଏସବୁ ବାଦ୍ ଅନ୍ୟ ଅପରାଧ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏହି ସବୁ ମାମଲାରେ ସାଇଣ୍ଟିଫିକ୍ ତଦନ୍ତ ଗୁରୁତ୍ୱ ବହନ କରୁଥିବା ବେଳେ ମାଓ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ଏଥିରେ ପଛରେ ପଡ଼ିଯାଇଛି। ଦିନ କି ମାସ ନୁହେଁ, ଦୀର୍ଘ ବର୍ଷ ହେବ ଜିଲ୍ଲାରେ ସାଇଣ୍ଟିଫିକ୍ ଅଫିସର୍ ନାହାନ୍ତି। ତଦନ୍ତ ବେଳେ ଆବଶ୍ୟକ ହେଲେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରୁ ସହାୟତା ନିଆଯାଉଛି। ଏପରିସ୍ଥଳେ ତଦନ୍ତ ପ୍ରକ୍ରିୟା ଶିଥିଳ ହେଉଥିବା ବେଳେ ସମୟେ ସମୟେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଗଞ୍ଜେଇପ୍ରବଣ କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ନିଯୁକ୍ତି ନଦେବାକୁ ନେଇ ରାଜ୍ୟ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି।

କନ୍ଧମାଳ ଜିଲ୍ଲାରେ ୧୭ଟି ଥାନା ରହିଥିବା ବେଳେ ବ୍ୟାପକ ପରିମାଣର ବେଆଇନ ଗଞ୍ଜେଇ ଚାଷ ହେଉଛି। ଏହାବାଦ୍, କଥାକଥାକେ ମାରପିଟ୍, ହତ୍ୟାଠାରୁ ଆରମ୍ଭ କରି ଦୁର୍ଘଟଣା ଓ ସିନ୍ଧି ଚୋରି ଜିଲ୍ଲା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାରତୀୟ

■ ଅଧିକାରୀ ପାଇଁ ୪ ଜିଲ୍ଲାକୁ ନିର୍ଭର
■ ଦିନ ଦିନ ଧରି ପଡ଼ି ରହୁଛି ମୃତଦେହ
■ ଶିଥିଳ ହେଉଛି ତଦନ୍ତ ପ୍ରକ୍ରିୟା

ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ୧୭୬(୩) ଅନୁଯାୟୀ, ଯେଉଁ ଅପରାଧର ସଜା ୭ବର୍ଷ କିମ୍ବା ତା' ଠାରୁ ଅଧିକ, ସେହି ମାମଲାଗୁଡ଼ିକରେ ସାଇଣ୍ଟିଫିକ୍ ଅଫିସର୍‌ମାନେ ଘଟଣାସ୍ଥଳକୁ ଯାଇ ଫଟୋ ଓ ଭିଡିଓ ସଂଗ୍ରହ କରିବା ସହ ତଦନ୍ତ କରିବା ବାଧ୍ୟତାମୂଳକ ବୋଲି ଉଲ୍ଲେଖ ରହିଛି। ହେଲେ ଏପରି କ୍ଷେତ୍ରରେ ମାଓ ଏବଂ ଗଞ୍ଜେଇପ୍ରବଣ ଜିଲ୍ଲା କନ୍ଧମାଳରେ ସାଇଣ୍ଟିଫିକ୍ ଅଫିସର ପଦବୀ ଖାଲି ପଡ଼ିଛି। କୌଣସି ଘଟଣା ଘଟିଲେ ସାଇଣ୍ଟିଫିକ୍ ତଦନ୍ତ ପାଇଁ ପୁଲିସକୁ ନୟାନ୍ତ ହେବାକୁ ପଡୁଥିବା ବେଳେ ଏଥିଲାଗି ପଡ଼ୋଶୀ ଜିଲ୍ଲାକୁ ନିର୍ଭର କରୁଛି। ଘଟଣା ଘଟିଥିବା ଥାନାଟି ଯେଉଁ ଜିଲ୍ଲା ପାଖରେ ରହିଛି, ସେଇ ଜିଲ୍ଲା ପୁଲିସକୁ ଅନୁରୋଧ ପତ୍ର ଦେଇ ସାଇଣ୍ଟିଫିକ୍ ଟିମ୍ ମଗାଯାଉଛି। ମୋଟାମୋଟି କହିବାକୁ ଗଲେ, ସାଇଣ୍ଟିଫିକ୍ ତଦନ୍ତ ଆବଶ୍ୟକ ହେଲେ ଗଞ୍ଜାମ, ବୌଦ୍ଧ, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ଉପରେ ନିର୍ଭର କରୁଛି କନ୍ଧମାଳ ପୁଲିସ। ସଂପୃକ୍ତ ଜିଲ୍ଲାଗୁଡ଼ିକର ସାଇଣ୍ଟିଫିକ୍ ଟିମ୍ କୌଣସି ଘଟଣାରେ ନିୟୋଜିତ ଥିଲେ ଆସିବାରେ ବିଳମ୍ବ ହେଉଛି। ସମସ୍ୟା କେବଳ ଏତିକିରେ ସୀମିତ ନାହିଁ, ହତ୍ୟାକାଣ୍ଡ ଘଟିଥିଲେ ସାଇଣ୍ଟିଫିକ୍ ଟିମ୍ ଆସିବା ପର୍ଯ୍ୟନ୍ତ ମୃତଦେହ ପଡ଼ି ରହୁଥିବା ବେଳେ ପୁଲିସ ରାତି ତମାମ ଜଗି ରହୁଛି। ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଅନେକ ସମୟରେ ପୁଲିସ ଲୋକମାନଙ୍କ ଆକ୍ରୋଶର ଶିକାର ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ସାଇଣ୍ଟିଫିକ୍ ତଦନ୍ତ ବିଳମ୍ବ ହେଉଥିବାରୁ ଅଭିଯୁକ୍ତକୁ ଚିହ୍ନଟ କରିବାଠାରୁ ଆରମ୍ଭ କରି ଗିରଫ କରିବା ପର୍ଯ୍ୟନ୍ତ, ସବୁକିଛି ପ୍ରଭାବିତ ହେଉଛି। ଦୀର୍ଘବର୍ଷ ଧରି ସାଇଣ୍ଟିଫିକ୍ ଅଫିସର ନଥିବାବେଳେ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉନାହିଁ।



# ଯାଜପୁରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର,୫।୧(ସମିସ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୫୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୮୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ହେମନ୍ତ କୁମାର ମହନ୍ତ, ତହସିଲଦାର ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର +୨୨ୟବର୍ଷର ଛାତ୍ର ରତ୍ନାକର ମଲ୍ଲିକଙ୍କୁ ଗୋଟିଏ ବ୍ଲାଇଣ୍ଡ ଷ୍ଟିକ୍ ଏବଂ ମୋବାଇଲ ପ୍ରଦାନ କରାଯାଇଛି।

## ୮୫ ବର୍ଷୀୟ ବୃଦ୍ଧଙ୍କ ଜନ ଅଭିଯୋଗ
# ଚାଷ ଜମିରୁ ଜଳ ନିଷ୍କାସନ ଦାବି



ଯାଜପୁର,୫।୧(ସମିସ): ଚାଷ ଜମିରୁ ଜଳ ନିଷ୍କାସନ ନିମନ୍ତେ ୮୫ ବର୍ଷୀୟ ବୃଦ୍ଧ ସୋମବାର ଦିନ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ବରୀ ବ୍ଲକ ରତଳାଙ୍ଗ ପଞ୍ଚାୟତର ପଦ୍ମନାଭ ସାମଲ ନାମକ ବୃଦ୍ଧ ଆଜକୁ ୭ ବର୍ଷ ହେବ ତାଙ୍କ ଅଞ୍ଚଳରେ ୮୦ ଏକର ଚାଷ ଜମି ପାଣିରେ ବୁଡ଼ି ରହୁଛି। ଚାଷୀମାନେ ଫସଲ କରିପାରୁନାହାଁନ୍ତି। ଯେତେ ଅଭିଯୋଗ କଲେ ମଧ କେହି ଶୁଣୁନାହାଁନ୍ତି। ଡ୍ରେନେଜ ନିର୍ମାଣ ହେବା ନେଇ ପ୍ରସ୍ତାବ ହୋଇଥିଲେ ମଧ ଡ୍ରେନ୍ ନିର୍ମାଣ ହୋଇପାରିଲା ନାହିଁ। ୨୦୨୦ ମସିହାରୁ ଚାଷ ଜମିରୁ ଜଳ ନିଷ୍କାସନ ନିମନ୍ତେ ଅଭିଯୋଗ ହୋଇ ଆସୁଥିଲେ ମଧ ଅଦ୍ୟାବଧି ଜଳ ନିଷ୍କାସନ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ତେଣୁ ପୁର୍ନବାର ବୃଦ୍ଧ ଜଣକ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ଜଳ ନିଷ୍କାସନ ଉପରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

## ବ୍ୟାଙ୍କ କୋର୍ଡ ପରିବର୍ତ୍ତନ
# ଭତ୍ତାରୁ ବଞ୍ଚିତ ହିତାଧିକାରୀ



ଯାଜପୁର,୫।୧(ସମିସ): ବ୍ୟାଙ୍କ କୋର୍ଡ ପରିବର୍ତ୍ତନ ଯୋଗୁ ଭତ୍ତାରୁ ବଞ୍ଚିତ ହୋଇଛନ୍ତି ହିତାଧିକାରୀ। ଏ ନେଇ ବୃଦ୍ଧ ହିତାଧିକାରୀମାନେ ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ରାଜ୍ୟ ସରକାରଙ୍କ ପ୍ରଦତ୍ତ ବାର୍ଦ୍ଧକ୍ୟ ଭତ୍ତା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ବିଞ୍ଝାରପୁର ଶାଖାରୁ ଆସି ନେଉଥିଲେ। କିନ୍ତୁ ଦୀର୍ଘ ୩ ମାସ ହେବ ଏହି ବୃଦ୍ଧବୃଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେହେତୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ସହିତ ମିଳିତ ହେବା ପରେ ଏହି ବୃଦ୍ଧଙ୍କର ବ୍ୟାଙ୍କ ଏକାଉଣ୍ଟର ଆଇଏଫ୍‌ସି କୋର୍ଡରେ ପରିବର୍ତ୍ତନ ହୋଇଯାଇଛି। ତେଣୁ ଏହି ବୃଦ୍ଧମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ବୃଦ୍ଧବୃଦ୍ଧାମାନେ ଭତ୍ତା ନ ପାଇବାରୁ ବ୍ଲକର ଦ୍ୱାରସ୍ଥ ହୋଇଥିଲେ। ବିଞ୍ଝାରପୁର ବିଡିଓ କୌଣସି ତଦାରଖ ନ କରି ସରକାର ଟଙ୍କା ପଠାଇଲେ ପାଇବ ବୋଲି କହିଥିଲେ। ଭତ୍ତା ନ ପାଇବାରୁ ହିତାଧିକାରୀ ଔଷଧ କିଣି ପାରୁନାହାଁନ୍ତି ବୋଲି ପ୍ରକାଶ କରିଥିଲେ। ଏଣୁ ହିତାଧିକାରୀ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ଭତ୍ତାରୁ ବଞ୍ଚିତ ବୋଲି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜିଲ୍ଲାପାଳ ସଂପୃକ୍ତ ବ୍ୟାଙ୍କ ସହ କଥା ହୋଇ ୧୫ ଦିନ ଭିତରେ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଚାଷୀଙ୍କ ଧାନ କିଣା ସମସ୍ୟା ନେଇ ଦାବିପତ୍ର

ଯାଜପୁର,୫।୧(ସମିସ): ଧାନ ଚାଷୀଙ୍କ ସମସ୍ୟା ନେଇ ମିଳିତ ଜନ ଅଭିଯୋଗ ଶୁଣାଣିରେ ବିଜେପି ନେତା ପୁଲିନ ବିହାରୀ ପୁହାଣ ଜିଲ୍ଲାପାଳଙ୍କୁ ଭେଟିବା ସହ ଚାଷୀଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘ ଦିନ ହେବ ଚାଷୀ ଧାନ ଅମଳ କରିଥିଲେ ମଧ ମଣ୍ଡି ଖୋଲା ହୋଇନଥିବାରୁ ଚାଷୀ ଧାନ ମଣ୍ଡିରେ ଦେଇ ପାରୁନାହାଁନ୍ତି। ଦଶରଥପୁର ବ୍ଲକ ଓ ଯାଜପୁର ବ୍ଲକର ଶତାଧିକ ଚାଷୀ ଏ ନେଇ ବିଜେପି ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଦନୁଯାୟୀ ଚାଷୀଙ୍କ ସହିତ ବିଜେପି ନେତା ପୁଲିନ ବିହାରୀ ପୁହାଣ ଜିଲ୍ଲାପାଳଙ୍କୁ ଭେଟିବା ସହ ତୁରନ୍ତ ମଣ୍ଡି ଖୋଲିବାକୁ ନିବେଦନ କରିଥିଲେ। ଖୁବଶୀଘ୍ର ମଣ୍ଡି ଖୋଲାଯିବ ଓ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଗୋଟିଏ ପଟେ ରାଜ୍ୟ ସରକାର ଧାନ କିଣିବା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ପ୍ରଚାର କରୁଥିଲେ ମଧ ବିଜେପି ନେତା ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହେବା ଘଟଣା ସରକାରଙ୍କ ଦୋମୁହାଁ ନିତିକୁ ପ୍ରମାଣିତ କରୁଛି।

# ପସମନ୍ଦା ମୁସଲିମ୍‌ଙ୍କ ଉତ୍ଥାନ କାର୍ଯ୍ୟକ୍ରମ




ଧର୍ମଶାଳା,୫।୧(ସମିସ): ସଂଖ୍ୟାଲଘୁ ସମ୍ପ୍ରଦାୟ ମୁସଲମାନମାନଙ୍କ ଉତ୍ଥାନ ତଥା ଦେଶର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଭାରତ ସରକାର ୧୫ ସୂତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଯାହାକୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ସ୍ୱାଗତ କରାଯାଇଛି। ଏ ସମ୍ପର୍କରେ ଧର୍ମଶାଳା ବ୍ଲକ ନେଉଳପୁର ଗ୍ରାମରେ ପଛୁଆବର୍ଗ ମୁସଲମାନମାନଙ୍କର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅଲ ଇଣ୍ଡିଆ ପସମନ୍ଦା ମୁସଲିମ ସମାଜ ଆୟୋଜନ କରିଥିଲେ। ସେକ୍ ଗୁଲଫାମ ଅଲ୍ଲୀଙ୍କ ତତ୍ତ୍ୱାବଧାନ ଓ ସେକ ସଖାୱାତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ହାସିମ ଖାନ, ସେକ ଇଲିୟାସ ଓ ଆସିଫ ଖାନ ଯୋଗଦେଇ ସଂଖ୍ୟାଲଘୁମାନଙ୍କ ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନା ଉପରେ ଲୋକମାନଙ୍କୁ ବିସ୍ତୃତ ଭାବେ ଜଣାଇଥିଲେ। ଗୁଲଫାମ ଅଲ୍ଲୀ ସରକାରଙ୍କ ବିଭିନ୍ନ ଯୋଜନା ଯଥା- "ନେୟୀ ରୋଶନୀ' ଯୋଜନାରେ ସଂଖ୍ୟାଲଘୁ ଶ୍ରେଣୀର ମହିଳାମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ କରିବା, 'ପଢୋ ପରଦେଶ' ଯୋଜନାରେ ଶିକ୍ଷାର ସ୍ୱପ୍ନକୁ ସାକାର କରିବା, "ଉସ୍ତାଦ' ଯୋଜନାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ନିଜ କୌଶଳର ବିକାଶ ତଥା ବଜାର ସୁବିଧା ଯୋଗାଇଦେବା, "ଶିଖୋ ଔର କମାଓ' ଯୋଜନାରେ ସଂଖ୍ୟାଲଘୁ ସମୁଦାୟର ବେକାର ଯୁବକ ଯୁବତୀଙ୍କୁ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶିଳ କରାଇବା। ସେହିପରି ସରକାରଙ୍କ "ହୁନର ହାଟ" ଯୋଜନାରେ ସଂଖ୍ୟାଲଘୁ କାରିଗରମାନେ ତାଙ୍କ କଳାକୁ ଉପଯୁକ୍ତ ମଞ୍ଚରେ କିପରି ପ୍ରଦର୍ଶନ କରିପାରିବେ; ଏ ନେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏହାକୁ ପରିଚାଳନାରେ ସେକ ଆଲ୍ଲାଉଦ୍ଦିନ, ସେକ୍ ଅଜମଲହକ ଓ ନେଉଳପୁର ଗ୍ରାମର ଯୁବକ ଓ ମୁରବିମାନେ ସହଯୋଗ କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ



ବରୀ,୫।୧(ସମିସ): ଅବସରପ୍ରାପ୍ତ ଶିକ୍ଷକ ମନ୍ମଥ ଚନ୍ଦ୍ର ମଲ୍ଲିକଙ୍କର ୬୨ ବର୍ଷ ବୟସରେ ପରଲୋକ ଘଟିଛି। ରବିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା। ପୈତୃକ ଗ୍ରାମ ବରୀ ବ୍ଲକ ଅନ୍ତର୍ଗତ ଉଦୟନାଥପୁର ଚାରିମାଣିଆ ସ୍ଥିତ ବାସଭବନକୁ ମରଶରୀର ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଏସ୍‌ପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସିଂହପୁର,୫।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆ ଠାରେ ଏସ୍‌ପିଏଲ୍ ସିଜିନ-୯ର ପ୍ରଥମ ଲିଗ୍ ମ୍ୟାଚ ଆଜି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଲିଗ୍ ମ୍ୟାଚଟି ଇଲେଭେନ ଷ୍ଟାର ଓ ବ୍ଲାକପନ୍ଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲାକ ପନ୍ଥର ବିଜୟ ହୋଇଥିଲା। ସେହିପରି ଦ୍ୱିତୀୟ ଲିଗ ମ୍ୟାଚ ସୁପର କିଙ୍ଗ ଓ ଏମ୍‌ଡିଏନ ପାୱାର ହିଟର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏମଡିଏନ ପାୱାର ହିଟର ବିଜୟୀ ହୋଇଥିଲେ। ସେହିପରି ତୃତୀୟ ଲିଗ ମ୍ୟାଚ ରୟାଲ ଷ୍ଟ୍ରାଇକର ଓ ଇୟୋରଚୟସ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ରୟାଲ ଷ୍ଟ୍ରାଇକର ବିଜୟୀ ହୋଇଥିଲା। ଆଜିର ଖେଳକୁ ଜ୍ଞାନରଞ୍ଜନ ସ୍ୱାଇଁ ଓ ପିଣ୍ଟୁ ନାଥ ପରିଚାଳନା କରିଥିଲେ। ସିଂହପୁର କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଉଦ୍‌ଘାଟନୀ ଖେଳ ଦେଖିବାକୁ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା।

# କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବୈଠକ

କୁଆଖିଆ,୫।୧(ସମିସ): ରସୁଲପୁର ବ୍ଲକ୍ ହରିପୁରଠାରେ ଆଞ୍ଚଳିକ କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ଜିଲ୍ଲାସ୍ତରୀୟ ବୈଠକ ଆଜି ପୁଷ୍ୟାଭିଷେକ ଅବସରରେ ଅନୁଷ୍ଠିତ ହୋଇଯାଇଛି। ହରିପୁରର ପ୍ରସିଦ୍ଧ ଶ୍ରୀଶ୍ରୀ ରାଧାବୃନ୍ଦାବନଚନ୍ଦ୍ରଜୀୟୁଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଖଣ୍ଡାୟତମାନଙ୍କର ପାରମ୍ପରିକ ଅଭିଷେକ ହୋଇଥିଲା। ଗଣପତି ପୂଜା, ହୋମ ଇତ୍ୟାଦି ସମ୍ପନ୍ନ କରାଯାଇ ଉପସ୍ଥିତ ଖଣ୍ଡାୟତ ମାନେ ପଇତା ପିନ୍ଧିଥିଲେ। ପରେ ସଭାପତି ନଟବର ସାହୁଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଖଣ୍ଡାୟତମାନେ ସମଗ୍ର ରାଜ୍ୟରେ ସଂଖ୍ୟା ଗରିଷ୍ଠ ହୋଇଥିବା ସତ୍ତ୍ୱେ ସଂଗଠିତ ନ ଥିବାରୁ ନିଜନିଜ ଭିତର ଲଢ଼େଇ କରି ଦୁର୍ବଳ ହେବା ସହିତ ଅନ୍ୟମାନେ ସେମାନଙ୍କ ଉପରେ ଆଧିପତ୍ୟ ଦେଖାଉଥିବା କଥା ବକ୍ତାମାନେ ପ୍ରକାଶ କରିଥିଲେ। ନିଜ ଜାତିର ପୂର୍ବ ଗୌରବ ଓ ସମ୍ମାନ ଫେରାଇବା ପାଇଁ ଖଣ୍ଡାୟତମାନେ ସଂଗଠିତ ହେବା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ବିରେନ ରାୟ, ନୃସିଂହ ବଳରାୟ, ଶୁଭେନ୍ଦୁ ଦକ୍ଷିଣ କବାଟ ମହାପାତ୍ର, ପ୍ରତାପ ଚମ୍ପତିରାୟ, ନରେନ ଜେନା, ଗୌତମ ସାମଲ, ଦେବବ୍ରତ ଦାସ, ଗୋପାଳ ସାମଲ, ଭରତବନ୍ଧୁ ବିଶ୍ୱାଳ, ବାଳକୃଷ୍ଣ ଘଡେଇ, ଗଣେଶ ବିଶ୍ୱାଳ, ପ୍ରବୀର ନାୟକ, ରବିନ୍ଦ୍ର ରାଉତ, ବିଶ୍ୱନାଥ ମହାପାତ୍ର, ସଂପାଦକ ତନ୍ମୟ ବରାଳ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଆବାହକ ଅମୂଲ୍ୟ କୁମାର ବରାଳ ପ୍ରାରମ୍ଭିକ ସୁଚନା ପ୍ରଦାନ ସହିତ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଶେଷରେ ଶିବପ୍ରସାଦ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅଶୋକ ବରାଳ, ଭାଗୀରଥି ବେହୁରିଆ, ସୁମିତ ରାଉତ, ଦାମୋଦର ବରାଳ, ଗୟାଧର ବରାଳ, ନିରାକାର ବରାଳ, ଭାସ୍କର ବରାଳ, ସୋମେଶ ନାୟକ, ହେମନ୍ତ ନାୟକ, ଜଗନ୍ନାଥ ଦେଓ, ଶିଶିର ନାୟକ, ଅଶ୍ୱିନୀ ସ୍ୱାଇଁ, ରାକେଶ ରଞ୍ଜନ ରାଉତ, ନାରାୟଣ ବିଶ୍ୱାଳ, ଅଜିତ କୁମାର ବେହୁରିଆ, ସାନ୍ତନ ସାହା, ସିପୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।



# କିଷାନ କ୍ଷେତ ମଜଦୁର ସଙ୍ଘ ପକ୍ଷରୁ ବିକ୍ଷୋଭ




କବାଟବନ୍ଧ,୫।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର କୃଷି ସମବାୟ ସମିତି ସମ୍ମୁଖରେ ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସମବାୟ ସମିତିର ସମ୍ପାଦକଙ୍କ ଜରିଆରେ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଛି। ସଂଗଠନର ବ୍ଲକ୍ ସମ୍ପାଦକ ନାରାୟଣ ପରିଡ଼ଙ୍କ ସଭାପତିତ୍ୱରେ ବସ୍ତା ବ୍ଲକ୍ ସଭାପତି ପବିତ୍ର ସାହୁ ଏବଂ ସଂଗଠନର ରାଜ୍ୟ ଉପସଭାପତି ଚୈତନ୍ୟ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ମଣ୍ଡି ପାଇଁ ନିର୍ଦ୍ଧାରିତ ସମୟ ଶେଷ ହେବାକୁ ବସିଥିଲେ ମଧ ଏ ପର୍ଯ୍ୟନ୍ତ ଧାନମଣ୍ଡି ଖୋଲିନାହିଁ ଏବଂ ପଞ୍ଜିକୃତ ଚାଷୀମାନଙ୍କୁ ଟୋକନ ମିଳିନାହିଁ ଏବଂ ସେମାନଙ୍କର ଧାନ କ୍ରୟ କରାଯାଇନାହିଁ ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ସଭାରେ ଅମୂଲ୍ୟ ମଲିକ, ରୋହିତ ଦାସ, ସଞ୍ଜୟ ଭଞ୍ଜ, ଅନନ୍ତ ମଲିକ, ପ୍ରତାପ ମଲ୍ଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ମୃତି ସଭା ଓ ଶୀତ କବିତା ଆସର



ମଙ୍ଗଳପୁର,୫।୧(ସମିସ): ଦଶରଥପୁର ବ୍ଲକର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ପ୍ରାକ୍ତନ ସଭାପତି ଡ. ନବକିଶୋର ମିଶ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ପରିପ୍ରେକ୍ଷୀରେ ଆଜି ଏକ ସ୍ମୃତିଚାରଣ ସଭା ଓ ଶୀତ କବିତା ଆସର 'ଚାଦର' ଝୁମ୍ପୁରୀ ସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ସଭାପତି ପ୍ରାଧ୍ୟାପକ ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକାର ସମ୍ପାଦକ ଡ. ରମାକାନ୍ତ ଯେନା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଡ. ଶ୍ରୀହରି ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୀତ କବିତା ଆସର 'ଚାଦର' ଶୀର୍ଷକ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ରବିନାରାୟଣ ଦାଶ, ବର୍ତ୍ତିକାର ମୁଖ୍ୟ ସମ୍ପାଦକ ଡ. ବିଜୟ ମୋହନ ରାୟ, ପରିଷଦର କାର୍ଯ୍ୟକାରୀ ସଭାପତି ଡ. ଶରତ କୁମାର ସାହୁ, ଉପସଭାପତି ଦେବେନ୍ଦ୍ର ନାରାୟଣ ବାରିକ, କୋଷାଧକ୍ଷ ଆଶିଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଶିକ୍ଷକଙ୍କ ବଦଳିକୁ ନେଇ ଉତ୍ତେଜନା
# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ



ବିଞ୍ଝାପୁର,୫।୧(ସମିସ): ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତ ଗୋବିନ୍ଦପୁରସ୍ଥିତ ଏଜିଆଇ ଉଚ୍ଚ ଓ ମନେଇଶୁଣି ନୋଡାଲ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକଙ୍କ ବଦଳିକୁ ବିରୋଧ କରି ସୋମବାର ଅଭିଭାବକମାନେ ବିଦ୍ୟାଳୟର ଫାଟକରେ ତାଲା ପକାଇବା ସହ ସହକାରୀ ଶିକ୍ଷକ ବଦଳି ପ୍ରତ୍ୟାହାର ଦାବି ନେଇ ଧାରଣାରେ ବେଇଛନ୍ତି। ଅଭିଭାବକମାନଙ୍କ ଅଭିଯୋଗ ମୁତାବକ ମନେଇଶୁଣି ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାତ୍ର ତିନିଜଣ ଶିକ୍ଷକ/ଶିକ୍ଷୟତ୍ରୀ ପାଠ ପଢ଼ାନ୍ତି। ଏହି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ/ଶିକ୍ଷୟତ୍ରୀ ନଥିଲା ବେଳେ ଅସମୟରେ ଜଣେ ସହକାରୀ ଶିକ୍ଷକ ନରେନ୍ଦ୍ର ମଲ୍ଲିକଙ୍କୁ ଶିକ୍ଷାବିଭାଗ ଅନ୍ୟତ୍ର ବଦଳି କରିଦେଇଥିବାରୁ ଛାତ୍ରୀଛାତ୍ରଙ୍କର ପାଠପଢ଼ା ବ୍ୟାହତ ହେବକୁ ଯାଉଛି। ଶିକ୍ଷାବର୍ଷ ସରିବାକୁ ମାତ୍ର କେଇ ମାସ ଥିଲା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ବଦଳିକୁ ବେଆଇନ ଦର୍ଶାଇ ଗ୍ରାମବାସୀଙ୍କ ପକ୍ଷରୁ ଘୋର ବିରୋଧ କରାଯାଉଛି। ଏପରିକି ଏହି ବିଦ୍ୟାଳୟକୁ ନିକଟରେ ବଦଳି ହୋଇ ଆସିଥିବା ପ୍ରଧାନଶିକ୍ଷୟତ୍ରୀ ଜଣକ ଛାତ୍ରୀଛାତଙ୍କୁ ଶିକ୍ଷାଦାନ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ। ତେଣୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଫେରାଇ ନେବା ସହ ସହକାରୀ ଶିକ୍ଷକଙ୍କ ବଦଳିକୁ ତୁରନ୍ତ ବାତିଲ କରିବା ଦାବି ନେଇ ଧାରଣାରେ ବସିରହିଥିଲେ ଅଭିଭାବକ। ଖବରପାଇ ଅପରାହ୍ନରେ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର ଉକ୍ତ ବିଦ୍ୟାଳୟରେ ପହଞ୍ଚି ଧାରଣାକାରୀଙ୍କ ଦାବିକୁ ସାତଦିନ ଭିତରେ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିବା ଜଣାପଡ଼ିଛି।


# ଅନ୍‌ଲାଇନ୍ ଗେମ୍ ଟୁର୍ଣ୍ଣାମେଣ୍ଟକୁ ଭଣ୍ଡୁର କଲା ପୁଲିସ

ପ୍ରୀତିପୁର,୫।୧(ସମିସ): ନାବାଳକ ଓ ଯୁବପିଢ଼ି କୁସ୍ତି, କସରତ, ବ୍ୟାୟାମ ପ୍ରତି ଆକୃଷ୍ଟ ନହୋଇ ଏବେ ମୋବାଇଲ ଗେମ୍ ପ୍ରତି ଆକୃଷ୍ଟ ହେବା ଚିନ୍ତାର କାରଣ ପାଲଟିଛି। ଗାଁ ଠାରୁ ସହର ଯେଉଁଠି ଦେଖ ମାଳମାଳ ଯୁବକ ଅନ୍‌ଲାଇନ୍ ଗେମରେ ସମୟ ବିତାଉଛନ୍ତି। ଅନେକ କ୍ଷେତ୍ରରେ ଏହି ଗେମ୍ ପାଇଁ ସାଇବର ଠକେଇର ଶିକାର ମଧ ହେଉଛନ୍ତି ଯୁବପିଢ଼ି।



ଆଜି ବିଞ୍ଝାରପୁର ଅଞ୍ଚଳରେ କେତେକ ନାବାଳକ ଓ ଯୁବକ ଏକ ଅନ୍‌ଲାଇନ ଗେମ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବାପାଇଁ ରାଜ୍ୟ ସମେତ ରାଜ୍ୟ ବାହାରୁ ଶତାଧିକ ଯୁବକ ଓ ନାବାଳକ ପହଞ୍ଚିଥିଲେ। ଆୟୋଜକ ସେମାନଙ୍କ ନିକଟରୁ ଏଣ୍ଟି ଫି' ବାବଦରେ ୧୫୦୦ ଟଙ୍କା ଲେଖାଏଁ ଆଦାୟ କରିବା ସହ ବିଜେତାଙ୍କୁ ପ୍ରାୟ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ନିୟମ ରହିଥିଲା। ତେବେ ଏହା ଏକ ପ୍ରକାର ଜୁଆ ଖେଳ ଭଳି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପୋଖରୀ ଛକ ନିକଟରେ ଥିବା ଏକ ମଣ୍ଡପରେ ଏଭଳି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ମାତ୍ର କୌଣସି କାରଣରୁ ମଣ୍ଡପ ମାଲିକ ଏଭଳି ଖେଳକୁ ପ୍ରସୟ ନଦେବାରୁ ଆୟୋଜକ ମାନେ ମଲିଆ ଯଜ୍ଞ ପଡିଆ ଠାରେ ଏହାର ଆୟୋଜନ କରିଥିଲେ। ତେବେ ବିଶେଷ ସୂତ୍ରରୁ ଯାଜପୁର ଏସ୍‌ପି ୟସ ପ୍ରତାପ ଶ୍ରୀମଲ ଏଭଳି ଟୁର୍ଣ୍ଣାମେଣ୍ଟର ଆୟୋଜନ ହେଉଥିବା ଖବର ପାଇ ବିଞ୍ଝାରପୁର ପୁଲିସକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ମଲିଆ ଯଜ୍ଞ ପଡିଆରେ ସଦଳବଳେ ଚଢ଼ଉ କରିଥିଲେ। ପୁଲିସର ଚଢ଼ଉ ଦେଖି ଆୟୋଜକ ଓ ଖେଳିବାକୁ ଆସିଥିବା ପିଲାମାନେ ଛତ୍ରଭଙ୍ଗ ଦେଇଥିଲେ। ଫଳରେ ଏଭଳି ଅନ୍‌ଲାଇନ ଗେମ୍ ଖେଳାଯିବା ପୂର୍ବରୁ ଭଣ୍ଡୁର ହୋଇଯାଇଥିଲା।



## ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ମୌଳିକ ସମସ୍ୟା ଦୂର କରିବା ଦାବିରେ ଧାରଣା

କୁଆଖିଆ, ୫।୧(ସମିସ)



ରସୁଲପୁର ବ୍ଲକ ଅଞ୍ଚଳର ସର୍ବପୁରାତନ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟର ମୌଳିକ ସମସ୍ୟା ଦୂର କରିବା ଦାବିରେ ସୋମବାର ଅପରାହ୍ନରେ ବିଦ୍ୟାର୍ଥୀମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ସମସ୍ୟା ପୂରଣ ଦିଗରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବା ପ୍ରତିଶ୍ରୁତି ମିଳିବା ପରେ ବିଦ୍ୟାର୍ଥୀମାନେ ଧାରଣାରୁ ଓହରି ଯାଇଥିଲେ।

ମିଳିଥିବା ସୂଚନାରୁ ଜଣାଯାଏ ୫୦ବର୍ଷର ଏହି ପୁରୁଣା କଲେଜ ଖଇରାବାଦ-ମୁଗୁପାଳ ସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ମୌଳିକ ସମସ୍ୟାରେ ଛନ୍ଦି ହୋଇଯାଇଛି। ଏହି କଲେଜରେ ବିଦ୍ୟାର୍ଥୀମାନଙ୍କର ସର୍ବନିମ୍ନ ସମସ୍ୟା ଦୂର ହୋଇପାରୁ ନାହିଁ। କଲେଜର ଫାଟକ ନଥିଲା। ଅଣଛାତ୍ରମାନେ କଲେଜରେ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରୁଥିଲେ। ଫାଟକ ନିର୍ମାଣ ସକାଶେ ବିଦ୍ୟାର୍ଥୀମାନଙ୍କୁ ଆନ୍ଦୋଳନାନକ ପନ୍ଥା ଆପଣେଇବାକୁ ପଡ଼ିଥିଲା। ବହୁ ସଂଘର୍ଷ ପରେ କଲେଜର ମୁଖ୍ୟ ଫାଟକ ନିର୍ମାଣ ହୋଇଥିଲା। ମାତ୍ର କଲେଜରେ ଛାତ୍ରୀମାନଙ୍କ ଉନ୍ନତ ଶୌଚାଳୟ ନାହିଁ। ଖେଳପଡ଼ିଆ ନଥିବାରୁ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳନ କରିବା ସକାଶେ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଉପରେ ନିର୍ଭର କରିବାକୁ ପଡୁଛି। କଲେଜ ନାମରେ ପର୍ଯ୍ୟାପ୍ତ ଜମି ରହିଛି। ଉକ୍ତ ଜମି ଜବରଦଖଲ ମୁକ୍ତ ହୋଇପାରୁନଥିବାରୁ ଖେଳ ପଡ଼ିଆ ନିର୍ମାଣ ହୋଇପାରୁ ନାହିଁ। ବିଦ୍ୟାର୍ଥୀମାନଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନାହିଁ। ଦୂରଦୂରାନ୍ତରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ନାହିଁ। କଲେଜରେ ବହୁ ଅଧ୍ୟାପିକା, ଅଧ୍ୟାପକଙ୍କ ପଦବୀ ଖାଲି ପଡ଼ିଛି। ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟବସ୍ଥା ଏକରକମ ଭୁଶୁଡି ପଡ଼ିଛି। ବିଦ୍ୟାର୍ଥୀମାନଙ୍କ ପାଇଁ ଗୋଟିଏ ଭଲ କମନରୁମ ନାହିଁ। ଏହିଭଳି ବହୁ ମୌଳିକ ସମସ୍ୟା ଦେଇ ମହାବିଦ୍ୟାଳୟ ଗତି କରୁଛି। କଲେଜ ୟୁଜିସି ଅନୁଦାନପ୍ରାପ୍ତ ହୋଇ କଲେଜ ପାଣ୍ଠିରେ ୧.୨୫କୋଟି ଟଙ୍କା ଗଚ୍ଛିତ ରହିଛି। ଉକ୍ତ ଅର୍ଥକୁ ବ୍ୟୟ କରିବା ପାଇଁ ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବ୍ଲକ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ କଲେଜର ଉନ୍ନତି ହୋଇପାରୁ ନାହିଁ। ଦୁର୍ବଳ ଭିତ୍ତିଭୂମିକୁ ନେଇ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି ବୋଲି ଦର୍ଶାଇ ବିଦ୍ୟାର୍ଥୀମାନେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କୁ ଦାବିପତ୍ର ପ୍ରଦାନକରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏଥି ପୂର୍ବରୁ କଲେଜର ଅଧ୍ୟକ୍ଷା ଶାରଦା କର କୋରେଇ ବିଧାୟକ ଆକାଶ ଦାସନାୟକ ଓ ବିଡିଓ ଦାଶଙ୍କ ସହ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ଲିଖିତ ଭାବରେ ଅବଗତ କରାଇଆସୁଛନ୍ତି। ଏସବୁ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହିଭଳି ସମସ୍ୟା ବର୍ଷାଧିକ କାଳ କଲେଜ ସହ ଯୋଡ଼ିହୋଇ ଆସୁଥିବାରୁ ବିଦ୍ୟାର୍ଥୀମାନେ ବାଧ୍ୟ ହୋଇ ଆନ୍ଦୋଳନାକେ ପନ୍ଥା ଆପଣେଇଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। କଲେଜର ସମସ୍ୟାଗୁଡ଼ିକୁ ତୁରନ୍ତ ସମାଧାନ କରିବା ଦିଗରେ ପ୍ରଶାସନିକ ଓ ରାଜନୈତିକସ୍ତରରେ ପଦକ୍ଷେପ ଗ୍ରହଣ କରାନଗଲେ ବିଦ୍ୟାର୍ଥୀମାନେ ଆସନ୍ତା ଦିନରେ ଆନ୍ଦୋଳନାକେ ପନ୍ଥା ଆପଣେଇବା ସହ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ବିଞ୍ଝାରପୁର, ୫।୧(ସମିସ):** ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ବାଳମୁକୁଳି ଉପଖଣ୍ଡ ବିଦ୍ୟୁତ ବିତରଣ କେନ୍ଦ୍ର ନିକଟରେ ସୋମବାର ସନ୍ଧ୍ୟା ସମୟରେ ଏକ ରାସ୍ତା ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଆହତ ଜଣକ ହେଲେ ନିକଟବର୍ତ୍ତୀ ବୈଗୀବାଗ ଗ୍ରାମର ଶାନ୍ତନୁ ଦାଶଙ୍କ ପୁଅ ମିହିର ଦାଶ (୨୫)। ମିହିର ବାଳମୁକୁଳି ବଜାରରେ ନିଜ ଦୋକାନରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟରେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ରକ୍ତ ଜୁଡୁବୁଡୁ ସଜ୍ଞାହୀନ ହୋଇ ରାସ୍ତାରେ ପଡ଼ିଥିବା ଅବସ୍ଥାରେ ପୋଲିସ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେଠାରେ ଗୁରୁତର ଥିବା ମିହିରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡ଼ିଛି। ତାଙ୍କୁ କୌଣସି ଅଜଣା ଗାଡି ଧକ୍କା ଦେଇଥିବା ସନ୍ଦେହ କରାଯାଉଛି।

## ତାରାକାନ୍ତ ଫାଉଣ୍ଡେସନ୍‌ର କମ୍ବଳ ବଣ୍ଟନ



**ଯାଜପୁର, ୫।୧(ସମିସ):** ତାରାକାନ୍ତ ଫାଉଣ୍ଡେସନ୍ ମାର୍କଣ୍ଡପୁର ପକ୍ଷରୁ ସୋମବାର ଦିନ ସେବା ଯୋଜନା କ୍ରମରେ ସନ୍ଥମାଧବ ଠାରେ ଆର୍ଥିକ ଅନଗ୍ରସର ଲୋକମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନ୍‌ର ସଚିବ କବି ରମେଶ ପତିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସଂସ୍କୃତି ଗବେଷକ ଡ. ଜ୍ଞାନରଞ୍ଜନ ପତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅବକାରୀ ବିଭାଗର ଅଧିକାରୀ ଚିତ୍ତରଞ୍ଜନ ଶାସ୍ତ୍ରୀ ଯୋଗଦେଇଥିଲେ। କାଉନ୍‌ସେଲର ମାନଗୋବିନ୍ଦ ପତି ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯାଜପୁର ପୌରାଞ୍ଚଳ ୬ନଂ ୱାର୍ଡର ଆର୍ଥିକ ଅନଗ୍ରସର ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଫାଉଣ୍ଡେସନ୍ ପକ୍ଷରୁ ଡ. ଜ୍ଞାନରଞ୍ଜନ ପତି ଏବଂ ଚିତ୍ତରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୬ନଂ ୱାର୍ଡର ଅଧିବାସୀମାନେ ଯୋଗଦେଇ ସ୍ୱର୍ଗତ ତାରାକାନ୍ତ ପତିଙ୍କ ପୁତ୍ର ରମେଶ ପତିଙ୍କ ସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ଧର୍ମଶାଳା ମହାବିଦ୍ୟାଳୟ ଛାତ୍ରଙ୍କ ସମ୍ମିଳନୀ

**ଧର୍ମଶାଳା, ୫।୧(ସମିସ):** ସ୍ଥାନୀୟ ଧର୍ମଶାଳା ମହାବିଦ୍ୟାଳୟ ୧୯୯୦-୯୧ ଯୁକ୍ତ ୨ କଳା ବ୍ୟାଚ ଅଧୀନ ଛାତ୍ରଛାତ୍ରୀଙ୍କର ଏକ ସମ୍ମିଳନୀ କାର୍ଯ୍ୟକ୍ରମ ଜାରକା ନିକଟ ବୌଦ୍ଧ କୀର୍ତ୍ତିରାଜି ତରାପୁରସ୍ଥିତ ପଲ୍ଲିଶ୍ରୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ଯୁଗ୍ମ ସମ୍ପାଦକ ଅଧ୍ୟାପକ ବିଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାର ବର୍ଗ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ନିରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିବା ସମୟରେ ସମ୍ପାଦକ କଳ୍ପନା ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ଓ ବିବରଣୀ ପ୍ରଦାନ କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ବିଭିନ୍ନ କର୍ମ ଓ ପେଶାରୁ ସମୟ ବାହାର କରି ବ୍ୟାଚ ର ସମସ୍ତ ସାଥି ଏକତ୍ରିତ ହୋଇପାରି ଥିବାରୁ ସେଠାରେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ସଙ୍ଗୀତଗାନ କରିବା ସହିତ ସମୂହ ନୃତ୍ୟରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ନେହଲତା ଚୌଧୁରୀ, ସୁପ୍ରଭା ଷଡଙ୍ଗୀ, ସୁଶ୍ରୀ ମଞ୍ଜରୀ ମିଶ୍ର, ଉପାସନା ଶତପଥୀ, ପୂର୍ଣ୍ଣିମା ଜେନା ରୀନାରାଣୀ ମୁଦୁଲି, ସୁଜାତା ବିଶ୍ୱାଳ, ନିରୁପମା ପ୍ରଧାନ, ମଞ୍ଜୁଶ୍ରୀ ମିଶ୍ର, ଚନ୍ଦନାବାଳା ସାହୁ, ସଂଯୁକ୍ତା ନାୟକ, ନିବେଦିତା ପଣ୍ଡା, ପ୍ରଶାନ୍ତ କୁମାର ଦୋରା, ରଞ୍ଜନ କୁମାର ରାଉତ, ମିହିର କୁମାର ମହାନ୍ତି, ସୁବ୍ରତ ମହାନ୍ତି, ରଜନୀକାନ୍ତ ପଣ୍ଡା, ସୋମନାଥ ସାହୁ, ଗଗନ ବିହାରୀ ରାଉତ, ସୋମେନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ, ଶରତ ପ୍ରଧାନ ଓ ଅମର କୁମାର ରାଉତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ସଦସ୍ୟ ସୋମନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଚାକୁଣ୍ଡା ଗଛରୁ ପଡ଼ି ଯୁବକ ମୃତ



**ବାଲିଚନ୍ଦ୍ରପୁର, ୫।୧(ସମିସ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାହାଦୁରନଗର ଗ୍ରାମରେ ଚାକୁଣ୍ଡା ଗଛରେ ଚଢ଼ି ଡାଳ ହାଣୁଥିବା ବେଳେ ଖସି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ଗ୍ରାମ ନିଟକ ମାଟିପାରିଲୋ ଗ୍ରାମର ପ୍ରଦୀପ୍ତ ମଲ୍ଲିକ (୪୫/ପଦିଆ)। ଖବରରୁ ଜଣାଯାଏ ବାହାଦୁରନଗର ଗ୍ରାମର ପ୍ରବେଶ ଦ୍ୱାରରେ ୩ ଗୋଟି ପରିବାର ରହନ୍ତି। ଗୋଟିଏ ପରିବାରର ଲୋକେ ଦୀର୍ଘଦିନ ହେବ ଘରେ ରହୁନଥିବା ବେଳେ ତାଙ୍କର ଚାକୁଣ୍ଡା ଗଛଟି ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ମୋଗଲପାଟଣା ଗ୍ରାମର ଛକଡ଼ି ସେଠୀ ନାମକ ବେପାରୀ ନେଇଥିଲେ। ସେ ଦୁଇ ଦିନ ହେବ ତାଙ୍କ ଗ୍ରାମ ନିକଟ ମାଟିପାରିଲୋ ଗ୍ରାମର ପ୍ରଦୀପ୍ତ ମଲ୍ଲିକ (୪୫) ଓରଫ ପଦିଆଙ୍କୁ ପଠାଇ ଗଛ ହାଣୁଥିଲେ। ସୋମବାର ମଧ୍ୟାହ୍ନରେ ପଦିଆ ଗଛ ହାଣୁଥିବା ବେଳେ ଅଣ୍ଟା ଦଉଡ଼ି ଛିଡି ଯିବାରୁ ସେ ତଳେ ପଡ଼ିଯାଇଥିଲେ। ମୁହଁ ପଟ ଗଛରେ ମାଡ଼ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପଦିଆଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ତେବେ ଖବର ଦିଆଯାଇଥିଲେ ମଧ୍ୟ ଘଟଣାସ୍ଥଳରେ ପୁଲିସ୍ କିମ୍ବା ବେପାରୀ ପହଞ୍ଚି ପାରିନଥିଲେ। ଫଳରେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବାଲିଚନ୍ଦ୍ରପୁର ପୁଲିସକୁ ଖବର ଦିଆଯାଇଥିଲେ ମଧ୍ୟ ଆମକୁ କୌଣସି ରିପୋର୍ଟ ଦିଆଯାଇନାହିଁ କହି ଘଟଣାକୁ ଏଡ଼ାଇଦେଇଥିଲେ। ଅନ୍ୟପଟେ ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂହ ଏବଂ ତଦନ୍ତ ଅଧିକାରୀ ଦୁଃଖିଶ୍ୟାମ ସାହୁଙ୍କୁ ଯୋଗାଯୋଗ କରିବାରୁ ମୃତକଙ୍କ ପୁଅ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପରେ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି କହିଛନ୍ତି। ଯେହେତୁ ଘଟଣାଟି ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଘଟିଛି ଆମେ ଲୋକାଲ ଇନକ୍ୱାରୀ ମାଗିବୁ ବୋଲି ସେ ସୂଚନା ଦେଇଛନ୍ତି।

## ବଣଭୋଜି ସ୍ଥଳ ପ୍ଲାଷ୍ଟିକମୁକ୍ତ ରଖିବାକୁ ବୈଠକ

**ଯାଜପୁର, ୫।୧(ସମିସ):** ଜିଲ୍ଲାରେ ଥିବା ଦଶଟି ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ମଦନ ମୋହନ ସାହୁ, ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପରିବେଶ ସମିତି ସମ୍ପାଦକ, ଯାଜପୁର ଜିଲ୍ଲାର ଦୁଇ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ଥିବା ପ୍ରମୁଖ ବଣଭୋଜି ସ୍ଥଳଗୁଡ଼ିକରେ ସଚେତନତା ବାର୍ତ୍ତା ସହିତ ପ୍ଲାଷ୍ଟିକ ବସ୍ତୁ ବ୍ୟବହାର ନକରିବାକୁ ଶପଥ ପାଠ କରିବା, ପ୍ଲାଷ୍ଟିକ ମୁକ୍ତ କରିବା ଓ ପ୍ଲାଷ୍ଟିକ ନିୟମ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରି ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଜରିମାନା ଲାଗୁ କରିବାକୁ ପରାମର୍ଶ ଦେଇଥିଲେ। ଦଶରଥପୁର ନଦୀ କୂଳ, ସୁକିନ୍ଦା ଉପତ୍ୟକା, ଗୋକର୍ଣ୍ଣେଶ୍ୱର ପର୍ବତ, ବ୍ୟାସନଗର ପାର୍କ, ବିରଜା ନଦୀ ପାର୍ଶ୍ୱ, ଓଳାଶୁଣୀ ପର୍ବତ ଓ ଗୁମ୍ଫା, ପାଣିକୋଇଲି କେନାଲ ପାର୍ଶ୍ୱ, କୁଆଖିଆ ନଦୀ ପାର୍ଶ୍ୱ, ସିଙ୍ଗଡ଼ା ପର୍ବତ, ବୈତରଣୀ ଘାଟ, ଚଣ୍ଡିଖୋଲ ଇତ୍ୟାଦି ଅନ୍ତର୍ଭୁକ୍ତ ସ୍ଥାନରେ ବଣଭୋଜି ବେଳେ ପ୍ଲାଷ୍ଟିକ ଉପରେ କଟକଣା ଲଗାଇବା ପାଇଁ ଆଲୋଚନା ହୋଇଥିଲା। ଏହା ଦ୍ୱାରା ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ତଥା ପରିବେଶ ସ୍ୱଚ୍ଛ ସୁନ୍ଦର ରହିବା ସହ ସ୍ୱଚ୍ଛତା କ୍ଷେତ୍ରରେ ଜିଲ୍ଲାର ମାନ୍ୟତା ବୃଦ୍ଧି ପାଇବ। ଏହାସହ ପର୍ଯ୍ୟଟକ, ବଣଭୋଜି କରୁଥିବା ଲୋକଙ୍କୁ ଏକ ସୁସ୍ଥ ପରିବେଶ ମିଳିପାରିବ।

## ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟିଲେ ଯୁବନେତା



**ବ୍ୟାସନଗର, ୫।୧(ସମିସ):** ଯାଜପୁର ଜିଲ୍ଲାର ସମାଜସେବୀ ତଥା ରାଜ୍ୟ ଯୁବ ବିଜୁ ଜନତା ଦଳର ଉପସଭାପତି ସୌମ୍ୟରଞ୍ଜନ ଧଳ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଏବଂ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସୌମ୍ୟରଞ୍ଜନ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଅବହେଳିତ ଏବଂ ନିଷ୍ପେସିତ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

## ବନ୍ଦେ ମାତରମ୍‌ର ଉତ୍ସବ ଆୟୋଜନ ପାଇଁ ବୈଠକ

**ଯାଜପୁର, ୫।୧(ସମିସ):** ଜାତୀୟ ରାଷ୍ଟ୍ରଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲାରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବିଡିଓ, ପୌରନିର୍ବାହୀ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ବାଲେଶ୍ୱରଠାରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣରୁ ଫେରିଥିବା 'ମାଷ୍ଟର ଟ୍ରେନର' ମାନଙ୍କ ସହାୟତାରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ ତାଲିମ ଶିବିର ଆୟୋଜନ କରାଯିବ। ଆସନ୍ତା ଜାନୁଆରୀ ୧୦ ତାରିଖ ସୁଦ୍ଧା ଏହି ବ୍ଲକସ୍ତରୀୟ ତାଲିମ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଜଣେ ଲେଖାଏଁ ଶିକ୍ଷକ/ଅଧ୍ୟାପକ ଯୋଗଦେଇ ତାଲିମ ନେବେ। ବୈଠକରେ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରୀ ୧୨ ଜାତୀୟ ଯୁବ ଦିବସ ଦିନ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ମାତରମ'ର ସାମୂହିକ ଗାନ କରାଯିବ ଏବଂ 'ସ୍ୱଦେଶୀ ସଂକଳ୍ପ' ପାଠ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରୁ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ 'ଆତ୍ମନିର୍ଭର ଭାରତ ଆମ୍ବାସାଡର' ଭାବେ ଚୟନ କରାଯିବ। ଜାନୁଆରୀ ୧୫ ରୁ ୨୦ ମଧ୍ୟରେ ପ୍ରତ୍ୟେକ ବ୍ଲକସ୍ତରରେ ଏକ ବୃହତ ସମାରୋହ ଆୟୋଜନ କରାଯାଇ ସାମୂହିକ ଗାନ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତତ୍ତ୍ୱାବଧାରକ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ




**ଯାଜପୁର, ୫।୧(ସମିସ):** ଶ୍ରୀଅରବିନ୍ଦଙ୍କ ପବିତ୍ର ୩୧ତମ ଦେହାଂଶ ପ୍ରତିଷ୍ଠା ଉତ୍ସବ ଯାଜପୁର ସହର ନରଣପୁର ସ୍ଥିତ ଶ୍ରୀମା ଅରବିନ୍ଦ ମାତୃସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରସାଦ ତ୍ରିପାଠୀ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଚତୁର୍ଭୁଜ ସାହୁ, ନିଶିଥ ରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦ ଓ ଭାରତର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୋଲଖ ବିହାରୀ ସାହୁ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ଦେହାଂଶ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ପ୍ରଥମେ ୩ ମିନିଟ୍ ପାଇଁ ସମବେତନ ଧ୍ୟାନ କରାଯିବା ସହ ଦୁର୍ଗାସ୍ତୋତ୍ର ପାଠ କରାଯାଇଥିଲା। ଆନନ୍ଦ ଭାଇ ସାବିତ୍ରୀ ଆବୃତ୍ତି କରିଥିବା ବେଳେ ରବି ଭାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମାତୃ ବନ୍ଦନା କରାଯିବା ପରେ ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା। କହ୍ନେଇ ଚରଣ ପୃଷ୍ଟି ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମଶାଳା ମହୋତ୍ସବର ଦ୍ୱାଦଶ ସନ୍ଧ୍ୟା

# ସଲମନ ଅଲ୍ଲୀଙ୍କ ଗୀତରେ ଝୁମିଲେ ଯୁବପିଢ଼ି



**ଧର୍ମଶାଳା, ୫।୧(ସମିସ):** ଧର୍ମଶାଳା ମହୋତ୍ସବର ଦ୍ୱାଦଶତମ ସନ୍ଧ୍ୟାକୁ ଯାଜପୁର ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ୍ ଉଦଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଏହି ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଜିଲ୍ଲା ଚିଫ୍ ଡେଭଲପମେଣ୍ଟ ଅଫିସର ଦେବୀପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଡିଏଫ୍‌ଓ ଅନୀଲ ରାୟ, ଅନ୍ୟତମ ସମ୍ମାନିତ ଅତିଥି ଉପଜିଲ୍ଲାପାଳ ତାପସ ଦେହୁରୀ ଯୋଗଦେଇ। ସଂଯୋଜକ ଦେବରାଜ ମିଶ୍ର ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ସତ୍ୟ ପ୍ରିୟ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଇଣ୍ଡିଆନ ଆଇଡଲ୍ ବିଜେତା ବଲିଉଡ୍ ଗାୟକ ସଲମନ ଅଲ୍ଲୀ ଘଣ୍ଟାଏ ଧରି ମଞ୍ଚରେ ରହି ଗୋଟିଏ ପରେ ଗୋଟିଏ ନୂଆ ଓ ପୁରୁଣା ହିନ୍ଦୀ ସୁପରହିଟ ଗୀତ ବୋଲି ଉପସ୍ଥିତ ଶ୍ରୋତାଙ୍କୁ ମନୋରଞ୍ଜନ ଖୋରାକ ଯୋଗାଇଥିଲେ।

## ଖବର କାଗଜ ବିତରକଙ୍କ ପରଲୋକ



**ମଙ୍ଗଳପୁର, ୫।୧(ସମିସ):** ଦଶରଥପୁର ବ୍ଲକର ଖବର କାଗଜ ବିତରକ ବାବନ ଜେନା (୬୦)ଙ୍କ ପରଲୋକ ହୋଇଯାଇଛି। ସେ ମଙ୍ଗଳପୁର ସମେତ ବିଭିନ୍ନ ଅଞ୍ଚଳରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଖବରକାଗଜ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଗତ ୧୫ ଦିନ ତଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ଅଧିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସୋମବାର ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା। ଆଜି ଭୁବନେଶ୍ୱରରୁ ଆମ୍ବୁଲାନ୍ସ ଯୋଗେ ମରଶରୀର ତାଙ୍କ ନିଜ ଘର ଡାହାଣହତା ପଞ୍ଚାୟତ ତେନ୍ତୁଲିଡିଅ (ଛଚିଣା) ଗ୍ରାମରେରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ସ୍ୱର୍ଗତ ଜେନାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ଶହ ବୌଳାଙ୍ଗ ବଜାର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ଯାଜପୁର ସ୍ଥିତ ଦଶାଶ୍ୱମେଧ ଘାଟ ବାରିଣୀ ପଡ଼ିଆରେ ଶବ ସତ୍କାର କରାଯାଇଥିଲା। ମରଶରୀର ଉପରେ କମ୍ୟୁନିଷ୍ଟ ପାର୍ଟିର ପତାକା ଦିଆ ଯାଇ ସମ୍ମାନ ଜଣାଯାଇଥିଲା। ଶୋଭାଯାତ୍ରାରେ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହସମ୍ପାଦକ ଅଭୟ କୁମାର ପଣ୍ଡା, ଜୋନ ସମ୍ପାଦକ ଶିଶିର ଶତପଥି, ଶିକ୍ଷକ ନେତା ଦୁର୍ଯ୍ୟୋଧନ ବାରିକ, ଭିକାରି ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ସାମ୍ବାଦିକ ରାକେଶ କୁମାର ସାହୁ, ଏସଜି କଲେଜର କିରାଣି ରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ୱର୍ଗତ ଜେନା କମ୍ୟୁନିଷ୍ଟ ପାର୍ଟିର ଚିନ୍ତାଧାରାରେ କାର୍ଯ୍ୟ କରି ଆସୁଥିବା ବେଳେ ସେ ବିଭିନ୍ନ ଅନୁଷ୍ଠାନ ଶହ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ଡାହାଣହତା ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, କନିକାପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, କନିକାପଡ଼ା ପଞ୍ଚାୟତର ଯୁବ ନେତା ଇଂ. ତିମିରକାନ୍ତ ସେନାପତି, ମଙ୍ଗଳପୁର ବଜାର କମିଟିର ସଭାପତି ଅକ୍ଷୟ ପାତ୍ର, ବିଶିଷ୍ଟ ବ୍ୟବସାୟୀ କ୍ଷୀରୋଦ ଶତପଥୀ, ବୌଳାଙ୍ଗ ବଜାର କମିଟିର ସମ୍ପାଦକ ରମେଶ ମହାପାତ୍ର, କ୍ୟାସିଅର ସୂର୍ଯ୍ୟକାନ୍ତ ପୃଷ୍ଟି, କନିକାପଡ଼ା ପଞ୍ଚାୟତର ବିଜେପି ସଭାପତି ସୁମନ୍ତ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପତିତପାବନ ହାଇସ୍କୁଲ ପୁରାତନ ଛାତ୍ରଙ୍କ ସମ୍ମିଳନୀ


**ଧର୍ମଶାଳା, ୫।୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଗଙ୍ଗାଧରପୁର ପତିତପାବନ ହାଇସ୍କୁଲର ୧୯୭୨ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଓ ପଣ୍ଡିତ ଶିକ୍ଷକ ଅବଧୂତ ପରିଡ଼ା ଶତାୟୁଭାବ ଓ ଦୁର୍ଘଟଣାରେ ଆହତ ଶ୍ରୀ ପରିଡ଼ାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଉତ୍ସବରେ ପଞ୍ଚାନନ ପରିଡ଼ା, ଦୁର୍ଯ୍ୟୋଧନ ପ୍ରଧାନ, ସୁଦର୍ଶନ ବାରିକ, ଚିନ୍ତାମଣି ସ୍ୱାଇଁ, ନଟବର ପତି, ନାରାୟଣ ସାହୁ, ଲକ୍ଷ୍ମୀଧର ଖିଲାର, ସୁନାକର ରାଉତ, ବିଦ୍ୟାଧର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ଶିକ୍ଷକ ଶ୍ରୀ ପରିଡ଼ା ଛାତ୍ରଙ୍କ ଭଲ ପାଇବା ତାଙ୍କୁ ଦୀର୍ଘାୟୁ କରିଛି ବୋଲି ମତବ୍ୟକ୍ତ କରିଥିଲେ।

## ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



**ସିଂହପୁର, ୫।୧(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାକୁଡି ପଡ଼ିଆ ଠାରେ ଆସନ୍ତା ୨୫ ତାରିଖ ହିନ୍ଦୁ ସମାଜ ତରଫରୁ ହିନ୍ଦୁ ସମ୍ମିଳନୀ ସମାରୋହରେ ପାଳନ କରାଯିବ। ଏହି ସମ୍ମିଳନୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଥଲା। ଏହି ହିନ୍ଦୁ ସମ୍ମିଳନୀରେ କଳସ ଯାତ୍ରା, ଯଜ୍ଞ, ସାଧୁସନ୍ଥଙ୍କ ସମ୍ମିଳନୀ ହେବ। ସମ୍ମିଳନୀରେ ୫ ହଜାର ବ୍ୟକ୍ତିଙ୍କ ପାଇଁ ଅନ୍ନଯଜ୍ଞର ଆୟୋଜନ ପାଇଁ ବୈଠକରେ ସ୍ଥିର କରାଯାଇଛି। ପ୍ରସ୍ତୁତି ବୈଠକରେ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଯୁବକମାନେ ଯୋଗ ଦେଇଥିଲେ।

# ସମ୍ପାଦକୀୟ



ଜୀବନରେ ଖୁସି ରହିବାକୁ ହେଲେ ବସ୍ତୁ କିମ୍ବା ମଣିଷ ସହିତ ନୁହଁ, ଏକ ଲକ୍ଷ୍ୟ ସ୍ଥିର କର ଏବଂ ତା' ସହିତ ଜଡ଼ିତ ହୁଅ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଅପରେସନ ମାଦୁରୋ

ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଆମେରିକା ଅପହରଣ କରିନେଇଛି। ପରେ ଅବଶ୍ୟ ତାଙ୍କୁ ଗିରଫ କରି ନ୍ୟୁୟର୍କ ଜେଲରେ ରଖାଯାଇଛି। ମାଦୁରୋଙ୍କ ନେତୃତ୍ୱରେ ଡ୍ରଗ୍ସ ସାମ୍ରାଜ୍ୟ ଗଠନ ପ୍ରୟାସକୁ ଆମେରିକା ବିରୋଧ କରିଆସିଛି। ଆମେରିକାକୁ ନିଷିଦ୍ଧ ନିଶାଦ୍ରବ୍ୟ ପ୍ରେରଣରେ ତାଙ୍କର ଭୂମିକା ଦୃଷ୍ଟିରୁ ସେ ବିଚାରର ସମ୍ମୁଖୀନ ହେବେ ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ କେତେଦୂର ସତ ଓ ମିଛ ତାହା ଭିନ୍ନ କଥା। ଅସଲରେ ବିଶ୍ୱରେ ସବୁଠାରୁ ଅଧିକ ଖଣିଜ ତୈଳ ଭେନେଜୁଏଲାରେ ଗଚ୍ଛିତ ଥିବାରୁ ତାହାକୁ ଆମେରିକା ଆକ୍ତିଆର କରିବାକୁ ଚାହେଁ। କିନ୍ତୁ ବିଧିବଦ୍ଧ ଭାବେ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଗିରଫ କରି ଆମେରିକା ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତାରେ ହସ୍ତକ୍ଷେପ କରିଛି, ଯାହାକି ଅନ୍ତଃରାଷ୍ଟ୍ରୀୟ ଆଇନ ଓ ଜାତିସଂଘ ସନନ୍ଦର ଖୋଲା ଉଲ୍ଲଂଘନ। ଟ୍ରମ୍ପ ପ୍ରଶାସନର ଏହି କାର୍ଯ୍ୟକୁ ବିଶ୍ୱର ଅନେକ ରାଷ୍ଟ୍ର ସମେତ ୱାଶିଂଟନରେ ମଧ୍ୟ ବିରୋଧ କରାଯାଇଛି।

ଭେନେଜୁଏଲାର ଘଟଣାକ୍ରମ ଓ ଆମେରିକାର ଅଭିଯୋଗକୁ ତର୍ଜମା କଲେ ଇରାକର ରାଷ୍ଟ୍ରପତି ସଦାମ ହୁସେନଙ୍କ ବିରୋଧରେ ଅନୁରୂପ ମିଥ୍ୟା ଆରୋପ ମାଧ୍ୟମରେ ଗ୍ରହଣ କରାଯାଇଥିବା ସାମରିକ କାର୍ଯ୍ୟନୁଷ୍ଠାନ ସାମ୍ନାକୁ ଆସିଯିବା ସ୍ୱାଭାବିକ। ସମସ୍ତ ଅଭିଯୋଗ ମିଥ୍ୟା ପ୍ରମାଣିତ ହୋଇଥିଲେ ମଧ୍ୟ ବିଶ୍ୱ ଜନସମୁଦାୟ କିମ୍ବା ଜାତିସଂଘ ଆମେରିକାକୁ ଦୋଷାରୋପ କରି ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ କି ଅଲ୍ କାଏଦା ସଂଗଠନର ମୁଖ୍ୟ ଓସାମା ବିନ ଲାଡେନକୁ ପାକିସ୍ତାନର ଆବୋଟାବାଦ୍‌ରୁ ଗିରଫ ସକାଶେ ଆମେରିକାର ସ୍ୱତନ୍ତ୍ର ବାହିନୀ ଯେଭଳି ଯୋଜନା ପ୍ରସ୍ତୁତ କରିଥିଲେ ମାଦୁରୋଙ୍କ କ୍ଷେତ୍ରରେ ତାହା ଅନୁଭୂତ ହୋଇଥିଲା। ସେ ସୁରକ୍ଷିତ ବଳୟରେ ଥିଲେ ମଧ୍ୟ ମାତ୍ର ୫ ଘଣ୍ଟାର ଅପରେସନରେ ରାଷ୍ଟ୍ରପତି ଦମ୍ପତିଙ୍କୁ ହେଲିକପ୍ଟର ମାଧ୍ୟମରେ ଉଠାଇ ନିଆଯାଇଥିଲା। ଏହି ଘଟଣାର ୮ ଘଣ୍ଟା ପୂର୍ବରୁ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସ୍ୱତନ୍ତ୍ର ଦୂତଙ୍କ ସହ ମାଦୁରୋଙ୍କ ଆଲୋଚନା ହୋଇଥିଲା। ଭେନେଜୁଏଲାର ୯୦ ପ୍ରତିଶତ ତୈଳ ଚୀନ କିଣୁଥିବାରୁ ଏହି ସାକ୍ଷାତକୁ ଏକ ସ୍ୱାଭାବିକ ପ୍ରକ୍ରିୟା କୁହାଯାଇପାରେ। କିନ୍ତୁ ଏଥିସହିତ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ହଠାତ୍ ଯୋଡ଼ିବା ଠିକ୍ ହେବ ନାହିଁ।

ଭେନେଜୁଏଲାର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଉପରାଷ୍ଟ୍ରପତି ହେଲସି ରୋଡ୍ରିଗ୍ସ ଶାସନ ଭାର ହାତକୁ ନେଇଛନ୍ତି। ମାଦୁରୋଙ୍କ ନିର୍ବାଚନକୁ ନେଇ ଆମେରିକା ପକ୍ଷରୁ ହୋଇଥିବା ଅଭିଯୋଗ ଯେ ଅସତ୍ୟ ତାହା ଟ୍ରମ୍ପଙ୍କ ପରବର୍ତ୍ତୀ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। ଯଦିବା ସେ ନିର୍ବାଚନ ଜାଲିଆତି କରି ବିଜୟୀ ହୋଇଛନ୍ତି ପରିବର୍ତ୍ତିତ ପରିସ୍ଥିତିରେ ବିରୋଧୀଦଳକୁ କ୍ଷମତାସୀନ କରାଇବା ପାଇଁ ଆମେରିକା ପକ୍ଷରୁ ଦାବି କରାଯାଇଥା'ନ୍ତା। କିନ୍ତୁ ବିରୋଧୀ ଦଳ ଭାବେ ମାରିଆ କୋରିନାଙ୍କ ପ୍ରତି ସେଭଳି ଜନସମର୍ଥନ ନାହିଁ। ତେଣୁ ସେ ରାଷ୍ଟ୍ରପତି ହୋଇପାରିବେନି ବୋଲି ଟ୍ରମ୍ପ ସିଧାସଳଖ ମନା କରିଦେଇଛନ୍ତି। କାରଣ ଟ୍ରମ୍ପଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ମାରିଆ ନୋବେଲ ଶାନ୍ତି ପୁରସ୍କାର ହାସଲ କରିଥିଲେ। ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଆମେରିକା ପକ୍ଷରୁ ଯେଉଁ ଅଭିଯୋଗ କରାଯାଉଛି ତାହା ସଂପୂର୍ଣ୍ଣ ଅସତ୍ୟ ଓ ନିରାଧାର।

ରୁଷ, ଚୀନ ଓ ଫ୍ରାନ୍ସ ଭଳି ବହୁ ରାଷ୍ଟ୍ର ଟ୍ରମ୍ପଙ୍କ ସାମରିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିବା ସହ ଜାତିସଂଘ ନିରାପତ୍ତା ପରିଷଦ ବୈଠକ ଡକାଇଛନ୍ତି। ଯେହେତୁ ଆମେରିକା ଭିଟୋ କ୍ଷମତାର ଅଧିକାରୀ ଏ ପ୍ରକାର ବୈଠକରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା ଊଣା। କିଛି ଭିଟୋ ଅଧିକାରୀ ରାଷ୍ଟ୍ରଙ୍କ ପାଇଁ ଜାତିସଂଘର ଭୂମିକା ଦିନକୁ ଦିନ ଦୁର୍ବଳ ହେବାର ଲାଗିଛି। ଭେନେଜୁଏଲା ପରେ ମେକ୍ସିକୋ, କ୍ୟୁବା ଓ କଲମ୍ବିଆକୁ ଆମେରିକା ଚେତାବନୀ ଶୁଣାଇଛି। ଯେତେଦୂର ମନେହୁଏ ଏବେ ମଧ୍ୟ ଆମେରିକାର ପ୍ରାଧାନ୍ୟ ଓ ପତିଆରା ଅକ୍ଷୁଣ୍ଣ ରହିଛି।

## ବେପରବାୟ 'ଆମ ବସ'

'ଆମ ବସ' ଚଳାଚଳର ଦ୍ରୁତଗତି ଭିତ୍ତିପ୍ରଦ। ବିଶେଷକରି କଟକ ଓ ଭୁବନେଶ୍ୱର ପରି ଜନଗହଳିପୂର୍ଣ୍ଣ ସହରରେ ଏହି ବସର ଗତିଶୀଳତା ଦେଖିଲେ ରାସ୍ତାରେ ଥିବା ପଥଚାରୀ ହୁଅନ୍ତୁ ବା ଅନ୍ୟ ଯାନବାହନ, ଜୀବନବିକଳରେ ବାଟଛାଡ଼ି ଦେବାକୁ ବାଧ ହେଉଛନ୍ତି। ଏପରିକି ବୟସ୍କ ପଥଚାରୀଟିଏ ରାସ୍ତାରେ ନିଜକୁ ସୁରକ୍ଷିତ ମଣୁନାହିଁ। ଅପେକ୍ଷାକୃତ କମ ବସ ଭଡ଼ା ଦେବାକୁ ପଡୁଥିବାରୁ ଏହି ସେବା ପ୍ରତି ଲୋକଙ୍କର ଆକର୍ଷଣ ଥିଲେ ମଧ୍ୟ ତାହା ଆଉ 'ଆମ ବସ' ହୋଇ ନାହିଁ, 'ସରକାରଙ୍କ ବସ'ରେ ପରିଣତ ହୋଇଛି।

ଗତ ଦେଢ଼ବର୍ଷ ମଧ୍ୟରେ 'ଆମ ବସ'ର ଖାମଖିଆଲ ଓ ଅନିୟନ୍ତ୍ରିତ ଯାତାୟାତ ଯୋଗୁଁ ଅନ୍ୟୂନ ୨୪ ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି, ଯାହାର କୌଣସି ପରିସଂଖ୍ୟାନ ନାହିଁ। ଆହତଙ୍କୁ ୫୦ ହଜାର ଟଙ୍କା ସରକାର ଦେଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେ ଅକର୍ମଣ୍ୟ ହୋଇଛନ୍ତି ତାହାର ହିସାବ ରଖୁଛି ବା କିଏ? 'ଆମ ବସ'ର କ୍ରମାଗତ ଦୁର୍ଘଟଣା ସଂପର୍କରେ ଗଣମାଧ୍ୟମ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ହେଉନାହିଁ। ସରକାରୀ ବ୍ୟବସ୍ଥା ଉପରେ ସରକାରଙ୍କ କଟକଣା ନ ରହିବା କ୍ଷୋଭର ବିଷୟ।

ଶନିବାର ରାଜଧାନୀରେ ହୋଇଥିବା 'ଆମ ବସ' ଦୁର୍ଘଟଣା ନିଶ୍ଚୟ ସମସ୍ତଙ୍କ ଆଖି ଖୋଲି ଦେଇଥିବ। ଦିନ ୧୧ ଟାରେ ରୁପାଲି ଛକ ରାଜଧାନୀର ଅପେକ୍ଷାକୃତ ଅଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ପ୍ରଚଳିତ ଟ୍ରାଫିକ ବ୍ୟବସ୍ଥା ସବୁକାଳେ ଅଧିକ ସତର୍କ ଓ ସଜାଗ। ଛକରେ ସିଗନାଲ ବନ୍ଦ ଥିବାରୁ ଯାନବାହନ ଅଟକି ରହିଥିଲେ। ହଠାତ୍ ସିଗନାଲ ପଡ଼ିଯିବା କଥା ନିଆରା। 'ଆମ ବସ' ନିଜର ବେଗକୁ ନିୟନ୍ତ୍ରଣ କରି ନପାରି ସାମ୍ନାରେ ଥିବା ଅଟୋରିକ୍ସାକୁ ଧକ୍କା ଦେଲା, ତାହା ଏକପ୍ରକାର ଅପେକ୍ଷାରତ ସ୍କୁଲବସରେ ପିଟି ହୋଇଗଲା। ଅଟୋର ସାମ୍ନା ଚକ ବସର ନିମ୍ନ ଅଂଶରେ ପଶିବାରୁ ଚାଳକର ଘଟଣାସ୍ଥଳରେ ମୃତ୍ୟୁ ଘଟିଲା। ଯାତ୍ରୀ ମଧ୍ୟ ଗୁରୁତର ଆହତ ହେଲେ। ଏପ୍ରକାର ଅସାବଧାନତା ଆଦୌ କ୍ଷମଣୀୟ ନୁହେଁ। କ୍ଷମାପ୍ରାର୍ଥନା ଅର୍ଥହୀନ। କ୍ରମାଗତ ଭାବେ 'ଆମ ବସ'ର ତ୍ରୁଟିପୂର୍ଣ୍ଣ ଗାଡ଼ିଚାଳନା ସଂପର୍କରେ ଦୃଷ୍ଟିଆକର୍ଷଣ କରାଯାଇଛି। ସରକାର ସହାୟତା ରାଶି ଘୋଷଣା କରୁଛନ୍ତି। ଅଥଚ ପରିସ୍ଥିତି ଅପରିବର୍ତ୍ତିତ ରହିଛି।

# ଗାନ୍ଧୀଙ୍କ 'ତୃତୀୟ ପଥ'

**ଡକ୍ଟର ଅବଶ ପରିଡ଼ା**

ଆଧୁନିକ ରାଜନୀତି କେବଳ କ୍ଷମତା, ଶ୍ରେଣୀ ସଂଘର୍ଷ କିମ୍ବା ନିର୍ବାଚନ ପ୍ରତିଯୋଗିତାରେ ସୀମିତ ନାହିଁ। ଜାଣତ ବା ଅଜାଣତରେ ଆମ ଦୈନନ୍ଦିନ ଜୀବନର ପସନ୍ଦ ଓ ନାପସନ୍ଦ ମାଧ୍ୟମରେ ରାଜନୀତି ଏବେ କାର୍ଯ୍ୟ କରୁଛି। ସରଳରେ କହିବାକୁ ଗଲେ ଆମ ପରିଚୟ, ଶରୀରର ବେଶଭୂଷା, ଦୈନନ୍ଦିନ ଅଭ୍ୟାସ ଏପରିକି ନୈତିକ ପ୍ରତିଶ୍ରୁତିବଦ୍ଧତାକୁ ମଧ୍ୟ ରାଜନୀତି ଆକାର ଦେଉଛି। ଲୋକପ୍ରିୟ ସମାଜଶାସ୍ତ୍ରୀ ଆନ୍ଥୋନି ଗିଡେନ୍ସଙ୍କ 'ଆଧୁନିକତା ଓ ଆତ୍ମ-ପରିଚୟ' ତତ୍ତ୍ୱରେ ଏହି ପରିବର୍ତ୍ତନର ନାଁ ଥିଲା 'ଜୀବନ ରାଜନୀତି' ବା 'ଲାଇଫ୍ ପଲିଟିକ୍ସ'।

ମୂଳତଃ ପାରମ୍ପରିକ ରାଜନୀତି ହେଉଛି 'ମୁକ୍ତିବାଦ' ଚିନ୍ତାଧାରା ଉପରେ ଆଧାରିତ। ଜନସାଧାରଣଙ୍କ ଦାରିଦ୍ର୍ୟ, ସମସ୍ୟା ଓ ଅତ୍ୟାଚାର ଭଳି ବାହ୍ୟ ପ୍ରତିବନ୍ଧକରୁ ମୁକ୍ତ କରିବା ସହିତ ସୁଯୋଗ ଓ ସମାନତା ଭଳି ଉପାଦାନ ଉପରେ ଏହା ଗୁରୁତ୍ୱ ଦିଏ। ଅପରପକ୍ଷେ ବ୍ୟକ୍ତିବିଶେଷ ନିଜର ପରିଚୟ, ଶରୀର ଏବଂ ଜୀବନଶୈଳୀ ବିଷୟରେ ନେଉଥିବା ନିଷ୍ପତ୍ତି ସହିତ 'ଜୀବନ ରାଜନୀତି' ଜଡ଼ିତ। ଗିଡେନ୍ସଙ୍କ ମତରେ ଆଧୁନିକତାର ଶେଷ ଭାଗରେ ଆମେ ଅଛୁ। ତେଣୁ ନିରନ୍ତର ଭାବରେ ନିଜ ପରିଚୟ ଓ ଅସ୍ତିତ୍ୱ ଉପରେ ଚିନ୍ତନ କରିବାକୁ ଆମେ ବାଧ ହେଉଛେ। ଆମ ପାଇଁ ପରିଚୟ ସତେଯେପରି ଏକ ଅସମାପ୍ତ ପ୍ରକଳ୍ପ। ଅନେକ ଯୁକ୍ତି କରନ୍ତି ଯେ ଲୋକପ୍ରିୟ ଜୀବନ ରାଜନୀତି ଧାରଣା ହେଉଛି 'ତୃତୀୟ ପଥ' ବା 'ଥାର୍ଡ଼ ୱେ' ରାଜନୈତିକ ଦର୍ଶନର ଏକ ଅଂଶ। 'ତୃତୀୟ ପଥ' ହେଉଛି ଏକ କେନ୍ଦ୍ରବାଦୀ ରାଜନୈତିକ ଦର୍ଶନ। ଚୁମ୍ବକରେ କହିଲେ ସାମାଜିକ ନ୍ୟାୟ ସହ ମୁକ୍ତବଜାର ପୁଞ୍ଜିବାଦର ମିଶ୍ରଣ ଏବଂ 'ଦାୟିତ୍ୱ ସହିତ ଅଧିକାର'ର ଗୁରୁତ୍ୱ ଭଳି ଧାରଣା ହେଉଛି ଏହି ଦର୍ଶନର ମେରୁଦଣ୍ଡ। ପୃଥିବୀରେ ଏହାକୁ ପାରମ୍ପରିକ ବାମପନ୍ଥୀ ସମାଜବାଦ ଓ ଦକ୍ଷିଣପନ୍ଥୀ ନବ-ଉଦାରବାଦର ବିକଳ୍ପ ଭାବରେ ମଧ୍ୟ ବ୍ୟାଖ୍ୟା କରାଯାଇଛି। ଏହାର ପ୍ରୟୋଗ ଓ ପ୍ରଚାରକୁ ଟୋନି ବ୍ଲେୟାର, ଗେରହାର୍ଡ ସ୍ରୋଡର୍ ଓ ବିଲ୍ କ୍ଲିଣ୍ଟନଙ୍କ ଭଳି ନେତାମାନଙ୍କ ସମର୍ଥନ ମିଳିଥିଲା।

ଉଭୟ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା ରାଜନୀତି ଓ ସମାଜଶାସ୍ତ୍ରୀୟ ତତ୍ତ୍ୱରେ ପ୍ରବେଶ କରିବାର ବହୁପୂର୍ବରୁ ମହାତ୍ମା ଗାନ୍ଧୀ ଏହାକୁ ଅଭ୍ୟାସ କରିସାରିଥିଲେ। ଏକ ଶତାବ୍ଦୀ ତଳେ ପ୍ରୟୋଗ ହୋଇଥିବା ଗାନ୍ଧୀଙ୍କ 'ଜୀବନ ରାଜନୀତି' ଓ 'ତୃତୀୟ ପଥ'ର ଧାରଣା କାଳ୍ପନିକ ନୁହେଁ, ବରଂ ପାହାଡ଼ ଭଳି ପୁରୁଣା। ରାଜନୀତିରେ ସାଧାରଣତଃ ଦୁଇ ପ୍ରକାରର ସ୍ୱର ଥାଏ। ପ୍ରଥମ 'ପୁଞ୍ଜିବାଦ', ଯାହା କୁହେ ଯେ 'ବଜାର ସବୁକିଛି ସମାଧାନ କରିବ'। ଅନ୍ୟଟି ହେଉଛି 'ସମାଜବାଦ', ଯାହା ବିଶ୍ୱାସ କରେ ଯେ, 'ରାଷ୍ଟ୍ର ହିଁ ସବୁକିଛି ନିୟନ୍ତ୍ରଣ କରିବ'। ଗାନ୍ଧୀଙ୍କ 'ତୃତୀୟ ପଥ' କିନ୍ତୁ ଏହି ଉଭୟଙ୍କଠାରୁ ଭିନ୍ନ ଏବଂ ଏକ ସକ୍ଷମ ବିକଳ୍ପ। ତେଣୁ ଏହି ପରିପ୍ରେକ୍ଷୀରେ ଗାନ୍ଧୀଙ୍କ 'ତୃତୀୟ ପଥ' କୁହେ ଯେ 'ବଜାର ଓ ରାଷ୍ଟ୍ର ନୁହେଁ, ପ୍ରଥମେ ବ୍ୟକ୍ତି ନିଜ ଉପରେ ନିୟନ୍ତ୍ରଣ କାହିଁକି ରଖୁ ନାହିଁ। ସମ୍ପତ୍ତିର ସଂଚୟ ନୁହେଁ କିମ୍ବା ସମ୍ପତ୍ତିର ପୁନଃବଣ୍ଟନ ନୁହେଁ, ବରଂ ବ୍ୟକ୍ତିର ଇଚ୍ଛା ପ୍ରଥମେ ହ୍ରାସ କର'। କିନ୍ତୁ ସତ କଥା ହେଉଛି ଆଧୁନିକ ରାଜନୀତି ହେଉଛି ଅତ୍ୟଧିକ ଇଚ୍ଛା, ଯେମିତିକି ଅଧିକ ଭୋଟ ପାଇବା, ଅଧିକ ସମ୍ବଳର ମାଲିକାନା ଓ ବ୍ୟବହାର କରିବା। ଏହାସହିତ ଅଧିକ ରାଜନୈତିକ ସ୍ଲୋଗାନରେ ଲୋକଙ୍କୁ ବୋକା ବନେଇବା ଉପରେ ପର୍ଯ୍ୟବସିତ।

ଏହି ପରିପ୍ରେକ୍ଷୀରେ ମ୍ୟାକ୍ସ ୱେବରଙ୍କ 'ରାଜନୀତି ହେଉଛି ଆଧୁନିକତାର ଏକ ଲୁହା ପିଞ୍ଜରା' - ଉକ୍ତି ଆମକୁ ପ୍ରାସଙ୍ଗିକ ଲାଗିପାରେ। ଏହି ଧାରଣା କୁହେ ଯେ ଆଧୁନିକ ସମାଜ ପାଇଁ 'ଦକ୍ଷତା' ଏବେ 'ନୈତିକତା'ଠାରୁ ଶକ୍ତିଶାଳୀ ଏବଂ 'ଉନ୍ନତି' 'ସଦ୍‌ଗୁଣ'ଠାରୁ ଢେର ଆଗରେ ଅଛି। କିନ୍ତୁ ଗାନ୍ଧୀବାଦୀ ବିକାଶ ମଡେଲରେ ଏହାର ସମାଧାନ କଥା ଉଲ୍ଲେଖ ଅଛି। କୌଣସି ବିପ୍ଳବ ମାଧ୍ୟମରେ ସାମାଜିକ ଓ ବ୍ୟକ୍ତିଗତ ମୂଲ୍ୟବୋଧକୁ ସଜଡ଼ା ଯାଇପାରିବ ନାହିଁ। ଏହି ପିଞ୍ଜରାକୁ ଭାଙ୍ଗିବାକୁ ହେଲେ ପ୍ରଥମେ ନିଜ ଜୀବନଶୈଳୀକୁ ପରିବର୍ତ୍ତନ ଓ ପରୀକ୍ଷଣ କରିବା ଆବଶ୍ୟକ। ବରିଷ୍ଠ ଗାନ୍ଧୀ ସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ସଦ୍ୟ ପ୍ରକାଶିତ ଅନେକ ରିପୋର୍ଟ ଓ ଶୈକ୍ଷିକ ସର୍ଭେରେ ମହାତ୍ମା ଗାନ୍ଧୀଙ୍କୁ ଜଣେ ସ୍ୱତନ୍ତ୍ର ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ଉଲ୍ଲେଖ କରାଯାଇଛି। ଗାନ୍ଧୀଙ୍କ ନେତୃତ୍ୱ ମୂଳତଃ ବ୍ୟକ୍ତିଗତ ଜୀବନଶୈଳୀ ପରୀକ୍ଷଣରେ ନିହିତ ଥିଲା। ତାଙ୍କର ଆଭିମୁଖ୍ୟକୁ 'ବ୍ୟବହାରିକ ଆଦର୍ଶବାଦ' କୁହାଯାଏ। ଏକ ଗଣ-ଆଧାରିତ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ରାଜନୈତିକ ସକ୍ରିୟତା ସହିତ ନୈତିକ ଶୃଙ୍ଖଳାକୁ ଏହି ଆଦର୍ଶବାଦ ଏକୀକୃତ କରିଥିଲା।

ଗାନ୍ଧୀଙ୍କ 'ତୃତୀୟ ପଥ' ଆମ ପାଇଁ ପ୍ରାସଙ୍ଗିକ ନା ଅଦରକାରୀ? ଏହାକୁ ନେଇ ଅନେକ ବିତର୍କ ହୁଏ। ଏହି ପ୍ରଶ୍ନର ଉତ୍ତରରେ ଶ୍ରୀପରିଡ଼ା କୁହନ୍ତି ଯେ ଆମ ପାଇଁ ଏହା ଅସୁବିଧାଜନକ। ଆଧୁନିକ ରାଜନୀତିରେ ଗୋଟିଏ ପ୍ରଶ୍ନକୁ ନେଇ ସବୁବେଳେ ଦ୍ୱନ୍ଦ୍ୱ। ତାହା ହେଉଛି 'ଯଦି ସମସ୍ୟା ବ୍ୟବସ୍ଥାରେ ନାହିଁ, ବରଂ ଆମର ଇଚ୍ଛାରେ ଅଛି, ତେବେ କ'ଣ ହେବ? ଦ୍ରୁତ ରାଜନୀତି, ବାଧ୍ୟତାମୂଳକ ଆଦର୍ଶବାଦ, ଜବରଦସ୍ତ ଜାତୀୟତାବାଦ ସହିତ ଅନୈତିକତାକୁ ପରୋକ୍ଷରେ ଗ୍ରହଣ କରିଥିବା ବ୍ୟବସ୍ଥାରେ ନୈତିକ ଭାବରେ ବଞ୍ଚିବା ହେଉଛି ସବୁଠାରୁ ମୌଳିକ କାର୍ଯ୍ୟ। କେବଳ ରାଷ୍ଟ୍ର ଓ ବଜାର ମଧ୍ୟରେ ଏକ ଅର୍ଥନୈତିକ ଆପୋସ ପ୍ରସ୍ତାବ ନୁହେଁ, ଗାନ୍ଧୀ ଏକ ସଭ୍ୟତାମୂଳକ ଉପାୟ ପ୍ରଦାନ କରିଥିଲେ। ଯେଉଁଠାରେ ଆତ୍ମସଂଯମ ଓ ସମ୍ପ୍ରଦାୟ ମଧ୍ୟରେ ରଣି ହେଉଛି ନୀତିଶାସ୍ତ୍ର। ଏହା ହିଁ 'ତୃତୀୟ ପଥ'।

ରାଜନୀତିକୁ କେବଳ ନୀତିନିୟମ କିମ୍ବା ଆନ୍ଦୋଳନରେ ଘଟୁଥିବା ଏକ ଘଟଣା ବା ଉପାଦାନ ଭାବରେ ଗାନ୍ଧୀ କେବେ ବି ବିଚାର କରୁ ନ ଥିଲେ। ତାଙ୍କ ପାଇଁ, 'ଆଇ' ବା 'ସ୍ୱୟଂ' ଥିଲା ପ୍ରଥମ ରାଜନୈତିକ ସ୍ଥାନ। ସ୍ୱ-ରାଜନୀତିର ଜଣେ ପ୍ରବର୍ତ୍ତକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ। ମହାତ୍ମା ଗାନ୍ଧୀଙ୍କ 'ସ୍ୱ-ରାଜନୀତି' ପ୍ରତି ଆଭିମୁଖ୍ୟ ବ୍ୟକ୍ତିର 'ସ୍ୱ-ଶାସନ' ଭଳି ଏକ ବିପ୍ଳବୀ ଧାରଣା ଉପରେ କେନ୍ଦ୍ରିତ ଥିଲା। ଏହି ଧାରଣା ବିନା ଏକ ଜାତି ପାଇଁ ରାଜନୈତିକ ସ୍ୱାଧୀନତା ଥିଲା ଅସମ୍ଭବ। ଗାନ୍ଧୀଙ୍କ ପାଇଁ ରାଜନୀତି କେବଳ କ୍ଷମତା ହାସଲ କରିବା ନୁହେଁ, ବରଂ ଆତ୍ମପରିବର୍ତ୍ତନ ଏବଂ ସମାଜସେବାର ଏକ ଉପକରଣ। ତାଙ୍କର ଏହି ଚିନ୍ତାଧାରା ପ୍ଲାଟୋ, ଆରିଷ୍ଟୋଟଲ, ଲକ୍ ଠାରୁ ଅଳ୍ପ ଭିନ୍ନ ଥିଲା ବେଳେ ଆଧୁନିକ ସମାଜଶାସ୍ତ୍ରୀ ଫୁକୋଙ୍କ ତତ୍ତ୍ୱ ଗାନ୍ଧୀଙ୍କ ସ୍ୱ-ଅନୁଶାସନ ସହ ସାମଞ୍ଜସ୍ୟ ଅଛି।

ମହାତ୍ମା ଗାନ୍ଧୀ କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ବରଂ ଆତ୍ମନିର୍ଭରତା ଓ ଅହିଂସାର ଏକ ବୃହତ୍ତର ଦର୍ଶନର ଅଂଶ ଭାବରେ ନିରାମିଷ ଭୋଜନକୁ ପ୍ରୋତ୍ସାହିତ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଯେ ବାଧ୍ୟବାଧକତା ନୁହେଁ, ଆନ୍ତରିକ ପ୍ରେରଣା ଭାବରେ ଉପବାସ ହେଉଛି ଏକ ସମାଧାନ। ଉଭୟ ନିରାମିଷ ଭୋଜନ ଓ ଉପବାସ ହେଉଛି ଉପନିବେଶିକ ଉପଭୋକ୍ତାବାଦ ପ୍ରତି ପ୍ରତିରୋଧ ଓ ଆତ୍ମନିୟନ୍ତ୍ରଣର ଏକ ପ୍ରୟୋଗ। ଗାନ୍ଧୀଙ୍କ ଏହି ବ୍ୟକ୍ତିଗତ ବ୍ୟବହାର ହେଉଛି ବର୍ତ୍ତମାନର ଏକ ନୈତିକ ଓ ରାଜନୈତିକ ଆବଶ୍ୟକତା ବୋଲି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ 'ଭେଗାନୁଆରି' ଭଳି ଆଧୁନିକ ଆନ୍ଦୋଳନଗୁଡ଼ିକ ଲୋକପ୍ରିୟ ହେଉଛି, ଯେଉଁଠି ପ୍ରାଣୀ-ଶିଳ୍ପ କୃଷିକୁ ରାଜନୈତିକ ସ୍ତରରେ ସମାଲୋଚନା କରାଯାଉଛି। ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ୨୫ ନିଯୁତରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ଏହି ଆନ୍ଦୋଳନ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ସାମ୍ପ୍ରତିକ ସ୍ଥିତିରେ 'ଭାରତର 'ନିରାମିଷ ଜାତୀୟତାବାଦ' ଦକ୍ଷିଣପନ୍ଥୀ ହିନ୍ଦୁ ଗୋଷ୍ଠୀମାନଙ୍କ ପାଇଁ ପରିଚୟ ସାବ୍ୟସ୍ତ କରିବାର ଏକ ଉପକରଣ ପାଲଟିଛି। ସେହିପରି ଗାନ୍ଧୀଙ୍କ ଖଦି ପ୍ରଚାର କେବଳ ପ୍ରତୀକାତ୍ମକ ନ ଥିଲା, ବରଂ ଏହା ଥିଲା ବିଶ୍ୱ ପୁଞ୍ଜିବାଦର ଏକ ଭୌତିକ ସମାଲୋଚନା। ସମ୍ଭବତଃ ସେଥିପାଇଁ ସ୍ଥାନୀୟ ବସ୍ତ୍ର ଧ୍ୟାନପୂର୍ବକ ପୋଷାକ କିଣିବା ଏବଂ ସରଳତାକୁ ପର୍ଯ୍ୟବସିତ କରି 'ସ୍ଲୋ ଫେସନ' ଆନ୍ଦୋଳନ ଏବେ ଉଭା ହୋଇଛି। ଶହେରୁ ଅଧିକ ଦେଶରେ ଏହି ଆନ୍ଦୋଳନ ଏବେ ବ୍ୟାପକ। ଆମ ଦେଶରେ 'ସ୍ଲୋ ଫ୍ୟାଶନ'ର ଧାରଣା ମହାତ୍ମା ଗାନ୍ଧୀଙ୍କ ଖଦି ଆନ୍ଦୋଳନ ଦ୍ୱାରା ଅନୁପ୍ରାଣିତ। ତେଣୁ ଆମେ କ'ଣ ପିନ୍ଧୁଛେ, କ'ଣ ଖାଉଛୁ ଏବଂ କ'ଣ ବ୍ୟବହାର କରୁ, ତାହା ଏକ ଆଦର୍ଶ ରାଜନୈତିକ ଆଲୋଚନା ହୋଇପାରିବ, ଯଦି ଆମେ ଏହାକୁ ନୈତିକ ଉପାୟରେ ପ୍ରୟୋଗ କରିବା।

ସନ୍ଦେହ ହେଉଛି ଯେ ଗାନ୍ଧୀଙ୍କ ଜୀବନ ରାଜନୀତି ଏବଂ 'ତୃତୀୟ ପଥ' ଆଜିର ରାଜନୈତିକ ପରିବେଶରେ ଖାପ ଖାଇବ ନାହିଁ। ମାଗଣା ବଣ୍ଟନ, ଉପହାର, ଅପ୍ରାସଙ୍ଗିକ ଆନ୍ଦୋଳନ ଓ ରାତାରାତି ବିକାଶର ପ୍ରତିଶ୍ରୁତି ଯୋଗୁଁ ଏହା ପଛରେ ପଡ଼ିଯାଇଛି। କିନ୍ତୁ ଗାନ୍ଧୀ ଆଜି ବି ଆମକୁ ପ୍ରଶ୍ନ କରୁଛନ୍ତି ଯେ ସରକାର ପରିବର୍ତ୍ତନ କରିବା ପୂର୍ବରୁ ନାଗରିକମାନେ ସେମାନଙ୍କର ଅଭ୍ୟାସ କାହିଁକି ପରିବର୍ତ୍ତନ କରୁନାହାନ୍ତି? ରାଜନୀତିରେ ସର୍ଟକଟ୍‌କୁ ଭଲ ପାଉଥିବା ଏହି ଯୁଗରେ ଏକ ନୈତିକତାର ଲମ୍ବା ରାସ୍ତା ଉପରେ ଜିଦ୍ ଧରିଥିବାରୁ ଗାନ୍ଧୀ ଆମ ପାଇଁ ଏକ ପୁରୁଣା ବିଚାର। ରାଷ୍ଟ୍ରର ସଂସ୍କାର ନୁହେଁ, ବ୍ୟକ୍ତିର ଆତ୍ମ ସଂସ୍କାର ହେଉଛି ସବୁଠାରୁ କଠିନ ପଥ। ସମ୍ଭବତଃ ସେଥିପାଇଁ ପ୍ରସ୍ତାବିତ 'ତୃତୀୟ ପଥ' ଆମପାଇଁ ହାସ୍ୟାସ୍ପଦ। କିନ୍ତୁ କହିଲେ ଦେଖି ଏହା ଆଜିର ଆବଶ୍ୟକତା ନୁହେଁ କି?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଷାଠିଏ ପରର ଜୀବନ

**ସରୋଜ କୁମାର ଶତପଥୀ**

ପୂର୍ବରେ ଯେବେ ମଣିଷକୁ ୬୦ ବର୍ଷ ଛୁଉଁ ଥିଲା, ସେ ସମୟରେ ଏକ ସାଧାରଣ ଧାରଣା ଥିଲା, 'ଏବେ ଆମ ଜୀବନ ବୋଝ ହେଲା, ଶରୀର ଦୁର୍ବଳ ହେଲା, ଆରାମ କରିବା ସମୟ ଆସିଗଲା।' ୬୦ ବର୍ଷ ପରେ ଲୋକେ ଆତ୍ମନିବୃତ୍ତି, ଧାର୍ମିକ ଚିନ୍ତା ଓ ପରଲୋକ ଚିନ୍ତନରେ ନିଜକୁ ବ୍ୟସ୍ତ ରଖୁଥିଲେ। ସେମାନଙ୍କ ପାଇଁ ବୃଦ୍ଧାବସ୍ଥାର ଅର୍ଥ ହେଲା ଦେହ ଦୁର୍ବଳ, କାର୍ଯ୍ୟକ୍ଷମତା ଶେଷ ଆଉ ବିଶ୍ରାମ କରିବାର ସମୟ। କିନ୍ତୁ ବର୍ତ୍ତମାନ ସେହି ଚିନ୍ତାଧାରା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ଆଜିର ଯୁଗରେ ୬୦ ବର୍ଷର ବ୍ୟକ୍ତି ନିଜକୁ ବୃଦ୍ଧ ମନେ କରୁ ନାହାନ୍ତି, ବରଂ ସେମାନେ ନିଜକୁ 'ବରିଷ୍ଠ ଯୁବକ' ଭାବେ ଦେଖୁଛନ୍ତି। ଅର୍ଥାତ୍ ୬୦ ବର୍ଷ ପରେ ମଧ୍ୟ ଲୋକମାନେ ସକ୍ରିୟ, ଚଳଚଞ୍ଚଳ ଓ କାର୍ଯ୍ୟକ୍ଷମ ରହୁଛନ୍ତି।

ଏହି ପରିବର୍ତ୍ତନ ପଛରେ ଅନେକ ସାମାଜିକ, ଶାରୀରିକ ଓ ମାନସିକ କାରଣ ରହିଛି। ଆୟୁ ବୃଦ୍ଧି, ସୁସ୍ଥ ଶାରୀରିକ ଅବସ୍ଥା ଓ ସାମାଜିକ ମନୋଭାବର ପରିବର୍ତ୍ତନ ପାଇଁ ଗତ କିଛିଦଶନ୍ଧି ଧରି ଲୋକମାନେ ଅଧିକ ଦୀର୍ଘ ଓ ସୁସ୍ଥ ଜୀବନ ବିତାଉଛନ୍ତି। ବୟସର ଗଣନାଠାରୁ କାର୍ଯ୍ୟକ୍ଷମତା ଓ ସକ୍ରିୟତା ଉପରେ ଅଧିକ ଜୋର ଦିଆଯାଉଛି। ୬୦ ବର୍ଷ ପରେ ମଧ୍ୟ ଜୀବନ ସକ୍ରିୟ ଓ ଚଳଚଞ୍ଚଳ ରହିବାର ପ୍ରବୃତ୍ତି ପ୍ରାୟ ଗତ ୨୦ ରୁ ୨୫ ବର୍ଷ ମଧ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଇଛି ଏବଂ ଆଜି ଏହାକୁ ସମାଜ 'ଦ୍ୱିତୀୟ ଯୁବାବସ୍ଥା' ଭାବେ ସ୍ୱୀକାର କରୁଛି। ୧୯୯୦ ଦଶକ ପୂର୍ବରୁ ହାରାହାରି ଆୟୁ ସାଧାରଣତଃ ୬୫-୭୦ ବର୍ଷ ମଧ୍ୟରେ ଥିଲା। ତେଣୁ ୬୦ ବର୍ଷକୁ 'ଶେଷ ଅଧ୍ୟାୟ' ଭାବି ନିଆଯାଉଥିଲା। ୨୦୦୦ ମସିହା ପରେ ଚିକିତ୍ସା, ଖାଦ୍ୟ ଅଭ୍ୟାସ, ସ୍ୱାସ୍ଥ୍ୟ ଓ ସଚେତନତା ବଢ଼ିବା ସହିତ ଜୀବନ ଆୟୁ ୭୫-୮୦ ବର୍ଷ ହୋଇ ଯାଇଛି। ଏହା ଫଳରେ ଲୋକେ ୬୦କୁ 'ବୃଦ୍ଧାବସ୍ଥା' ଭାବେ ନଦେଖି 'ମଧ୍ୟବୟସ' ଭାବେ ଦେଖୁଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ସଂସ୍ଥାମାନେ ୨୦୦୨ ମସିହାରୁ 'ସକ୍ରିୟ ବାର୍ଦ୍ଧକ୍ୟ'(ଆକ୍ଟିଭ୍ ଏଜିଙ୍ଗ) ଧାରଣାକୁ ଆଧୁନିକ ଭାବେ ଗଭୀରତାର ସହିତ ସ୍ୱୀକାର କରିଛନ୍ତି ଏବଂ ଏହା ପରଠାରୁ ଜଗତରେ ଏକ ନୂଆ ଧାରା ଚାଲିଛି। ୨୦୧୦ ପରେ ଆଧୁନିକ ଜୀବନଶୈଳୀ ଯୋଗୁଁ ଏହି ଧାରଣା ଆହୁରି ବଢ଼ି ଯାଇଛି। ସକ୍ରିୟ ବାର୍ଦ୍ଧକ୍ୟ ହେଉଛି ଜୀବନସାରା ଶାରୀରିକ, ମାନସିକ ଓ ସାମାଜିକ ଭାବରେ ନିୟୋଜିତ ରହିବାର ପ୍ରକ୍ରିୟା, ଯାହା ବୟସ ସହିତ ଜଣଙ୍କର ଜୀବନର ଗୁଣବତ୍ତା ବୃଦ୍ଧି କରେ। ଏହା ସୁସ୍ଥ ଅଭ୍ୟାସ, ନିରନ୍ତର ଶିକ୍ଷା, ସାମାଜିକ ସଂଯୋଗ ଓ ସମାଜରେ ଯୋଗଦାନ କରିବାରେ ସକ୍ଷମ ହେବା ମାଧ୍ୟମରେ ସ୍ୱାସ୍ଥ୍ୟ ଓ ନିରାପତ୍ତା ଭଳି ସୁଯୋଗକୁ ସର୍ବୋତ୍କୃଷ୍ଟ କରିବା ସହିତ ଜଡ଼ିତ। ପୂର୍ବେ ବୟସ ବଢ଼ିଲେ ଲୋକେ ପଛକୁ ଦେଖୁଥିଲେ - ଏପର୍ଯ୍ୟନ୍ତ ମୁଁ କେତେ କଲି। ଆଜିର ମଣିଷ ଆଗକୁ ଦେଖୁଛନ୍ତି -ଏବେ ମୋର ସମୟ ଆସିଲା କିଛି ନୂଆ କରିବାର।

ବୃଦ୍ଧାବସ୍ଥା ବିଜ୍ଞାନୀ(ଜେରୋଣ୍ଟୋଲଜିଷ୍ଟ)ମାନେ ବୟସର ସଂଜ୍ଞାକୁ ସଂକଳିତ ଭାବେ ତିନିଟି ମୁଖ୍ୟ ଶ୍ରେଣୀରେ ବାଣ୍ଟିଛନ୍ତି। ପ୍ରଥମଟି ହେଲା, ଯୁବ-ବୟସ୍କ(ୟଙ୍ଗ ଓଲ୍ଡ), ଯେଉଁମାନଙ୍କ ବୟସ ପ୍ରାୟ ୬୦ ରୁ ୭୪ ବର୍ଷ। ଏମାନେ ଅଧିକାଂଶ ସ୍ୱାସ୍ଥ୍ୟସମ୍ପନ୍ନ, ସ୍ୱାଧୀନ ଓ ସକ୍ରିୟ। ଏହି ବୟସର ଲୋକମାନେ ଅବସର ନେଇ ନୂଆ ରୁଚି, ସେବାକାର୍ଯ୍ୟ କିମ୍ବା ଭ୍ରମଣ ଆଦି କରନ୍ତି। ୨ୟଟି ହେଲା ମଧ୍ୟ-ବୃଦ୍ଧ(ମିଡିଲ୍ ଓଲ୍ଡ), ଯେଉଁମାନଙ୍କର ବୟସ ହାର ପ୍ରାୟ ୭୫ ରୁ ୮୪ ବର୍ଷ। ଏହି ଶ୍ରେଣୀରେ ସ୍ୱାସ୍ଥ୍ୟ ଓ ଶକ୍ତି କିଛିମାତ୍ରାରେ କମିବା ଆରମ୍ଭ କରେ। ସେମାନଙ୍କ କିଛି ଦୈନିକ କାମରେ ସେମାନେ ସହାୟତା ଲୋଡ଼ିଥା'ନ୍ତି, କିନ୍ତୁ ମନୋବଳ ଦୃଢ଼ ଥାଏ। ଏହି ଶ୍ରେଣୀର ଲୋକମାନେ ପରିବାର ଓ ନାତି-ନାତୁଣିଙ୍କ ସହିତ ସମୟ ବିତାନ୍ତି। ତୃତୀୟ ତଥା ଶେଷ ପର୍ଯ୍ୟାୟ ହେଲା ପ୍ରବୃଦ୍ଧ ବୃଦ୍ଧ(ଓଲ୍ଡ ଓଲ୍ଡ), ଯେଉଁମାନଙ୍କର ବୟସ ୮୫ ବର୍ଷ ଓ ତଦୂର୍ଦ୍ଧ୍ୱ। ଏମାନଙ୍କଠାରେ ଅଧିକ ସ୍ୱାସ୍ଥ୍ୟ ଜଟିଳତା, ଶାରୀରିକ ଦୁର୍ବଳତା ଏବଂ ସେବା ଆବଶ୍ୟକତା ଥାଏ, କିନ୍ତୁ ଅନେକେ ମନୋବଳ, ଆସ୍ଥା ଓ ଅନୁଭବରେ ସମୃଦ୍ଧ ଥା'ନ୍ତି।

ଏଣୁ ୬୦ ପର ଜୀବନକୁ 'ପତନର ଅବଧି' ଭାବେ ନୁହେଁ ବରଂ ଏକ 'ନୂଆ ଆରମ୍ଭ' ଭାବେ ଉପଲବ୍ଧି କରିବା ହେଉଛି ଆମ ସାମାଜିକ ମନୋଭାବର ପରିଣାମ। ଆଧୁନିକ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟ ସଚେତନତା ଆଜିର ଲୋକଙ୍କୁ ଦୀର୍ଘ ଓ ସୁସ୍ଥ ଜୀବନ ଦେଇଛି। ନିୟମିତ ଅଭ୍ୟାସ, ସଠିକ ଖାଦ୍ୟ, ଯୋଗ ଓ ଧ୍ୟାନ ଆଜି ଜୀବନର ଅଂଶ ହୋଇଛି। ଏହା ଦେହ ଓ ମନକୁ ଯୁବସୁଲଭ ରଖୁଛି। ସେଥିପାଇଁ ଆଗ ତୁଳନାରେ ଆଜି ଲୋକମାନେ ଅଧିକ ଦିନ ବଞ୍ଚୁଛନ୍ତି ଏବଂ ଅଧିକ ସୁସ୍ଥ ଅଟନ୍ତି।

ପୂର୍ବରୁ ବୃଦ୍ଧ ଲୋକମାନଙ୍କୁ ଦୁର୍ବଳ, ନିଷ୍କ୍ରିୟ ଓ ବୋଝ ବୋଲି ମନେ କରା ଯାଉଥିଲା। କିନ୍ତୁ ଆଜି ସେହି ଧାରଣାକୁ ଆଧୁନିକ ବୃଦ୍ଧ ପିଢ଼ି ଭାଙ୍ଗି ଦେଇଛନ୍ତି। ଅନେକେ ୬୦ ପରେ ମଧ୍ୟ ପାହାଡ଼ ଚଢୁଛନ୍ତି, ଭ୍ରମଣ କରୁଛନ୍ତି, ସାଇକେଲ ଚଳାଉଛନ୍ତି, ଯାହା ଏକ ସକାରାତ୍ମକ ସନ୍ଦେଶ ଦେଉଛି ଯେ ବୟସ କେବଳ ଏକ ସଂଖ୍ୟା ମାତ୍ର। ଯେକୋଣସି ବୟସରେ ମଣିଷ ସ୍ୱପ୍ନ ଦେଖିପାରେ, ସକ୍ରିୟ ରହିପାରେ, ପ୍ରେମ କରିପାରେ, ଶିଖିପାରେ ଓ ନିଜକୁ ଉନ୍ନତ କରିପାରେ।

(ପରିଚାଳକ, ଜୟଦେବ ଭବନ)
ଭୁବନେଶ୍ୱର, ମୋ: ୯୩୪୮୧୨୭୪୪୭

# କାଗଜ କପ ସ୍ୱାସ୍ଥ୍ୟ ପ୍ରତି ବିପଦ

**ଶ୍ରୀନନ**

## ବିଜ୍ଞାନ ବାର୍ତ୍ତା

ଚା ପିଇବା ପାଇଁ ଆଗେ ବ୍ୟବହାର କରାଯାଉଥିଲା ଚାଇନାମାଟି ବା ସେରାମିକ୍ ତିଆରି କପ୍ କିମ୍ବା କାଚ ଗ୍ଲାସ। କିନ୍ତୁ ବର୍ତ୍ତମାନର 'ବ୍ୟବହାର କର ଏବଂ ଫିଙ୍ଗିଦିଅ' ଯୁଗରେ ସେଗୁଡ଼ିକର ଚାହିଦା କମିଯାଇଛି, ବିଶେଷ କରି, ଚା' ଦୋକାନ, ହୋଟେଲ ଆଦିରେ। ଏବେ ଏହାର ସ୍ଥାନ ନେଇଛି ମୁଖ୍ୟତଃ କାଗଜ ତିଆରି କପ, ଥରେ ବ୍ୟବହାର କଲା ପରେ ଏହି ଶସ୍ତା ଜିନିଷଗୁଡ଼ିକୁ ଫିଙ୍ଗିଦିଆଯାଉଛି। ଅତଏବ ତାହାକୁ ପୁନଃ ବ୍ୟବହାର ପାଇଁ ପରିଷ୍କାର କରି ସାଇତିବା ଦରକାର ପଡୁନାହିଁ। ତେବେ ଏଗୁଡ଼ିକ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଲାଣି।



କାଗଜ ତିଆରି କପ୍‌ରେ ଚା' କିମ୍ବା କଫି ଆଦି ଗରମ ତରଳ ପଦାର୍ଥ ଭରିଲେ ତାହା ଭିଜି ନଯିବା ପାଇଁ ସେଥିରେ ଦିଆଯାଇଥାଏ 'ପଲିଇଥିଲିନ୍' (Polyethylene) ନାମକ ଏକ ପ୍ଲାଷ୍ଟିକ ବୋଳା। ବୈଜ୍ଞାନିକମାନଙ୍କ ମତରେ ଏହି ଉଷ୍ମ ପାନୀୟଗୁଡ଼ିକ ତାହାର କ୍ଷୟ ଘଟାଇ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା (Microplastic) ଏବଂ ବାଇ ଫିନାଇଲ୍ – ଏ (Biphenef A) ପର୍‌ଫ୍ଲୋରୋଆଲ୍‌କାଇଲ- ପଲିଫ୍ଲୋରୋ ଆଲ୍‌କାଇଲ୍ ପଦାର୍ଥ' (Perflyroalysys – polyfloro alkye substances) ଥାଲେଟ୍ (Phthalo-e) ଆଦି ବିଷାକ୍ତ ରସାୟନମାନ ଉତ୍ପନ୍ନ କରିଥା'ନ୍ତି। ଏହା ଆମ ଶରୀର ମଧ୍ୟକୁ ପ୍ରବେଶ କରି ସେଠାରେ ଜମା ହେବାକୁ ଲାଗନ୍ତି ଏବଂ ହର୍‌ମୋନୀୟ ବିଶୃଙ୍ଖଳା, ବନ୍ଧ୍ୟାତ୍ୱ, ଉଚ୍ଚ ରକ୍ତଚାପ, ଚୟାପଚୟ ବିଶୃଙ୍ଖଳା, ଏପରିକି କର୍କଟ ରୋଗର ମଧ୍ୟ ଆଶଙ୍କା ବୃଦ୍ଧି କରନ୍ତି। ଏପରିସ୍ଥଳେ, ଏହାର ବ୍ୟବହାର ଯେତେଦୂର ସମ୍ଭବ ନ କରିବା ଭଲ।

ଖଡଗପୁରସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର' ସିଭିଲ୍ ଇଂଜିନିୟରିଂ ବିଭାଗର ପ୍ରଫେସର ଡକ୍ଟର ସୁଧା ଗୋଏଲ୍ ଓ ଏନ୍‌ଭାର୍ଣ୍ଣମେଣ୍ଟାଲ୍ ଇଂଜିନିୟରିଂ ଏଣ୍ଡ ମ୍ୟାନେଜ୍‌ମେଣ୍ଟ ବିଭାଗର ଗବେଷକ ବେଦ ପ୍ରକାଶ ଓ ଅନୁଜା ଯୋଶେଫ୍ ଆଦିଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ କାଗଜ ତିଆରି କପ୍‌ରେ ଚା' ପିଇଲେ ୧୫ ମିନିଟ୍ ମଧ୍ୟରେ ଏହାର ୧୦୦ ମିଲିଲିଟରରେ ୨୫୦୦୦ ପର୍ଯ୍ୟନ୍ତ ସୂକ୍ଷ୍ମପ୍ଲାଷ୍ଟିକ୍ କଣିକା ସୃଷ୍ଟି ହୁଅନ୍ତି। ଏଗୁଡ଼ିକ ରକ୍ତସ୍ରୋତ ଦେଇ ବିଭିନ୍ନ ଅଙ୍ଗ ନିକଟରେ ପହଞ୍ଚିଯାଆନ୍ତି।

ପ୍ରଫେସର ଗୋଏଲ୍‌ଙ୍କ କହିବା ଅନୁସାରେ ଏବର ପ୍ରାୟ ୨୫୦୦୦ ମାଇକ୍ରନ (୧୦ ମାଇକ୍ରୋମିଟରରୁ ୧୦୦ ମାଇକ୍ରୋମିଟର) ଆକୃତିର ସୂକ୍ଷ୍ମକଣିକାଗୁଡ଼ିକ ପଲିଇଥିଲିନ୍‌ରୁ ସୃଷ୍ଟି ହୁଅନ୍ତି ୮୫ ରୁ ୯୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ। ଏଣୁ ଆମେ ଦିନକୁ ପ୍ଲାଷ୍ଟିକ ବୋଳାଦିଆ କାଗଜ କପ୍‌ରେ ଚା' ବା କଫି ପିଇଲେ ଉକ୍ତ କଣିକାରୁ ପ୍ରାୟ ୭୫୦୦୦ ସୂକ୍ଷ୍ମକଣିକା ଆମ ଶରୀର ମଧ୍ୟକୁ ପ୍ରବେଶ କରନ୍ତି।

ଏସବୁ ଦୃଷ୍ଟିରୁ ବିଚାର କଲେ ଏପ୍ରକାର କାଗଜ ତିଆରି କପ୍ ସର୍ବଥା ବର୍ଜନୀୟ ବୋଲି ମତ ଦିଅନ୍ତି ସେଠାରେ ନିର୍ଦ୍ଦେଶକ ଥିବା ପ୍ରଫେସର ବୀରେନ୍ଦ୍ର କିଶୋର ତିୱାରୀ। ଅତଏବ ଏହା ବଦଳରେ ପାରମ୍ପରିକ ତଥା ବହୁବାର ବ୍ୟବହାର କ୍ଷମ ସେରାମିକ୍, କାଚ ବା ଷ୍ଟେନ୍‌ଲେସ୍ ଷ୍ଟିଲ ଆଦି କପ୍‌ରେ ଚା', କଫି, ସୁପ୍ କିମ୍ବା ଅନ୍ୟ କୌଣସି ଉଷ୍ମ ପାନୀୟ ପିଇବା ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ନିରାପଦ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରାଜନଗର ମହିଳା ବିଡିଓଙ୍କୁ ବିଜେପି ନେତା ଓ କର୍ମୀଙ୍କ ଆକ୍ରମଣ ଘଟଣା

# ଗିରଫଦାରୀ ଦାବିରେ ଡିଜିପିଙ୍କୁ ବିଜେଡିର ଦାବିପତ୍ର

କଟକ,୫ ।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ମହିଳା ବିଡିଓ ତିଲୋତ୍ତମା ପୃଷ୍ଟିଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଭିତରେ ପଶି ବିଜେପି ନେତା ଲଳିତ କୁମାର ବେହେରା ଏବଂ ଦଳୀୟ କର୍ମୀମାନେ ଆକ୍ରମଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ଏହି ଘଟଣାରେ ଏତଲା ପଞ୍ଜୀକରଣ ସହ ଶ୍ରୀ ବେହେରାଙ୍କ ସମେତ ସିସିଟିଭି ଫୁଟେଜ୍‌ରେ ଦେଖାଯାଉଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ ଓ ଗିରଫ କରିବା ପାଇଁ ବିଜେଡି ଦାବି କରିଛି।



ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ୱାଇ.ବି ଖୁରାନିଆଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଇନଶୃଙ୍ଖଳା ଏଡିଜି ସଂଜୟ କୁମାରଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଏହି ଦାବିପତ୍ର ପ୍ରଦାନ କରିବା ସହ ଉପରୋକ୍ତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବାରମ୍ବାର ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ କେବଳ ବ୍ୟକ୍ତିଗତ ଆପରାଧିକ କାର୍ଯ୍ୟ ନୁହେଁ, ବରଂ ଆଇନ ଉପରେ ସିଧା ଆକ୍ରମଣ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ପ୍ରକାଶଥାଉକି ଗତ ୩ ତାରିଖରେ ରାଜନଗର ବିଧାନସଭାର ବିଜେପି ପ୍ରାର୍ଥୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ୩୦-୪୦ରୁ ଅଧିକ ବିଜେପି କର୍ମୀ ବଳପୂର୍ବକ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ସରକାରୀ କାର୍ଯ୍ୟରେ ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ଚାପ ପକାଇଥିଲେ। ସମ୍ପୃକ୍ତ ମହିଳା ବିଡିଓ ଏଭଳି ବେଆଇନ କାର୍ଯ୍ୟ କରିବାକୁ ମନା କରିବାରୁ ଶ୍ରୀ ବେହେରା ଉତ୍କ୍ଷିପ୍ତ ହୋଇ ଟେବୁଲରୁ କମ୍ପ୍ୟୁଟର୍ ଉଠାଇ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନ୍ୟ ବିଜେପି କର୍ମୀମାନେ ମଧ୍ୟ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହୋଇଛି। ବରିଷ୍ଠ ନେତା ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜନଗର ବିଧାୟକ ଧ୍ରୁବ ସାହୁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ପ୍ରିୟବ୍ରତ ମାଝୀ, ପ୍ରଫୁଲ୍ଲ ସିଂହ, ମଧୁସୂଦନ ସାହୁ, ସୟଦ ଏକାମ୍ର ହୁସେନ, ମହମ୍ମଦ ସକିଲ, ପୂର୍ବତନ ମେୟର୍ ଅନିତା ବେହେରା, ପ୍ରଫୁଲ୍ଲ ବେହେରା, ସ୍ମୃତିରଂଜନ ନାୟକ ପ୍ରମୁଖ ବିଜେଡି ନେତୃବୃନ୍ଦ ଯୋଗ ଦେଇଥିଲେ।

## ଶ୍ରୀନଅରରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ

ପୁରୀ, ୫।୧(ସମିସ): ପୁଷ୍ୟା ନକ୍ଷତ୍ରଯୋଗରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପୁଷ୍ୟାଭିଷେକ ଶ୍ରୀନଅରଠାରେ ସୋମବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ଏଥିରେ ବରୁଣ ପୂଜା, ପଞ୍ଚଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ଅନୁଷ୍ଠିତ ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ। ଗଜପତି ଏବଂ ମହାରାଣୀଙ୍କ ବନ୍ଦାପନା ପରେ ଗଜପତିଙ୍କୁ ପଇତାଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଗଜପତି ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହ ଆଶୀର୍ବାଦ ଦେଇଥିଲେ। ବିଜେ କାହାଳୀ, ତେଲିଙ୍ଗି ବାଜା ଓ ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ଶ୍ରୀନଅର ପ୍ରକମ୍ପିତ ହୋଇଥିଲା। ଏ ସମ୍ପର୍କରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ କହିଛନ୍ତି, ଏହା ଶ୍ରୀନଅରର ଏକ ପାରମ୍ପରିକ ପର୍ବ। ପ୍ରଥମେ ପଞ୍ଚଦେବତା ପୂଜାଠାରୁ ଆରମ୍ଭ କରି ବିଭିନ୍ନ ଶାସ୍ତ୍ରୀୟ ପୂଜା କରାଯାଏ। ଏହାପରେ ଅଭିଷେକ ନୀତି ସମ୍ପନ୍ନ ହୁଏ। ଗଜପତିଙ୍କୁ ମଙ୍ଗଳାର୍ପଣ ଓ ପରେ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଏ। ଗଜପତି ଗାଦି ଘରକୁ ବିଜେ କରନ୍ତି। ଷୋଳଶାସନ ବ୍ରାହ୍ମଣମାନେ ଆଣିଥିବା ପଇତା ପ୍ରଦାନ କରିବା ସହିତ ଆଶୀର୍ବାଦ ଦେଇଥା'ନ୍ତି। ଗଜପତିଙ୍କ ରାଜ୍ୟ ଶାସନ ଶୁଭ ମଙ୍ଗଳରେ ଚାଲୁ ଏବଂ ଜଗତର କଲ୍ୟାଣ ହେଉ ବୋଲି ବ୍ରାହ୍ମଣମାନେ ଆଶିଷ ପ୍ରଦାନ କରିଥା'ନ୍ତି।

## ସିଆର୍‌ଆର୍‌ଆଇ ଥାନା ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୫ ।୧(ସମିସ): ମଦ ଦୋକାନୀଙ୍କଠାରୁ ଲାଞ୍ଚ ନେବା କଟକ ସିଆର୍‌ଆର୍‌ଆଇ ଥାନା ଅଧିକାରୀ ବିଜୟ କୁମାର ବାରିକଙ୍କୁ ମହଙ୍ଗା ପଡ଼ିଛି। ଗତକାଲି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବେଳେ ଆଜି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି ପୁଲିସ ଡିଜି। କେବଳ ନିଲମ୍ବନ କରିନାହାନ୍ତି, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ପ୍ରୋସିଡିଂ) ନେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ଶ୍ରୀ ବାରିକ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ରହିବେ। ସୁରୁଖୁରୁରେ ବ୍ୟବସାୟ ଚଳାଇବା ପାଇଁ ସଂପୃକ୍ତ ଥାନା ଅଞ୍ଚଳର ଥିବା ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କୁ ଶ୍ରୀ ବାରିକ ଲାଞ୍ଚ ଟଙ୍କା ମାଗିଥିଲେ। ରବିବାର ସକାଳୁ ରାଜମହଲ ଛକରେ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ପରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ୟୁନିଟ୍-୧ସ୍ଥିତ ସରକାରୀ କ୍ୱାର୍ଟର୍ ସମେତ ବିଭିନ୍ନ ଠିକଣାରେ ଚଢ଼ଉ କରି ୪ଲକ୍ଷ ୯୬ ହଜାର, ଦାମୀ ଘଣ୍ଟା, ଶିଶୁପାଳଗଡ଼ରେ ୩ ମହଲା କୋଠା, କେନ୍ଦ୍ରାପଡ଼ା ଡେରାବିଶସ୍ଥିତ ପୈତୃକ ଗାଁରେ ୨ ମହଲା କୋଠା ଠାବ କରିଥିଲା। ପରେ ବିଜୟଙ୍କୁ ଗିରଫ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗ୍ରେଟର ନୋଏଡ଼ା...

ଯକୃତ ଭଳି ଜଟିଳ ରୋଗର ଶୀଘ୍ର ଚିହ୍ନଟ କରାଯାଇପାରିବ। ଏହି କେନ୍ଦ୍ରରେ ଥିବା ଏଆଇ ଟୁଲ୍ ଏକ୍ସରେ, ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏମଆରଆଇ ରିପୋର୍ଟ, ଲାବୋରାଟୋରୀ ଇନଭେଷ୍ଟିଗେସନରେ ଡାକ୍ତରଙ୍କୁ ସହାୟତା କରିବ। ସରକାରୀ ହସ୍ପିଟାଲରେ ଡାକ୍ତର ଏବଂ ରୋଗୀଙ୍କୁ ସିଧାସଳଖ ଏଆଇ-ଆଧାରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି କ୍ଲିନିକର ଉଦ୍ଦେଶ୍ୟ।

ଏହି ଅବସରରେ ଜିଆଇଏମଏସ ନିର୍ଦ୍ଦେଶକ ତଥା ପ୍ରଫେସର ଏବଂ ଶିଶୁ ରୋଗ ବିଶେଷଜ୍ଞ ଡ. ରାକେଶ କୁମାର ଗୁପ୍ତା କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଏହା ନୂତନ ସୁଯୋଗ ଏବଂ ପ୍ରବେଶ ପ୍ରଦାନ କରିବ । ସେ ଏହାକୁ ସମୟର ଆବଶ୍ୟକତା ବୋଲି ଉଲ୍ଲେଖ କରିଥିଲେ। ଏହି କ୍ଲିନିକ ସ୍ୱାସ୍ଥ୍ୟସେବା ସମାଧାନ କ୍ଷେତ୍ରରେ ଦେଶରେ ଏକ ପ୍ରମୁଖ ଜାତୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏହି ଉଦଘାଟନୀ ସମାରୋହରେ ଦେଶ ଓ ବିଦେଶରୁ ପ୍ରାୟ ଶହେରୁ ଅଧିକ ବିଶେଷଜ୍ଞ ସାମିଲ ହୋଇଥିଲେ।

### ଇନ୍‌ଷ୍ଟାଗ୍ରାମରେ ସେକ୍ସ...

ପୁଲିସ ଏହା ଖବର ନ ପାଇବ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସୂଚନା ଅନୁଯାୟୀ, ଇନଷ୍ଟାରେ ସିମରନ ଲୁବାନିଙ୍କ ନାମରେ ଏକ ପେଜ ରହିଛି। ଏଠାରେ ପଞ୍ଜାବନ ଦୁଗରି ଚୌକ କୋଠାର ଠିକଣା ରହିଛି। ଏଥିରେ ସବୁ ଭିଡିଓ ପୋଷ୍ଟ କରାଯାଉଛି। ଏହି ପେଜ୍‌ରେ ଅନେକ ଯୁବତୀ ନିଜର ଅଶ୍ଳୀଳ ଭିଡିଓ କରି ଅପଲୋଡ କରିଛନ୍ତି। ଗ୍ରାହକଙ୍କୁ ଟାଣିବା ପାଇଁ ଏନଆରଆଇ ଭାବି ନାମରେ ମଧ୍ୟ ରିଲ୍ ରହିଛି। ଆଉ କିଛି ପୋଷ୍ଟରେ ଆପତ୍ତିଜନକ ଭାଷା ବ୍ୟବହାର କରାଯାଇଛି। ରିଲ୍ ମାଧ୍ୟମରେ ଦର ମଧ୍ୟ ଜଣାଇ ଦିଆଯାଉଛି। ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଣି କୋଠାକୁ ଆସିବାକୁ କୁହାଯାଉଛି। ଆଗ୍ରହୀ ବ୍ୟକ୍ତିଙ୍କୁ ମେସେଜ କରି କେଉଁ ଅଞ୍ଚଳରେ ଯୁବତୀ ଦରକାର ବୋଲି ପଚରା ଯାଉଛି। ପରେ ଏକ ଲିଙ୍କ ଦିଆଯାଉଛି। ଏଥିରେ ୩୦ ହଜାର ଭିଡିଓ ଏବଂ ୨୨ ହଜାର ଫଟୋ ଥିବା ଦାବି କରାଯାଇଛି।

### ସାରା ରାଜ୍ୟରେ...

ଧାନ ପରିବହନ ବାବଦକୁ କୁଇଣ୍ଟାଲ ପିଛା ୪୩ ପଇସା ମିଳୁଥିଲା; ମାତ୍ର ଏବେ ଏହାକୁ ୨୮ ପଇସାକୁ କମାଇ ଦିଆଯାଇଛି। ପୂର୍ବରୁ ଅରୁଆ ଚାଉଳ କରୁଥିବା ମିଲ୍‌ଗୁଡ଼ିକୁ ୧ ପ୍ରତିଶତ ସୁକ୍ତି ମିଳୁଥିଲା। ହେଲେ ରାଜ୍ୟ ସରକାର ଏହାକୁ ୦.୦୭ ପ୍ରତିଶତକୁ ଖସାଇ ଦେଇଛନ୍ତି। ସେହିପରି ପରିବହନ ଖର୍ଚ୍ଚ ମଧ୍ୟ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ହ୍ରାସ କରି ଦିଆଯାଇଛି।

ମିଲର୍ସ ଆସୋସିଏସନ୍ ସଭାପତି ମହେଶ ବଂଶଲ କହିଛନ୍ତି, ସରକାରୀ ସ୍ତରରେ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସମସ୍ତ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିବ। ପୂର୍ବରୁ ନଭେମ୍ବର ଓ ଡିସେମ୍ବରରେ ମୌଖିକ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ୫ ସପ୍ତାହ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ଆଦେଶନାମା ଜାରି କରାଯାଇ ନାହିଁ। ତେଣୁ ସଂଘ ବାଧ୍ୟ ହୋଇ ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

ଅପରପକ୍ଷରେ ଖାଦ୍ୟ ଯୋଗାଣ ବିଭାଗ କହିଛି ଯେ ସେମାନେ ମିଲରଙ୍କ ଦାବି ସମ୍ପର୍କରେ ଅବଗତ ଅଛନ୍ତି। ଏହାର ସମାଧାନ ପାଇଁ ଅଧିକ ସମୟ ମାଗିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଯେପରି ପ୍ରଭାବିତ ନ ହେବ, ସେଥିପାଇଁ ବିଭାଗ ଚେଷ୍ଟା କରୁଛି। ଅନ୍ୟପଟେ ମିଲର୍‌ଙ୍କ ଏହି ନିଷ୍ପତ୍ତି ଯୋଗୁଁ ବର୍ତ୍ତମାନ ବିଶେଷକରି ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକରେ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ଚାଷୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ସରକାରୀ ଭାବେ ଧାନ ରଖିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀ ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଦେଖାଦେଇଛି।

### ୨ ଘଣ୍ଟା ଅଚଳ...

୯ଟାରୁ ୧୧ଟା ଯାଏଁ ରାଜ୍ୟବ୍ୟାପୀ ସରକାରୀ ହସ୍ପିଟାଲରେ ଓପିଡି ସେବାରେ ଡାକ୍ତରମାନେ ଯୋଗ ଦେଇନଥିବାରୁ ହସ୍ପିଟାଲରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ ବି ରୋଗୀମାନେ ଚିକିତ୍ସା ନପାଇ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ସରକାର ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ଆମ ନ୍ୟାଯ୍ୟ ଦାବି ପୂରଣ ନେଇ ସରକକାର କୌଣସି ଆନ୍ତରକିତା ପ୍ରଦର୍ଶନ କରୁ ନାହାନ୍ତି। କେବଳ ଏକ ସଚିବ ସ୍ତରୀୟ କମିଟି ଗଠନ କରିଦେଇ ସରକାର ନିରବ ବସି ଯାଇଛନ୍ତି। ଆମ ଦାବି ନ ଶୁଣାଯିବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିବ। ଏହାସହ ଆଗାମୀ ଦିନରେ ଆମେ ସମୂହ ଇସ୍ତଫା ଦେବା ନେଇ ଯୋଜନା କରିଛୁ। ଏନେଇ ଜିଲ୍ଲାସ୍ତରରୁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କଠାରୁ ନିର୍ଦ୍ଦିଷ୍ଟ ସମ୍ମତିପତ୍ର ଏକତ୍ର କରୁଛୁ। ୩୦ଟି ଯାକ ଜିଲ୍ଲାର ଫର୍ମ ଆମ ନିକଟରେ ପହଞ୍ଚିବା ପରେ ଆମେ ତାକୁ ସରକାରଙ୍କୁ ପ୍ରଦାନ କରିବା ନେଇ ଚରମ ପଦକ୍ଷେପ ନେବୁ ବୋଲି ସେ 'ସକାଳ'କୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଆମକୁ ଆଲୋଚନାକୁ ଡାକିଲେ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ ସରକାର ଯଦି ଦାବି ନ ଶୁଣନ୍ତି ତାହେଲେ, ୧୫ତାରିଖରୁ ସକାଳେ ୨ ଘଣ୍ଟା ଓ ଉପରବେଳା ସମ୍ପୂର୍ଣ୍ଣ ଓପିଡି ବନ୍ଦ କରାଯିବ। କେବଳ ଜରୁରିକାଳୀନ ସେବା ଜାରି ରହିବ। ଏହାପରେ ୨୭ରୁ ସମ୍ପୂର୍ଣ ଭାବେ ଓପିଡି ସେବା ବନ୍ଦ କରିବାକୁ ସଂଘ ବିଚାର କରୁଥିବା ଜଣାପଡ଼ିଛି।

ଏପଟେ ଡାକ୍ତରଙ୍କ ଆନ୍ଦୋଳନ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି ଯେ ଓମ୍‌ସାର ଦାବିକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏଥିପାଇଁ ଏକ ସଚିବସ୍ତରୀୟ କମିଟି ଗଠନ ହୋଇଥିବା ବେଳେ ଏହାର ପ୍ରଥମ ବୈଠକ ସରିଲାଣି। ଡାକ୍ତର ସଂଘର ଦାବିଗୁଡ଼ିକ ମଧ୍ୟରୁ ୨ଟି ଦାବି ପୂରଣ ନେଇ ସରକାର ମାନି ନେଇ ସାରିଛନ୍ତି। ସମସ୍ତ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ ହେବ। ରୋଗୀ ସେବାରେ ଡାକ୍ତରମାନଙ୍କର ଗୁରୁ ଦାୟିତ୍ୱ ରହିଛି। ରୋଗୀଙ୍କ ପାଇଁ ଡାକ୍ତର ଭଗବାନ ସଦୃଶ। ତେଣୁ ନିଜ ବୃତ୍ତିକୁ ସମ୍ମାନ ଜଣାଇ ଡାକ୍ତରମାନେ ରୋଗୀସେବାରେ ଯୋଗ ଦିଅନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

### ମକର ଯାଏଁ...

ଉପକୂଳରେ ସାମୟିକ ଭାବେ ଶୀତ କମିବ। ତେବେ ୧୧ରେ ଶୀତ ପୁଣି ଲେଉଟିବ। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ନୟାଗଡ଼, ଢେଙ୍କାନାଳ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ କୁହୁଡ଼ି ରହିବ। ଆଭ୍ୟନ୍ତରୀଣ ଜିଲ୍ଲାରେ କିଛି କିଛି ସ୍ଥାନରେ କୁହୁଡ଼ି ରହିବ। ତେବେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଓ କଟକରେ କୁହୁଡ଼ି ସମ୍ଭାବନା କମ୍ ରହିଛି। ମକର ସଂକ୍ରାନ୍ତି ପରେ ବାୟୁର ଦିଗ ପରିବର୍ତ୍ତନ ଯୋଗୁଁ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ସମେତ ଦକ୍ଷିଣ ଉପକୂଳ ଅଞ୍ଚଳରେ ଶୀତ କମିବ। ମୋଟାମୋଟି ଭାବେ ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଏହା ଫଳରେ ଶୀତ ବଢ଼ିବ। ଅନ୍ୟପଟେ ଶୀତର ପ୍ରଭାବ ବଢ଼ିବା ସହ କୁହୁଡ଼ି ପ୍ରଭାବ ହ୍ରାସ ପାଇବ। ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ମଧ୍ୟରେ ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଥିବା ବେଳେ ଏହା ପରେ କୁହୁଡ଼ି କମିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ା ୮.୮, ରାଉରକେଲା ୯, ସେମିଳିଗୁଡ଼ାଠାରେ ତାପମାତ୍ରା ୯.୪, ଜି ଉଦୟଗିରି ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

### ସନ୍ଧ୍ୟା ୬ରୁ...

(ସିପିସିବି)ର ରିପୋର୍ଟ ଅନୁସାରେ ବାଲେଶ୍ୱର ଦେଶର ସବୁଠୁ ପ୍ରଦୂଷିତ ସହର ତାଲିକାରେ ଏକ ନମ୍ବରରେ ରହିଛି। ଏପରିକି, ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ରେ ଦିଲ୍ଲୀକୁ ବି ବାଲେଶ୍ୱର ପଛରେ ପକାଇ ଦେଇଛି। ଜିଲ୍ଲାରେ ସଡ଼କ କାମ ଜନିତ ଧୂଳି, କଳକାରଖାନା, ବେଆଇନ ଇଟାଭାଟି ଆଦି ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ତେଣୁ, ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସ୍‌ଏସ୍) ଧାରା ୧୬୩ ଅନୁଯାୟୀ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷେଧାତ୍ମକ ପଦକ୍ଷେପ ନିଆଯାଇଛି।

ତଦନୁଯାୟୀ, ବାଲେଶ୍ୱର ଓ ନୀଳଗିରି ଉପ-ଜିଲ୍ଲାପାଳ ଏବଂ ବାଲେଶ୍ୱର ଆର୍‌ଟିଓ ପକ୍ଷରୁ କୋଇଲା, ଲଘୁ ଓ ଗୁରୁ ଖଣିଜ ଏବଂ ଫ୍ଲାଏଆସ୍ ଟ୍ରକ୍‌ମାନଙ୍କର ଦିନରେ ଚଳାଚଳ ଉପରେ ପୃଥକ ନିୟନ୍ତ୍ରଣ ଜାରି କରାଯିବ। ଏଥିସହିତ ବିନା ତାର୍ପୋଲିନ୍ ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ ଓ ଅନ୍ୟାନ୍ୟ ରାସ୍ତାରେ ଚଳାଚଳକୁ ଅନୁମତି ମିଳିବ ନାହିଁ। ଯଥୋଚିତ ଅନୁମତି ବିନା କୌଣସି ଇଟାଭାଟି ଚାଲିବ ନାହିଁ। ଏନ୍‌ଏଚ୍‌ଏଆଇ ଏବଂ ଜାତୀୟ ରାଜପଥ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମସ୍ତ ନିର୍ମାଣସ୍ଥଳରେ ନିୟମିତ ପାଣି ସିଞ୍ଚନକୁ ସୁନିଶ୍ଚିତ କରିବେ। ପୁଲିସ, ପୌରପାଳିକା/ ୟୁଏଲବି, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆରଟିଓଙ୍କୁ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ବାଲେଶ୍ୱର ଓ ନୀଳଗିରି ଉପଜିଲ୍ଲାପାଳ ପ୍ରତିଦିନ ନିରୀକ୍ଷଣ କରି ରିପୋର୍ଟ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରିବେ।

### ଉମର ଖାଲିଦ...

ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଏହି ୫ ଜଣ ହେଲେ ଗୁଲଫିଶା ଫାତିମା, ମୀରନ ହାଇଦର, ସିଫା ଉର ରହେମାନ, ମହମ୍ମଦ ସଲିମ ଖାନ ଏବଂ ସଦବ ଅହମଦ। ଏମାନେ ସମସ୍ତେ ୨୦୨୦ରୁ ଜେଲରେ ଅଛନ୍ତି।

ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚ ଆଜି ଉପରୋକ୍ତ ଆଦେଶ ଦେଇଛନ୍ତି। ଖାଲିଦ ଓ ଇମାମଙ୍କ ଜାମିନ ଆବେଦନକୁ ଖାରଜ କରି ଖଣ୍ଡପୀଠ କହିଲେ ଯେ ଏହି ଦୁଇ ଜଣଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ। ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରିବା ଲାଗି ଏମାନେ ଷଡ଼ଯନ୍ତ୍ର କରୁଥିଲେ ବୋଲି ଦିଲ୍ଲୀ ପୁଲିସ ଯେଉଁ ଯୁକ୍ତି ଦର୍ଶାଇଛି, ସେଥିରେ କୋର୍ଟ ସନ୍ତୁଷ୍ଟ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ ଜାମିନ ଦିଆଯାଇ ପାରିବ ନାହିଁ। ଦୀର୍ଘ ଦିନ ହଲା ବିନା ବିଚାରରେ ଜେଲରେ ଅଛନ୍ତି ବୋଲି ଜାମିନ ପାଇଁ ହକଦାର ନୁହନ୍ତି। ସେମାନଙ୍କ ବିରୋଧରେ ହୋଇଥିବା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ସମ୍ବିଧାନିକ ଅଧିକାରର ଉଲ୍ଲଂଘନ ବୋଲି କୁହାଯାଇପାରିବ ନାହିଁ।

ଏହାସହିତ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଅନ୍ୟ ୫ ଜଣଙ୍କୁ ଜାମିନ ଦିଆଯାଥିଲେ ମଧ୍ୟ ସେମାନଙ୍କ ବିରୋଧରେ ଥିବା ଅଭିଯୋଗର ଗୁରୁତ୍ୱ ହ୍ରାସ ହୋଇନାହିଁ। ୧୨ଟି ସର୍ତ୍ତ ସହିତ ଏମାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ଯଦି ଏହି ସର୍ତ୍ତଗୁଡିକର ଉଲ୍ଲଂଘନ ହୁଏ, ତେବେ ଅଭିଯୁକ୍ତଙ୍କ ଶୁଣାଣି ପରେ ଟ୍ରାଏଲ କୋର୍ଟରେ ଏମାନଙ୍କ ଜାମିନକୁ ପ୍ରତ୍ୟାହାର କରାଯିବ।

କୋର୍ଟଙ୍କ ଏହି ରାୟ ଫଳରେ ଉମର ଓ ଇମାମ ଆଗାମୀ ଏକ ବର୍ଷ ପାଇଁ ଜାମିନ ଆବେଦନ କରିପାରିବେ ନାହିଁ ବୋଲି କୁହାଯାଉଛି। ତେବେ ସେମାନଙ୍କ ମାମଲାରେ ସାକ୍ଷ୍ୟଗ୍ରହଣ ଏକ ବର୍ଷ ପୂର୍ବରୁ ଶେଷ ହେଲେ ସେମାନେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମ କୋର୍ଟ କହିଛନ୍ତି।

ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏମାନଙ୍କୁ ଜାମିନ ଦେବାକୁ ମନା କରିଦେଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଚ୍ୟାଲେଞ୍ଜ କରି ଏହି ଅଭିଯୁକ୍ତମାନେ ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲେ। ଉମର ଜାମିନ ପାଇଁ ତଳ କୋର୍ଟରୁ ଆରମ୍ଭ କରି ସୁପ୍ରିକୋର୍ଟ ପର୍ଯ୍ୟନ୍ତ ୬ଥର ଆବେଦନ କରିସାରିଛନ୍ତି। ସୂଚନାଯୋଗ୍ୟ ୨୦୨୦ ଫେବୃଆରୀରେ ଦିଲ୍ଲୀ ଦଙ୍ଗା ହୋଇଥିଲା ଓ ଏଥିରେ ୫୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ୭୫୦ରୁ ଅଧିକ ଏଫ୍‌ଆଇଆର୍ ଦାଏର କରାଯାଇଥିଲା। ପୁଲିସର କହିବା ଅନୁଯାୟୀ ୨୦୨୦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ଅଭିଯୁକ୍ତମାନେ ଦଙ୍ଗା କରିବାକୁ ଚାହିଁଥିଲେ ଓ ଏଥିରେ ସଫଳ ମଧ୍ୟ ହୋଇଥିଲେ। ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ଆଇନ (ଆତଙ୍କବାଦ ବିରୋଧ ଆଇନ ) ଅନୁଯାୟୀ ମାମଲା ଦାୟର କରାଯାଇଥିଲା।

### ମାର୍ଚ୍ଚରେ ଡିଲ୍...

ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରିବାକୁ ସ୍ଥିର ହେବା ପରେ ଦଲାଲଙ୍କ ଆଶା ଉଜ୍ଜୀବିତ ହୋଇଥିଲା। ପୁଣି ଡିଲ୍ ଆରମ୍ଭ ହେବା ସହ ଜୋର୍‌ସୋଣ୍‌ରେ ଚାକିରି କିଣାବିକା ଚାଲିଥିଲା।

ସୂଚନା ଅନୁସାରେ, ସେପ୍ଟେମ୍ବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ଏମଡି ସୁରେଶ ନାୟକ ୫ଟି ସେଟ୍ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ। ଏହାମଧ୍ୟରୁ ଓପିଆର୍‌ବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା। ମାତ୍ର ସୁରେଶ ଏଠାରେ ମଧ୍ୟ ତଞ୍ଚକତା କରିଥିଲେ। ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ତେଣୁ ସୁରେଶ ତଞ୍ଚକତା କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ। ୫ ନମ୍ବର ସେଟ୍ ଛାପିଥିଲେ ଡିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା। ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା।

ତେବେ ବିଡ଼ମ୍ବନା ହେଉଛି, ଓପିଆର୍‌ବି ଏହି ତଞ୍ଚକତା ସମ୍ପର୍କରେ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିଲା। ସତରେ ଓପିଆର୍‌ବି ଏ ସମ୍ପର୍କରେ ଅଜ୍ଞ ଥିଲା ନା ଜାଣିଶୁଣି ନିରବ ରହିଥିଲା, ତାହା ଆଉ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଓପିଆର୍‌ବିର ଏସ୍ ବଳଭଦ୍ର ଦୀପ ଓ ସେକ୍ସନ୍ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ 'ସକାଳ'ରେ ପ୍ରକାଶ ପାଇଥିବା ପ୍ରତ୍ୟେକଟି ଖବର ସତ୍ୟ ସାବ୍ୟସ୍ତ ହୋଇଛି। ୨୦୨୫ ମାର୍ଚ୍ଚ ୭ରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ ହୋଇଥିବା ନେଇ ପ୍ରଥମ ଥର ପାଇଁ 'ସକାଳ'ରେ ଖବର ପ୍ରକାଶ ପାଇଥିଲା, ଯାହା ଚାର୍ଜସିଟ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏହାସହ ସେପ୍ଟେମ୍ବରରେ ମଧ୍ୟ 'ସକାଳ'ର ଅନୁସନ୍ଧାନମୂଳକ ରିପୋର୍ଟରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପୁନର୍ବାର ପରୀକ୍ଷା ବାତିଲ ହୋଇଥିଲା। ଚାକିରି ପିଛା ୨୫ଲକ୍ଷର କାରବାର ହୋଇଥିବା ଏଥିରେ ଉଲ୍ଲେଖ ରହିଥିଲା।


**Jana Kalyan Pratisthan**
Land Must, Water Next, Food First for Tribes
Sivananda Nagar, Paralakhemundi, Dist: Gajapati, Odisha
Email: jkpratisthan@gmail.com
Web: www.janakalyanpratisthan.org

**REQUIREMENT**

A male candidate with 10th class (above 60%) is required for NGO as Office Assistant with knowledge and skills of computer operation, MS Office, All files, convertion, internet etc.
All interested candidates may contact: 9437012921

Sd/- Secretary

**ଆଞ୍ଚଳିକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗଜପତି**

ଆସନ୍ତା ତା. ୦୭.୦୧.୨୦୨୬ ରିଖ ଠାରୁ ତା. ୧୦.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ, ପାରଳାଖେମୁଣ୍ଡି ପରିସରରେ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ, କୃଷି ଉଦ୍ୟୋଗୀ, ଡିଲରମାନଙ୍କୁ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁରୋଧ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ଗଜପତି

**AFFIDAVIT**
By virtue of an affidavit sworn before the Executive Magistrate, Cuttack, I, Santosh Kumar Samantaray, resident at Nuagarh, Telengapenth, Ps - Cuttack Sadar, Cuttack have changed my father 's name from Kunja Samantaray to Trilochan Samantaray. Hence afterwards my father 's name will be considered as **Trilochan Samantaray** instead of Kunja Samantaray for all purposes.

**AFFIDAVIT**
I Bijaya Laxmi Pradhan D/o- Ainthi Pradhan,W/o- Gouri Shankar Palai. At-Gopakuda, Post-Maluda, Dist-Puri, Odisha. Ichanged my surname Bijaya Laxmi palai to Bijaya Laxmi Pradhan. Both names same person i.e myself for all Purposes. Affidavit No- 57/03/01/2026

**AFFIDAVIT**
By virtue of an affidavit sworn before the Executive Magistrate, Berhampur, Ganjam on 31.12.2025, I, PADMINI SARABA EPPI, W/o- E. Jayaram Saraba & D/o.- Sundarshan Senapati permanent resident of Prem Nagar, Main Road, Near Shakti Cinema Hall Berhampur, P.S.: Bada Bazar, Dist.- Ganjam, have changed my name from E. PADMINI SARABA to PADMINI SARABA EPPI & correct DOB is 28.08.1977. Henceforth, I shall be known as **PADMINI SARABA EPPI** for all purposes.

**AFFIDAVIT**
I, Simadri Rama Prasad Prusty, S/o- Late Lakshminarayan Prusty Simadri, resident at Mahatmagandhi Road, Aska, Post / PS – Aska, Dist. – Ganjam, Odisha, PIN – 761110, declare by this Affidavit No. 0036 dated 05.01.2026 that now onwards I shall be known as **Ramprasad Prusty Simadri** for all future purpose.

**AFFIDAVIT**
I SANJAY JAIN,S/o Kamal Raj Jain, resident of At- Bell Road, PO-P.R.PETA,/Ps-Jeypore, DT- Koraput - 764003, Odisha declare by this Affidavit No.27 Dated - 05/01/2026,that now onwards I shall be known as **SANJAY KUMAR JAIN** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Surada, Ganjam, Odisha, I, Meera Nayak, permanent resident of Vill- Bhaliagochha, P.O.- Suramani, P.S.- Surada, Dist.- Ganjam, Odisha, Pin- 761107 have changed the name of my minor daughter from ROSY NAYAK to SRIMAYI NAYAK. Henceforth, she shall be known as **SRIMAYI NAYAK** for all purposes.
**Meera Nayak**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Binaya Kumar Sasmal S/o. Dhoi Sasmal permanent resident of At-Dahipal, Nandigram, Naugaon, Dist- Jagatsinghpur, Odisha, Pin-754113 have changed my name from Binaya Sasmal to Binaya Kumar Sasmal.Henceforth, I shall be known as Binaya Kumar Sasmal for all purposes.
**Binaya Kumar Sasmal**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Mohita Kumar Mahanta S/o. Late Indramanai Mahanta permanent resident of Vill/P.O.- Gojitangiri, PS- Patna, Dist- Keonjhar, Pin-758016, Odisha have changed my name from Mohita Kumar Mohanta to Mohita Kumar Mahanta.Henceforth, I shall be known as Mohita Kumar Mahanta for all purposes.
**Mohita Kumar Mahanta**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Rukhshana Siddique W/o. Sk Wazid Siddique permanent resident of At/P.O.- Paramahansa, Via- Biribati, PS- Kandarpur, Dist- Cuttack, Odisha, Pin- 754100 have changed my name from Ruksana Bibi to Rukhshana Siddique.Henceforth, I shall be known as Rukhshana Siddique for all purposes.
**Rukhshana Siddique**

**NOTICE**
By virtue of an affidavit sworn before the Notary Public, Cuttack, dated 30.12.2025 I, Salim Aziz Kachhi S/o. Late Aziz Dawood Kachhi permanent resident of At-Kesharpur, P.O.- Buxibazar, Dist- Cuttack, Pin- 753001, Odisha have changed my name from Salim Aziz to Salim Aziz Kachhi.Henceforth, I shall be known as Salim Aziz Kachhi for all purposes.
**Salim Aziz Kachhi**

**NOTICE**
By virtue of an affidavit sworn before the Notary Public, Cuttack, dated 19.12.2025, I, Subhadarshini Pattanaik, D/o. Mahendra Chandra Pattanaik permanent resident At-Vyasangar (M), P.O.- Jaipur Road, Dist- Jajpur, Odisha, Pin- 755019 have changed my name from Suradarshani Pattnayak to Subhadarshini Pattanaik. Henceforth, I shall be known as Subhadarshini Pattanaik for all purposes.
**Subhadarshini Pattanaik**

**ସତ୍ୟପାଠ**
ମୁଁ ବର୍ଷା ପ୍ରଧାନ ବୟସ-୨୩ ବର୍ଷ, ପିତା- ପ୍ରଭୁଦତ୍ତ ପ୍ରଧାନ, ନି-ଚୁଡଙ୍ଗସାହି, ମଧୁବନ ଲେନ୍, ପୁରୀ, ହାଲ ନିବାସୀ ଗ୍ରାମ/ପୋ.ଅ, ଥାନା- ରେଢାଖୋଲ, ଜିଲ୍ଲା- ସମ୍ବଲପୁର ସତ୍ୟପାଠ କରୁଅଛି ଯେ ପ୍ରକୃତରେ ମୋର ପିତାଙ୍କ ନାମ ପ୍ରଭୁଦତ୍ତ ପ୍ରଧାନ, ଯାହାକି ଇଂରାଜୀ ସ୍ପେଲିଙ୍ଗରେ ତାଙ୍କର ସମସ୍ତ ନଥିପତ୍ରରେ Prabhudatta Pradhan ଉଲ୍ଲେଖ ଅଛି କିନ୍ତୁ ମୋର ଶିକ୍ଷାଗତ ସାର୍ଟିଫିକେଟ, ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଭୋଟର କାର୍ଡ ଇତ୍ୟାଦିରେ Prabhudutta Pradhan ଉଲ୍ଲେଖ ହୋଇଅଛି । ଯେ Prabhudutta Pradhan ଏବଂ Prabhudatta Pradhan ମୋର ପିତାଙ୍କ ନାମ ଅଟେ ଓ ଅନ୍ୟକେହି ନୁହନ୍ତି ।

## ଦୁର୍ଘଟଣାରେ ସମ୍ବର ମୃତ

**ବାରିକପୁର, ୫।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ଜାତୀୟ ରାଜପଥର କହରାପୋଖରୀ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୋଟିଏ



ସମ୍ବରର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ସୋମବାର ସକାଳ ପ୍ରାୟ ୭ଟାବେଳେ ସମ୍ବରଟି ରାଜପଥ ଅତିକ୍ରମ କରୁଥିବାବେଳେ ଏକ ଦ୍ରୁତଗାମୀ ଯାନ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସମ୍ଭୁନାଥ ବେହେରା ଓ ଅନ୍ୟମାନେ ଏକ ଅଟୋରେ ଗୁରୁତର ବନ୍ୟପ୍ରାଣୀଟିକୁ ପଶୁ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସା ଅଧିକାରୀ ଦେବାଶିଷ ହୋତା ସମ୍ବରଟିକୁ ମୃତ ଘୋଷଣା କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀମାନେ ଚିକିତ୍ସା କେନ୍ଦ୍ରରେ ପହଞ୍ଚିବା ପରେ ସମ୍ବରଟିର ବ୍ୟବଚ୍ଛେଦ ହୋଇଥିଲା। ବନ ବିଭାଗକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଘନ କୁହୁଡ଼ି ଯୋଗୁଁ ସମ୍ବରଟି ହଦଗଡ଼ ଜଙ୍ଗଲରୁ ବାଟବଣା ହୋଇ ପଳାଇ ଆସିଥିବା ଅନୁମାନ କରାଯାଉଛି ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ସୌଭାଗ୍ୟ ସାହୁ ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ହେଉଥିବା ଶ୍ରୀ ସାହୁ କହିଛନ୍ତି।

### ଛତ୍ରପଦା ଗାଁ ପଣ୍ଡିତସାହିରେ ଭୟାବହ ଅଗ୍ନିକାଣ୍ଡ

# ଜଳିଗଲା ୧୬ ବଖରା; ୭ ପରିବାର ସର୍ବସ୍ୱାନ୍ତ





**୧୦ ଗୋରୁ, ୩ ଛେଳି ଜୀବନ୍ତ ଦଗ୍ଧ**

**ଶତାଧିକ ବସ୍ତା ଧାନ ସହ ଆସବାବପତ୍ର ପାଉଁଶ**

**ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ବିଧାୟକ**

**ଭଦ୍ରକ, ୫।୧(ସମିସ)**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ଥାନା ନରେନ୍ଦ୍ରପୁର ଛତ୍ରପଦା ପଣ୍ଡିତସାହିରେ ରବିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୭ ପରିବାରର ୧୬ ବଖରା ଘର ସମ୍ପୂର୍ଣ୍ଣ ଜଳି ଧ୍ୱଂସ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ୧୦ଟି ଗୋରୁ, ୩ଟି ଛେଳି ସହ ଶହଶହ ବସ୍ତା ଧାନ, ଆସବାବପତ୍ର ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ୭ଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି।

ସୂଚନାଯୋଗ୍ୟ, ରବିବାର ବିଳମ୍ବିତ ରାତିରେ ଛତ୍ରପଦା ପଣ୍ଡିତସାହିରେ ଏହି ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ସନାତନ ନାୟକ, ଜଡ଼ା ନାୟକ, ମାନସ ନାୟକ, ସୁଧାକର ନାୟକ, ଦାଶରଥି ନାୟକ, ଚକ୍ରଧର ନାୟକ ଓ ଗୁଣନିଧି ନାୟକ ୭ ପରିବାର ସର୍ବହରା ହୋଇଯାଇଛନ୍ତି। ଅଗ୍ନିକାଣ୍ଡ ପ୍ରକୋପରେ ସାରା ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଗାଁ ନିକଟରେ ଜଳ ସମସ୍ୟା ଥିବାରୁ ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ନାକେଦମ୍ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିକାଣ୍ଡରେ ବିପନ୍ନ ପରିବାର ସାଇତି ରଖିଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ, ଧାନ ଓ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ନିଆଁକୁ ଆୟତ କରିବାକୁ ଅନେକ ସମୟ ଲାଗିଯାଇଥିଲା। ତେବେ ଅଗ୍ନିଶମ ଗାଡ଼ି ବିଳମ୍ବରେ ପହଞ୍ଚିବାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିପନ୍ନ ପରିବାର ସଦସ୍ୟମାନେ ବାହୁନି ବାହୁନି କାନ୍ଦିବା ଛଡ଼ା ଆଉ କିଛି ଉପାୟ ନ ଥିବା ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଥିଲା। ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଭଦ୍ରକ ଜିଲ୍ଲାପାଳ ଓ ତିହିଡ଼ି ତହସିଲ୍‌ଦାରଙ୍କୁ ଅନୁରୋଧ କରିଛନ୍ତି ବିଧାୟକ ଡ. ରାୟ। ଏଥିସହ ବିପନ୍ନ ପରିବାରକୁ ପଲିଥିନ୍, ଶାଢ଼ି, ଶୁଖିଲା ଖାଦ୍ୟ ଆଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିଭଳି ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତି ଦାସ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବିଦ୍ୟୁତ୍‌ଲତା ନାୟକ, ସ୍ଥାନୀୟ ଗୋପୀନାଥପୁର ସରପଞ୍ଚ ବାପୁନ ବାରିକ ଓ ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ ମଧ୍ୟ ବିଧାୟକଙ୍କ ସହ ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଅନୁରୂପ ଭାବେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ମଧ୍ୟ ବିପନ୍ନ ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଏହି ଭୟାବହ ଅଗ୍ନିକାଣ୍ଡର କୌଣସି କାରଣ ସ୍ପଷ୍ଟ ହୋଇ ନ ଥିବା ଜଣାଯାଇଛି।

### ଭେନେଜୁଏଲା ରାଷ୍ଟ୍ରପତି ଦମ୍ପତିଙ୍କୁ ନିଃସର୍ତ୍ତରେ ଖଲାସ ଦାବି

## ସିପିଆଇ(ଏମ୍) ପକ୍ଷରୁ ପଥପ୍ରାନ୍ତ ସଭା



**ଭଦ୍ରକ, ୫।୧(ସମିସ):** ବିଶ୍ୱ ଗଣତନ୍ତ୍ରକୁ ବିପନ୍ନ କରି ଆନ୍ତର୍ଜାତିକ ଶାନ୍ତି ଆଇନକୁ ଭଙ୍ଗ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସେନାବାହିନୀ ଯେପରି ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ଭେନେଜୁଏଲାର ନିର୍ବାଚିତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଅପହରଣ କରି ଆମେରିକାରେ ନେଇ ବନ୍ଦୀ କରି ରଖିଛନ୍ତି ତାହାକୁ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ନିଃସର୍ତ୍ତରେ ଖଲାସ କରିବାକୁ ଦାବି କରାଯାଇଛି। ଭଦ୍ରକ ସହର ବନ୍ତ ଛକଠାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ନେତା ପ୍ରଫୁଲ୍ଲ ପାଢ଼ୀ, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ବରିଷ୍ଠ ନେତା ନିରଞ୍ଜନ ପାଣି, ପ୍ରଫେସର ପ୍ରହ୍ଲାଦ ପତି, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଯୁବନେତା ସେକ୍ ସନାଉଲ୍ଲା, ଯୁବନେତା ପ୍ରତାପ ସେଠୀ, ଯୁବନେତା ସେକ୍ ରୋସନ, ଯୁବନେତା ସେକ୍ ଅଫ୍‌ଜଲ, ଯୁବନେତା ବିପ୍ଳବ ଯେନା, ଯୁବ ଆଇନଜୀବୀ ବିନୋଦ ସାହୁ, ଶ୍ରମିକ ନେତା ସେକ୍ ସିକୁ ପ୍ରମୁଖ ଯୋଗଦେଇ ଆମେରିକାର ସାମ୍ରାଜ୍ୟବାଦ ବିରୋଧରେ ଭଦ୍ରକବାସୀ ଏକ ହେବାକୁ ଆହ୍ୱାନ ଜଣାଇଥିଲେ। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଇତିହାସର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ଏହି ଅମାନବୀୟ ଗିରଫକୁ ନିନ୍ଦା କରିବା ସହ ଭେନେଜୁଏଲା ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ଖଲାସ କରିବାକୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ନିବେଦନ କରିବାକୁ ସିପିଆଇ(ଏମ୍) ଜିଲ୍ଲା କମିଟି ପକ୍ଷରୁ ଏହି ପଥପ୍ରାନ୍ତ ସଭା ମାଧ୍ୟମରେ ନିବେଦନ କରାଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ବାସୁଦେବପୁର, ୫।୧(ସମିସ):** ବାସୁଦେବପୁର ପୌରପାଳିକାର ପିଏମ୍‌ଶ୍ରୀ ଅଟଳ ବିହାରୀ ହାଇସ୍କୁଲରରେ ୩ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ ଗୁରୁଙ୍କଠାରୁ ପାଇଥିବା ଶିକ୍ଷାର ସୁବିନିଯୋଗ କଲେ ସମାଜରେ ଜଣେ ଭଲ ମଣିଷ ହୋଇପାରିବ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ଆଲୁମ୍ନି କମିଟିର ସଭାପତି ଅଭିମନ୍ୟୁ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ, ଏବିଇଓ ଅମୀୟ ମହାଳିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପିଏମ୍‌ଶ୍ରୀ ଅଟଳ ବିହାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରତାପ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକ ପଦ୍ମନାଭ ଦାଶ, ପ୍ରାକ୍ତନ ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ରାଉତ ଓ ପ୍ରାକ୍ତନ ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ବାରିକ ଯୋଗଦେଇ ବିଦାୟକାଳୀନ ଭାଷଣ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ୩ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟା


## 'ଓଡ଼ିଶା ରାଜନୀତି ପାଇଁ ଅନ୍ତୁଡ଼ିଶାଳ ସାଜିଛି ଭଦ୍ରକ ମାଟି'

**ଭଦ୍ରକ, ୫।୧(ସମିସ):** ଓଡ଼ିଶା ରାଜନୀତି ପାଇଁ ଭଦ୍ରକ ମାଟି ଅନ୍ତୁଡ଼ିଶାଳ ସାଜିଛି। ଭଦ୍ରକ ମାଟିର ଯଶସ୍ୱୀ ସନ୍ତାନ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ବିପ୍ଳବୀ ଚକ୍ରଧର ବେହେରାଙ୍କ ଭଳି ବହୁ ବରପୁତ୍ର ଓଡ଼ିଶାର ନେତୃତ୍ୱ ନେବା ସହ ନୂତନ ବୃହତର ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସଞ୍ଜୀବ କିଆ ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଭଦ୍ରକ ସହରର ଗାନ୍ଧୀ ପଡ଼ିଆଠାରେ ଦଶମ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବର ତୃତୀୟ ସନ୍ଧ୍ୟାରେ 'ଓଡ଼ିଶା ରାଜନୀତି ଜଗତକୁ ଭଦ୍ରକର ଅବଦାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସୋମବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁବାସ ରାମ ଯୋଗଦେଇ ଭଦ୍ରକର ବହୁ ସାରସ୍ୱତ ସାଧକ ଜିଲ୍ଲାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ଅତିଥିମାନଙ୍କୁ କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି ମଞ୍ଚ ନିମନ୍ତ୍ରଣ କରିଥିବାବେଳେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଅତିଥି ପରିଚୟ, ମହୋତ୍ସବ କମିଟି ଉପଦେଷ୍ଟା ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଏବଂ ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ଅଞ୍ଜନା ମିଶ୍ର, ଶିକ୍ଷୟିତ୍ରୀ ମନୋରମା ରାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଥିଲା ସଞ୍ଚାର ଡ୍ୟାନ୍ସ ଗ୍ରୁପ୍ ମେଲୋଡି ଓ ଦର୍ଶନ ଏକାଡେମୀ ପିଲାଙ୍କ ନୃତ୍ୟ ପରିବେଷଣ। ଉପଦେଷ୍ଟା ସ୍ମୃତି ରଞ୍ଜନ ସାହୁ, ହରିହର ନାୟକ, ଅତିସ ବେହେରା, ଉମାକଲ୍ୟାଣ ମହାପାତ୍ର, ଯୁବନେତା ଅଶୋକ ନାୟକ, କାଉନ୍‌ସିଲର ସେକ୍ ସଇଦ, ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା, ରାଜେଶ ଦାସ, ଅଜୟ ପଣ୍ଡା, କ୍ଷୀତିଶ ସାମନ୍ତ, ଶିବାନନ୍ଦ ଦାସ, ଶୁଭଦ୍ୱୀପ ମଲ୍ଲିକ, ଓମ୍‌କାର, କଳ୍ପତରୁ ପରିଡ଼ା, ଜଗନ୍ନାଥ ବେହେରା, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ହଜରତ ବଡ଼େଖାନ୍ ଗାଜି ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ଓ ଜଲସା

**ଧାମନଗର, ୫।୧(ସମିସ):** ଧାମନଗର ଏନ୍‌ଏସି ଅଧୀନ ୯ନମ୍ବର ୱାର୍ଡ ଅଧୀନସ୍ଥ ପଠାଣମହଲ୍ଲା ଗାଁରେ ପୀରବାବା ହଜରତ ବଡ଼େଖାନ୍ ଗାଜି ବାବାଙ୍କର ବାର୍ଷିକ ଉର୍ସ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୬ଟାରେ ପୀରବାବାଙ୍କ ଗୋସଲ(ସ୍ନାନ) ଗୋଲାପ ଜଳ ଓ ଚନ୍ଦନରେ କରାଯାଇଥିଲା। ପରେ ୭ଟାରେ କୋରାନ ଖାନି ଓ ଫାତେହା ପରେ ଚାଦର ପୋସି ଓ ଦର୍ଶନ ଆରମ୍ଭ ହୋଇଥିଲା। ରବିବାର ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ (ଲଙ୍ଗର) ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ ଦିନ ରାତି ପ୍ରାୟ ୮ଟାରେ ଖାନକା ସରିଫ୍ ମତୱଲ୍ଲୀ ହଜରତ ସୟଦ ହବିବ ରଜା ହବିବି ସଜ୍ଜାଦା ନସିନଙ୍କ ସଭାପତିତ୍ୱରେ ଜଲସା ଓ ଧର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜଲସା କାର୍ଯ୍ୟକ୍ରମରେ ସାଲିକ ରଜା ମୋଜାହିଦୀଙ୍କ ସଞ୍ଚାଳନାରେ ବିଭିନ୍ନ ରାଜ୍ୟରୁ ଆସିଥିବା ବିଶିଷ୍ଟ ମୌଲାନା, ସାଏର (କବି) ସାହିଦ ରଜା ହବିବି, ସମଉଇଲ ଆଖ୍‌ତର ମୋଜାହିଦୀ, ସମସୁଦ୍ଦିନ ନେଜାମି, ଆକ୍ରମ ରଜା ଆକ୍ରମ, ମୁଫ୍‌ତି ରଫିକୁଲ୍ଲା ଆଜହରି, ସାହାଦତ୍ ହୋସେନ ମିସ୍‌ବାହୀ ପ୍ରମୁଖ ଉର୍ସ ଉତ୍ସବରେ ଯୋଗଦେଇ ପୀରବାବାଙ୍କୁ ଦର୍ଶନ ସହ ଜଲସାରେ ଉପସ୍ଥିତ ରହି ବାବାଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଜଲସା କମିଟିର କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।







## ଓଡ଼ିଆ ଭଜନ 'କଳାଶ୍ରୀମୁଖ' ଓ ଆଲବମ୍ 'ବିଶ୍ୱାସ' ଲୋକାର୍ପିତ



**ଭଦ୍ରକ, ୫।୧(ସମିସ):** ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଦ୍ୱାରା ସମ୍ପର୍କ ମ୍ୟୁଜିକ୍ ନିବେଦିତ ସବିତା ପରିଡ଼ାଙ୍କ ପ୍ରଯୋଜନାରେ ଗୀତିକାର ଭୀମଚରଣ ପରିଡ଼ାଙ୍କ ଦ୍ୱାରା ଲିଖିତ ଓଡ଼ିଆ ଭଜନ 'କଳାଶ୍ରୀମୁଖ' ଓ ଆଲବମ୍ ସଙ୍ଗୀତ 'ବିଶ୍ୱାସ'ର ଶୁଭ ଉନ୍ମୋଚନ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଇଂ. ଅଭୟ ସୂତାର, ବରିଷ୍ଠ ସାମ୍ବାଦିକ ହରିହର ନାୟକ, ସାଇ ଭରଦ୍ୱାଜ ହସ୍ପିଟାଲ ସତ୍ତ୍ୱାଧିକାରୀ କ୍ଷୀରୋଦ ବିହାରୀ ଦାସ, ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ୍ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅଟଳ ବିହାରୀ ନାୟକ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଆଲବମ୍‌ର ସବୁ ସଙ୍ଗୀତକୁ ଭିଜୁଆଲ ମାଧ୍ୟମରେ ଦର୍ଶକମାନଙ୍କୁ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହରିବୋଲ କ୍ଷେତ୍ରର ସଭାପତି ନଗେନ୍ଦ୍ର ପ୍ରସାଦ ଦାସ ଓ ସମ୍ଭାବନା ସାହିତ୍ୟ ପରିଷଦର ସମ୍ପାଦକ ରତ୍ନରାଜ ଅକ୍ଷୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଭୀମ ଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୈକୁଣ୍ଠ ନାଥ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ଶିକ୍ଷୟିତ୍ରୀ ଲିପିଲେଖା ବେହେରା, ଶିକ୍ଷୟିତ୍ରୀ ସୁବାସିନୀ ଘଡ଼େଇ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବନ୍ତ/ଆଗରପଡ଼ା, ୫।୧(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗଣିଜାଙ୍ଗ ନେହେରୁ ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାଗବତ ବିଶ୍ୱାଳ (୮୩)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ରବିବାର ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଯାଇଥିଲେ। ସେଠାରେ ରାତି ପ୍ରାୟ ୩ଟାରେ ତାଙ୍କର ବିୟୋଗ ହୋଇଥିଲା। ପରେ ତାଙ୍କ ଶବକୁ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ



ରାହିଆ ବିଶ୍ୱାଳ ସାହିସ୍ଥିତ ବାସଭବନକୁ ଅଣାଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରି ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା।

## ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜପଥ ଦୁର୍ଘଟଣା ଜୋନ୍

**ଅସୁରାଳି, ୫।୧(ସମିସ)**



ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜ୍ୟ ରାଜପଥରେ ମଠଡିହଠାରୁ କୁଳସାହି ପର୍ଯ୍ୟନ୍ତ ପ୍ରାୟ ୬ କି.ମି. ରାସ୍ତା ଏବେ ଦୁର୍ଘଟଣା ଜୋନ୍‌ରେ ପରିଣତ ହୋଇଛି। ପିଚୁ କାମ ଓ ସମ୍ପ୍ରସାରଣ ଆଳରେ ଠିକାଦାର ୩ ବର୍ଷ ହେଲା ରାସ୍ତା କାମ କରୁନାହାନ୍ତି। ଗୋଡ଼ି ପଡ଼ିଥିବାରୁ ରାସ୍ତାରେ ପ୍ରତିଦିନ ବାଇକ୍ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତବର୍ଷ ମହାଶିବରାତ୍ରି ପୂର୍ବରୁ ସ୍ଥାନୀୟ ଅଧିବାସୀମାନେ ଜିଲ୍ଲା ପ୍ରଶାସନକୁ ରାସ୍ତା ମରାମତି ପାଇଁ ଦାବି କରିଥିଲେ, କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପ୍ରଶାସନିକ ଅଧିକାରୀମାନେ ଏହି ରାସ୍ତା ଦେଇ ଆଖଣ୍ଡଳମଣି ପୀଠକୁ ବହୁବାର ଯାତାୟାତ କରୁଥିଲେ ବି, ରାସ୍ତାର ଦୁରବସ୍ଥା ଉପରେ ସେମାନଙ୍କ ନଜର ପଡ଼ିନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଏସ୍‌ଡିଓ ଏବଂ କନିଷ୍ଠ ଯନ୍ତ୍ରୀମାନେ ମଧ୍ୟ ଏହି ଦୁରବସ୍ଥାକୁ ଦେଖି ନିରବଦ୍ରଷ୍ଟା ସାଜିଥିବାରୁ ସ୍ଥାନୀୟ ଅଧିବାସୀମାନେ ସ୍ୱର ଉଠାଇଛନ୍ତି। ଶନିବାର ମଧ୍ୟାହ୍ନରେ ଜଣେ ବାଇକ ଚାଳକ ଗୋଡ଼ିରେ ପଡ଼ି ଲହୁଲୁହାଣ ହୋଇଥିଲେ। ଯାହାକୁ ସ୍ଥାନୀୟ ଲୋକେ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଯଦି ତୁରନ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ନ ହୁଏ ସ୍ଥାନୀୟ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନବଘନ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରାସ୍ତାର ଦୁରବସ୍ଥା ବିଷୟରେ ସେ ଜାଣିନାହାନ୍ତି। ତଥାପି ୨ ଦିନ ମଧ୍ୟରେ ଗୋଡ଼ିକୁ ସଫା କରାଯାଇ ଅସ୍ଥାୟୀ ଭାବେ ସମସ୍ୟାକୁ ଏଡ଼ାଇ ଦିଆଯିବ ଓ ପ୍ରାୟ ୨ ମାସ ମଧ୍ୟରେ ସ୍ଥାୟୀ ଭାବେ ରାସ୍ତା ମରାମତି କରାଯିବ।

**▸▸ ୩ ବର୍ଷ ହେଲା କାମ ଠପ୍; ପୂର୍ତ୍ତ ବିଭାଗ ନିରବ**

**▸▸ ପ୍ରତିଦିନ ଘଟୁଛି ଦୁର୍ଘଟଣା**

### ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

## ୧୯୨ଟି ଅଭିଯୋଗ ଗ୍ରହଣ; ୪୫ଟି ତୁରନ୍ତ ସମାଧାନ



**ଭଦ୍ରକ, ୫।୧(ସମିସ):** ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଶୁଭେନ୍ଦ୍ର ସାମଲ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ୍ କୁମାର ମାଝୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ୍ ୧୯୨ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୦ଟି ବ୍ୟକ୍ତିଗତ ଥିଲାବେଳେ, ୫୨ଟି ସାମୂହିକ ଥିଲା। ୪୫ଟିର ସମାଧାନ ତତ୍‌କ୍ଷଣାତ୍ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ଓ ରେଡ୍‌କ୍ରସରୁ ୨୯ ଜଣଙ୍କୁ ମୋଟ ୧ ଲକ୍ଷ ୮୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନ୍‌ସନ୍, ପିଏମ୍ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି-ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା।

# ଭଦ୍ରକରେ ଖୋଲିଲା ମଣ୍ଡି; ମୁଠାଏ ଧାନ ବି କିଣା ଗଲାନି

ଭଦ୍ରକ,୫।୧(ସମିସ):



ସୋମବାର ଭଦ୍ରକ ବ୍ଲକ୍ ଅଧୀନ ବ୍ରହ୍ମପୁର ସେବା ସମବାୟ ସମିତିଠାରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ

- ଅଭାବୀ ଧାନ ବିକ୍ରି ଲାଗି ପଥ ପରିଷ୍କାର
- ମିଲରଙ୍କ ସହ ଏଗ୍ରିମେଣ୍ଟ କାର୍ଯ୍ୟ ସମ୍ପନ୍ନ ହୋଇନି

ଦତ୍ତ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ସମେତ ବହୁ ପଦାଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଛି ସତ, ହେଲେ ମୁଠାଏ ଧାନ ଚାଷୀଙ୍କଠାରୁ କିଣାଯାଇନାହିଁ।

ସୂଚନାଯୋଗ୍ୟ, ଇତିମଧ୍ୟରେ ଚାଷୀଙ୍କୁ ଧାନ ବିକ୍ରି ଲାଗି ଟୋକନ୍ ବଣ୍ଟନ କରାଯାଇଛି। ଆଉ ଏହି ଟୋକନ ଧରି ଚାଷୀମାନେ ବିଭିନ୍ନ ମଣ୍ଡି ତଥା ସୋସାଇଟିକୁ ଅଖାବସ୍ତା ଲାଗି ଧାଇଁ ଧାଇଁ ନିରାଶରେ ଫେରୁଛନ୍ତି। ଅଖା ବସ୍ତା ମଣ୍ଡିମାନଙ୍କୁ ପ୍ରଦାନ କରାଯାଇନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମଣ୍ଡି ଖୋଲିବା ପରେ ଚାଷୀଙ୍କଠାରୁ ଧାନକିଣା କାର୍ଯ୍ୟର ଶୁଭାରମ୍ଭ ହୁଏ। ତେବେ ଯୋଗାଣ ବିଭାଗ ଧାନକିଣାର ବିଳମ୍ବତା ଅପବାଦରୁ ନିଜକୁ ରକ୍ଷା କରିବା ଲାଗି ସୋମବାର ମଣ୍ଡି ଶୁଭାରମ୍ଭ କରିଛି ବୋଲି ଚାଷୀ ମହଲରେ ଆଲୋଚନା ହେଉଛି। ବିଡ଼ମ୍ବନାର ବିଷୟ ମଣ୍ଡି ଶୁଭାରମ୍ଭ ହୋଇଥିଲେ ବି ମିଲରଙ୍କ ସହ ଏଗ୍ରିମେଣ୍ଟ କାର୍ଯ୍ୟ ସମ୍ପନ୍ନ ହୋଇନି। ମିଲର୍ ଏଗ୍ରିମେଣ୍ଟ ଲାଗି ୨୦ମିଲରଙ୍କ ଆପ୍ରୁଭାଲ ହୋଇଛି, ବିଜି(ବ୍ୟାଙ୍କ ଗ୍ୟାରେଣ୍ଟି) ଏକ୍ସଟେନ୍‌ସନ୍ ହୋଇ ଆଗକୁ ଏଗ୍ରିମେଣ୍ଟ ହେବ ବୋଲି ଖୋଦ୍ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥର ଜିଲ୍ଲାର ୨୨ଟି ମିଲର ଧାନକିଣାରେ ସାମିଲ୍ ହୋଇଥିବାବେଳେ ଜିଲ୍ଲା ବାହାର ମିଲରଙ୍କୁ ଯଥା- ବରଗଡ଼, ସମ୍ବଲପୁର, ଚଣ୍ଡିଖୋଲ, ପାଣିକୋଇଲି ଓ ବାଲେଶ୍ୱର ଆଦିଙ୍କୁ ଧାନକିଣା ଲାଗି ଆମନ୍ତ୍ରଣ କରାଯାଇନି। ଅନ୍ୟପକ୍ଷରେ ଚାଷୀମାନେ ଆସନ୍ତା ୧୩, ୧୬, ୧୮, ୨୦ ଓ ଫେବୃଆରୀ ୨ ଓ ୫ ତାରିଖରେ ଧାନ ବିକିବାକୁ ଟୋକନ ପାଇଛନ୍ତି। ତେବେ ବିଧିବଦ୍ଧ ଭାବେ ଧାନକିଣା କାର୍ଯ୍ୟ ବିଳମ୍ବ ହେବାରୁ ଟୋକନ ଅବଧିକୁ ନେଇ ଚାଷୀଙ୍କ ମଧ୍ୟରେ ଛନକା ପଶିଥିବା ପରିଲକ୍ଷିତ ହୋଇଛି। ଧାନ କିଣା କାର୍ଯ୍ୟ ଆରମ୍ଭରେ ବିଳମ୍ବତା ଯୋଗୁଁ ଚାଷୀ ଅଭାବୀ ବିକ୍ରିର ସମ୍ଭାବନା ସୃଷ୍ଟି ହେବା ନେଇ ଆଶଙ୍କା ବଢ଼ିଛି। ପଶ୍ଚିମବଙ୍ଗ ଓ ଆନ୍ଧ୍ରର ବେପାରୀ ଚାଷୀଙ୍କୁ କମ୍ ଦରରେ ଧାନ କିଣିବାକୁ ଏବେ ଦଲାଲ୍‌ଙ୍କ ସହଯୋଗରେ ଗାଁଗଣ୍ଡାରେ ମାତିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାର ମୋଟ୍ ୯୬ ହଜାର ୨୩୩ ଜଣ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିବେ। ଏଥର ଖରିଫ୍ ଧାନ କ୍ରୟରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ(ଟାର୍ଗେଟ) ଧାର୍ଯ୍ୟ ହୋଇଛି।

■ ସୁନ୍ଦରପୁରରେ ମଇଁଷି ମଡ଼କ

# ମାସକରେ ୭୨ରୁ ଅଧିକ ମଇଁଷି ମୃତ

ଭଦ୍ରକ/ଅସୁରାଳି/ଆରଡ଼ି,୫।୧(ସମିସ): ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ଦୋହରା ପାଟଣା ଓ ଖଟୁଆ ପାଟଣା ଗ୍ରାମରେ ଗତ ମାସରେ ୧୬ରୁ ଅଧିକ ଚାଷୀଙ୍କ ୭୨ରୁ ଅଧିକ ମଇଁଷି ମଡ଼କ ଘଟିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ସହିତ ଅସନ୍ତୋଷ ପ୍ରକାଶ ପାଇଛି। ମଇଁଷିକୁ ନେଇ ଜୀବିକା ନିର୍ବାହ କରୁଥିବା

**ପ୍ରଶାସନ ନିରବ; ଚାଷୀ ଅସନ୍ତୁଷ୍ଟ**



ଚାଷୀମାନଙ୍କ ପାଇଁ ଏହି ମଡ଼କ ଭୟାବହ ଆଘାତ ସୃଷ୍ଟି କରିଛି। ଏତେ ସଂଖ୍ୟକ ପଶୁ ମୃତ୍ୟୁ ପରେ ମଧ୍ୟ ସରକାରୀ ପକ୍ଷରୁ କୌଣସି ପଦକ୍ଷେପ ହୋଇ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଚାଷୀ ଚୈତନ୍ୟ ଦାସ, ପ୍ରେମ୍ ଦାସ, ସୁରେଶ ପରିଡ଼ା, ଅଭିମନ୍ୟୁ ପରିଡ଼ା, ନିରଞ୍ଜନ ପଲାଇ, ବିଶ୍ୱନାଥ ପଲାଇ, ରଞ୍ଜନ ପଲାଇ, ରାଧାକାନ୍ତ ପଲାଇ, ଅକ୍ଷୟ ପଲାଇ, ଅଜୟ ପରିଡ଼ା, ପର୍ଶୁରାମ ପଲାଇ, ପ୍ରବୋଧ ପଲାଇ, ଦିବାକର ପରିଡ଼ା, ଉମାକାନ୍ତ ପରିଡ଼ା, କାଳନ୍ଦୀ ପରିଡ଼ା, ପ୍ରଭାକର ପଲାଇ ଓ ଅନ୍ୟମାନେ ସରକାରୀ ନିରବତା ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଯାଇ ପର୍ଯ୍ୟବେକ୍ଷଣ କରିନାହାନ୍ତି। ମଇଁଷିମାନଙ୍କ ମୃତ୍ୟୁର କାରଣ ଖୋଜିବା, ଚିକିତ୍ସା ସୁବିଧା ଦେବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା କରିବାକୁ ସରକାରୀ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ଯଦି ଶୀଘ୍ର ପଦକ୍ଷେପ ନିଆ ନ ଯାଏ, ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

■ ପୁରୁଣା ଯାଇ ନୂଆ ବର୍ଷ ହେଲା: ରାସ୍ତାଘାଟରେ ଧାନଖଳା

# ସରକାରୀ ଧାନ ମଣ୍ଡି ଖୋଲିବାରେ ବିଳମ୍ବ

ବାରିକପୁର,୫।୧(ସମିସ): ମଣ୍ଡି ଖୋଲିବା ବିଳମ୍ବିତ ହେଉଥିବାବେଳେ ଏବେ ରାସ୍ତାଘାଟରେ ଧାନଖଳା ଦେଖିବାକୁ ମିଳିଛି। ପୂର୍ବରୁ ଖରିଫ୍ ବର୍ଷ ଅର୍ଥାତ୍ ଡିସେମ୍ବର ମାସରେ ହିଁ ସରକାରୀ ଧାନ ମଣ୍ଡି ଖୋଲାଯାଉଥିବା ବେଳେ ଏବେ ତା'ର ବ୍ୟତିକ୍ରମ ଦେଖାଯାଇଛି। ୨୦୨୫ ଅତିକ୍ରାନ୍ତ ହୋଇଥିବାବେଳେ ୨୦୨୬ରେ ମଧ୍ୟ ଏଯାଏଁ ମଣ୍ଡି ଖୋଲିପାରି ନାହିଁ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସମିତି ଓ ଏସ୍ଏଚ୍‌ଜି ନିକଟରେ ଶସ୍ୟ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଏବେ ଦହଗଞ୍ଜ ହେଉଛନ୍ତି। ଆଗଭଳି ଆଉ ଖଳାବାଡ଼ିରେ ଧାନ ଅମଳ ହେଉନାହିଁ। ଏବେ ଜମିରେ ଅତ୍ୟାଧୁନିକ ମେସିନ ଦ୍ୱାରା ଶସ୍ୟ ଅମଳ ହେଉଛି। ପ୍ରାୟ ସମସ୍ତ ଚାଷୀ ଅଦ୍ୟାବଧି ଶସ୍ୟ ଅମଳ କାମ ସାରିଛନ୍ତି। କେବଳ ମଣ୍ଡି ଖୋଲିବାକୁ ଅପେକ୍ଷା କରିଛନ୍ତି। ଅମଳ ଧାନକୁ କୃଷକମାନେ ଜମି ପାର୍ଶ୍ୱବର୍ତ୍ତୀ ରାସ୍ତା ଓ ଗାଁ ଦାଣ୍ଡ ରାସ୍ତାରେ ଖେଳାଇ ରଖିଥିବାବେଳେ ଏବେ ବର୍ଷା



ଆଶଙ୍କା ନେଇ ସମସ୍ତଙ୍କୁ ଛନକା ପଶିଛି।

ବ୍ଲକ୍‌ର ୮ଟି ସମିତି ଓ ୮ଟି ଏସ୍ଏଚ୍‌ଜି ପରିଚାଳିତ ମଣ୍ଡିରେ ହଜାର ହଜାର ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରି ଟୋକନ୍ ଅପେକ୍ଷାରେ ରହିଛନ୍ତି। ଯଦିଓ ଆଜି ସୁଦ୍ଧା ସ୍ୱଳ୍ପ କେତେଜଣ ଚାଷୀଙ୍କ ପାଖକୁ ମୋବାଇଲରେ ଟୋକନ ଆସିଛି କିନ୍ତୁ ମଣ୍ଡି ନ ଖୋଲିବା କାରଣରୁ ସେମାନେ ଧାନ ବିକ୍ରି କରିପାରିବେ କି ନାହିଁ ସେନେଇ ସଂଶୟ ଦେଖାଯାଇଛି। ଖରା କାକରେ ପଡ଼ିଥିବା ଧାନକୁ ଚାଷୀ ଭାଇମାନେ କେବଳ ଜଗି ରହିଛନ୍ତି। କେତେକ ସ୍ଥାନରେ ଆବଶ୍ୟକତା ଅନୁଯାୟୀ ଖୋଲା ବଜାରରେ ଅତି ସ୍ୱଳ୍ପ ମୂଲ୍ୟରେ ଚାଷୀମାନେ ଧାନ ବିକ୍ରି କରି ଗୁଜୁରାଣ ମେଣ୍ଟାଇବାକୁ ବାଧ୍ୟ ହେଉଥିବା ଦେଖାଯାଇଛି। ଯଦିଓ ପ୍ରଶାସନ ତୁରନ୍ତ କିଛି ମଣ୍ଡି ଖୋଲିବା ନେଇ ସୂଚନା ଦେଇଛି କିନ୍ତୁ ମୁଣ୍ଡ ଉପରେ ମକର ସଂକ୍ରାନ୍ତି ଥିବା ଯୋଗୁଁ ମିଲରମାନେ ନିୟମିତ ଶ୍ରମିକ ବିନା ଧାନ କ୍ରୟ କରବେ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସୋମବାର ଭଦ୍ରକରେ ମଣ୍ଡି ଖୋଲାଯାଇଥିଲେ ହେଁ ଚାଷୀଙ୍କଠାରୁ ମୁଠାଏ ଧାନ କିଣାଯାଇ ନାହିଁ। ଯଦି ଧାନ କିଣା ନ ହେଲା, ତେବେ ଧାନ ମଣ୍ଡି ଆଜି ଉଦ୍‌ଘାଟନ ହୋଇ ଲାଭ କ'ଣ ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧିବଦ୍ଧ ଭାବେ କେଉଁଦିନ ମଣ୍ଡି ଖୋଲିବ ଓ କେବେ ସରକାରୀ ଭାବେ ଧାନ କିଣାଯିବ ତାହାକୁ ନେଇ ସମସ୍ତେ ଏବେ ବିବ୍ରତ ଅବସ୍ଥାରେ ରହିଛନ୍ତି।

# ଗୁଆମାଳରେ ଧାନ କଣ୍ଟା ପୂଜା

ଦୋଳସାହି,୫।୧(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ସୋମବାର ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନ କଣ୍ଟା ପୂଜା ହୋଇଛି। ସୂଚନା ମୁତାବକ, ଗୁଆମାଳ ପଞ୍ଚାୟତରେ ଗତବର୍ଷ ୨୬୦ ଜଣ ଚାଷୀ ଅନ୍‌ଲାଇନ୍ ପଞ୍ଜୀକରଣ କରି ଧାନ ପ୍ରଦାନ କରିଥିଲାବେଳେ ଚଳିତ ବର୍ଷ ୩୧୬ ଜଣ ଚାଷୀ ଧାନ ଦେବା ନିମନ୍ତେ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀ ପ୍ରିତିଶ ସାମଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାମିନା ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା ଓ ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ ଓ କୃଷି ବିଭାଗର ଭିଏଡବ୍ଲ୍ୟୁ ଆଲୋକ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ଭଣ୍ଡାରିପୋଖରୀ,୫।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଓ ସଭାପତି ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ନିରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେପି ନେତା ବଦ୍ରୀନାରାୟଣ ଧଳ, ପୂର୍ବତନ ପ୍ରଧାନଶିକ୍ଷକ ରବିନାରାୟଣ ପତି, ବିଦ୍ୟାଳୟ ପ୍ରତିଷ୍ଠାତା ଅରୁଣୋଦୟ ଖିଲାର ଓ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଅତୀତ ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାନ୍ଧ୍ୟ ଅଧିବେଶନରେ ପ୍ରଧାନଶିକ୍ଷକ ଅଜୟ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଫୁଲ୍ଲ ସାମଲ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଯୁବନେତା ସୁରେଶ ସାମଲ ସ୍ୱାଗତ ଭାଷଣ, ପ୍ରଭାତ ଖିଲାର ଅତିଥି ପରିଚୟ ଓ ପ୍ରମୋଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଅସହାୟଙ୍କୁ କମ୍ବଳ ବଣ୍ଟନ

ତିହିଡ଼ି,୫।୧(ସମିସ): ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତିହିଡ଼ି ବ୍ଲକ୍‌ର ସାମାଜିକ ସଂଗଠନ ଉତ୍କଳମଣି ସେବା ସଂଗଠନର କର୍ମକର୍ତ୍ତାମାନେ ସମାଜସେବାକୁ ବ୍ରତଭାବେ ଗ୍ରହଣ କରି ଦୁଃଖିରଙ୍କ ସେବାରେ ନିଜକୁ ସମର୍ପିତ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ରେଳ ଷ୍ଟେସନ, ରାସ୍ତାକଡ଼, ଦୋକାନ ବାରଣ୍ଡାର ଅସହ୍ୟ ଜାଡ଼ରେ ଶୋଇଥିବା ଅସହାୟଟେ ହେଉ କି ଘରପୋଡ଼ି, ବନ୍ୟା, ବାତ୍ୟା ବିପନ୍ନ ହୁଅନ୍ତୁ ସମସ୍ତଙ୍କ ମୁହଁରେ ଟିକେ ହସ ଫୁଟାଇବା ଲକ୍ଷ୍ୟରେ ସଂଘର ଯୁବ ସ୍ୱେଚ୍ଛାସେବୀମାନେ ତତ୍ପର ରହିଛନ୍ତି। ବିଗତ ୭ ବର୍ଷ ଧରି ନାଇଟ୍ ମିଶନ ମାଧ୍ୟମରେ ବାଲେଶ୍ୱରଠାରୁ ପୁରୀ ଏବଂ ଯାଜପୁରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ରେଳ ଷ୍ଟେସନ, ଫୁଟ୍‌ପାଥ, ରାସ୍ତାକଡ଼ ଦୋକାନ ବାରଣ୍ଡାରେ ଫଙ୍ଗୁଳା ଶୋଇ ଶୀତରେ ଜଡୁଥିବା ଅସହାୟମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଆସୁଛନ୍ତି। ଚଳିତ ବର୍ଷ ଏହାକୁ ଆଉ ପାଦେ ଆଗକୁ ଯାଇ ନାଇଟ୍ ମିଶନ ସହିତ କର୍ମକର୍ତ୍ତାମାନେ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଞ୍ଚଳରେ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ଏଥିସହ ଶୁଖିଲାଖାଦ୍ୟ ଓ ନଗଦ ଅର୍ଥରାଶି ମଧ୍ୟ ପ୍ରଦାନ କରିଛନ୍ତି। ଉତ୍କଳମଣି ସେବା ସଂଘର ସଭାପତି ଖଗେଶ୍ୱର ତ୍ରିପାଠୀ, ସମ୍ପାଦକ ବିସ୍ମ ବିହାରୀ ସାହୁ, କୋଷାଧ୍ୟକ୍ଷ ରବୁ ସଲିମ୍, ହରିହର କର, ରବିନ୍ଦ୍ର ନାୟକ, ରଶ୍ମିତା ଶତପଥୀ, ଚଢ଼େଇ ମଲିକ, ବିପ୍ଳବ ସାହୁ, ଜ୍ୟୋତିପ୍ରକାଶ ପତି, ଆଦିତ୍ୟ ନାୟକ, ଚିରଞ୍ଜୀବୀ ପତି, ତୁଷାର ନାୟକ, ମୃତ୍ୟୁଞ୍ଜୟ ମଲିକ, ଲକ୍ଷ୍ମୀନାରାୟଣ ଦାସ, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଏହି ମହତ୍ କାର୍ଯ୍ୟରେ ସାମିଲ୍ ହୋଇଛନ୍ତି।



# ଘରପୋଡ଼ି ଓ ଆକ୍ରମଣ ଘଟଣା; ୩ ଗିରଫ

ବନ୍ତ/ଆଗରପଡ଼ା,୫।୧(ସମିସ): ଶୁକ୍ରବାର ରାତିରେ ଆଗରପଡ଼ା ଥାନା ଅନ୍ତର୍ଗତ କାଦବରାଙ୍ଗସ୍ଥିତ ସୁଆଁପଦା ଗ୍ରାମରେ ଧାନପିଟା ମେସିନ୍ ଭଡ଼ାକୁ କେନ୍ଦ୍ରକରି ଘରପୋଡ଼ି ସହ ମରଣାନ୍ତକ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଜଣ ଗିରଫ ହେବା ସହ ଗୁରୁତର ଭାବେ ଆହତ ହୋଇଥିବା ୩ଜଣ ଭଦ୍ରକ ଜିଲ୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ଆଗରପଡ଼ା ଥାନା କେସ୍ ନଂ୬/୨୬ରେ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ସନାତନ ମଣ୍ଡଳ ନିଜ ଗାଁରୁ ନ ଆଣି ବାହାରୁ ଧାନପିଟା ମେସିନ୍ ଭଡ଼ାରେ ଆଣିଥିଲେ। ସନାତନ ବଜାରରେ ଜିନିଷପତ୍ର କିଣାକିଣି କରୁଥିବାବେଳେ ସେହି ଗ୍ରାମର ୨ଭାଇ ସନାତନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏହି ଦୁଇ ଭାଇ ତାଙ୍କର ସହଯୋଗୀମାନଙ୍କୁ ନେଇ ସନାତନଙ୍କ ବାପା, ମାଆ ଓ ସ୍ତ୍ରୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରେ ଉକ୍ତ ବ୍ୟକ୍ତିମାନେ ସନାତନଙ୍କ ଘରକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ମଧ୍ୟ ଅଭିଯୋଗ କରିଥିଲେ। ଯଦ୍ଦ୍ୱାରା ସନାତନଙ୍କ ଆସବାବପତ୍ର ଆଦି ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହି ଖବର ପାଇ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ପଞ୍ଚାୟତ ଯୁବ ବିଜେଡି ସଭାପତି କିଶୋର ରାଉତ, ବିଷ୍ଣୁ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ।


# ସାକ୍ୟ ପ୍ରତୀକଙ୍କୁ କ୍ରୀଡ଼ାରତ୍ନ ସମ୍ମାନ

ବନ୍ତ/ଆଗରପଡ଼ା,୫।୧(ସମିସ): କୁନି କ୍ରୀଡ଼ାବିତ୍ ସାକ୍ୟ ପ୍ରତୀକ ବେହେରାଙ୍କୁ ମିଳିଛି କ୍ରୀଡ଼ାରତ୍ନ ସମ୍ମାନ-୨୦୨୬। ସ୍ଥାନୀୟ ହେମପଦ୍ମ ଗାଲାକ୍ସିରେ ଆୟୋଜିତ ଆଗରପଡ଼ା ଯୁବ ମହୋତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ବରିଷ୍ଠ ନେତା ପ୍ରଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ସାକ୍ୟ ପ୍ରତୀକଙ୍କୁ ଅର୍ଥରାଶି, ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଆଗରପଡ଼ାସ୍ଥିତ ଟିକିରା ଗ୍ରାମବାସୀ ବିଶିଷ୍ଟ କ୍ରୀଡ଼ାବିତ୍ ତଥା ସାମ୍ବାଦିକ ମନୋଜ ବେହେରା ଓ ସ୍ୱପ୍ନା ସୋନାଲିକାଙ୍କ ବଡ଼ ପୁଅ ସାକ୍ୟ ପ୍ରତୀକ୍ ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିରରେ ଅଧ୍ୟୟନରତ। ପାଠ ସହ ଶାଠ ଅର୍ଥାତ୍ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପାରଙ୍ଗମତା ପ୍ରଦର୍ଶନ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉପବିଜେତା ହୋଇଥିଲେ। ବ୍ୟାଡ୍‌ମିଣ୍ଟନ ତାଙ୍କର ପ୍ରିୟ କ୍ରୀଡ଼ା ହୋଇଥିଲେ ସୁଦ୍ଧା ଅନ୍ୟ କ୍ରୀଡ଼ା ପ୍ରଦର୍ଶନ କରିବାରେ ସେ ସିଦ୍ଧହସ୍ତ। ଭବିଷ୍ୟତରେ ସେ ଜଣେ ନାମକରା ଖେଳାଳି ହେବାର ଆଶା ରଖିଛନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।



# ପେସା ଶିକ୍ଷକତା; ନିଶା ବଂଶୀବାଦନ

ବାରିକପୁର,୫।୧(ସମିସ): ପେସାରେ ଶିକ୍ଷକ ହୋଇଥିଲେ ସୁଦ୍ଧା ନିଶା କିନ୍ତୁ ବଂଶୀ ବାଦନ। ଶିକ୍ଷକ ଜଣକ ନିଜ କଳା ଚାତୁରୀରେ ବଂଶୀ ବଜାଇ ମସ୍‌ଗୁଲ ହେଉଥିବାବେଳେ ଅନ୍ୟମାନଙ୍କୁ ଯୋଗାଉଛନ୍ତି ଭରପୂର ମନୋରଞ୍ଜନ। ଏମିତି ଜଣେ ନିଆରା ବଂଶୀ ବାଦକ ଶିକ୍ଷକଙ୍କୁ ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟଠାରେ। ଶିକ୍ଷକଙ୍କ ନାମ ଭୀମ ଚରଣ ଟୁଡୁ ହୋଇଥିବାବେଳେ ଘର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ। ସେ ପ୍ରାୟ ୧୦ ବର୍ଷ ହେବ ରହଣିଆଠାରେ ଇଂରାଜୀ ଶିକ୍ଷାଦାନ କରୁଛନ୍ତି। ଜଣେ ନିଷ୍ଠାବାନ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ଆଦୃତ ହୋଇଥିବାବେଳେ ବଂଶୀ ବାଦନ ପାଇଁ ମଧ୍ୟ ବେଶ୍ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସଙ୍ଗୀତ ଶାସ୍ତ୍ରରେ ୧୨ଟି ସ୍ୱରକୁ ନେଇ ବିଭିନ୍ନ ବାଦ୍ୟଯନ୍ତ୍ର ବାଜୁଥିବାବେଳେ ବଂଶୀ ମଧ୍ୟ ସେହିଭଳି ବଜାଇଥା'ନ୍ତି ବୋଲି ଭୀମ ସାର୍ କହିଛନ୍ତି। ବଂଶୀ ବାଦନ ଏକ କଷ୍ଟକର ବ୍ୟାପାର। ବିନା ପ୍ରଶିକ୍ଷଣରେ ସାଉଥ୍‌ର ଜଣେ ବଂଶୀ ବାଦକଙ୍କୁ ଅନୁକରଣ କରି ସେ ଦୀର୍ଘ ବର୍ଷ ହେବ ବଂଶୀ ବଜାଉଥିବା କହିଛନ୍ତି। ଅବଶ୍ୟ ଏଥିପାଇଁ ତାଙ୍କୁ ସାମାଜିକ ଗଣମାଧ୍ୟମର ସହାୟତା ଦରକାର ହୋଇଛି। ବିଦ୍ୟାଳୟର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେଲେ ସେଠାରେ ଭୀମ ସାର୍‌ଙ୍କ ବଂଶୀ ବାଦନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାଏ। ବୃତ୍ତିଗତ ଜୀବନରୁ ଟିକେ ଫୁର୍‌ସତ ମିଳିଲେ ସେ ବଂଶୀ ବାଦନ ଅଭ୍ୟାସ କରିଥା'ନ୍ତି। କିଛି ଶିକ୍ଷାର୍ଥୀଙ୍କୁ ବଂଶୀ ବାଦନ ଶିକ୍ଷା ଦେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



■ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

# 'ଶିକ୍ଷକଙ୍କ ଉଚିତ୍ ମାର୍ଗଦର୍ଶନ ବିନା ଶିକ୍ଷାର ଉନ୍ନତି ଅସମ୍ଭବ'




ଭଣ୍ଡାରିପୋଖରୀ/ବାରିକପୁର,୫।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପ୍ରଥମଥର ପାଇଁ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦଲ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଡିଓ ଦେବଦତ୍ତ ଦାଶ ଉଦ୍‌ଘାଟନ କରି ପିଏମ୍‌ଶ୍ରୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର କ୍ଷୀରୋଦ ସାମଲ ଯୋଗଦେଇ ଶିକ୍ଷାନୁଷ୍ଠାନ ତଥା ବିଦ୍ୟାଳୟଗୁଡ଼ିକ ରାଜନୀତିମୁକ୍ତ ହେବା ସହ ଶିକ୍ଷକଙ୍କ ଉଚିତ୍ ମାର୍ଗଦର୍ଶନ ବିନା ଶିକ୍ଷାର ଉନ୍ନତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ ପରିଡ଼ା, ବରେଣ୍ୟ ଅତିଥି ଭାବେ ଧାମନଗର ପିଏମ୍‌ଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ସିଆର୍‌ସିସି ତ୍ରିଲୋଚନ ନାୟକ, ଭଗବାନ ପ୍ରଧାନ, ଡ. ଦେବଦତ୍ତ ପାଣିଗ୍ରାହୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରଞ୍ଜନ କୁମାର ବେଉରିଆ, ଆଲୁମ୍ନି ସଭାପତି ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା ଅତିଥି ପରିଚୟ ପ୍ରଦାନ, ଭୀମ ଚରଣ କୁଣ୍ଡୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ତାପସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅକାଂକ୍ଷୀ ମେଳା ସହିତ ନୃତ୍ୟ ସଙ୍ଗୀତ ଓ ନାଟକ ପରିବେଷଣ ହୋଇଥିଲା। କୃତୀ ଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ଉତ୍ସବକୁ ଶିକ୍ଷକ ପ୍ରଭାତ ଦାସ, ସରୋଜ ସାହୁ, ସ୍ମୃତିରେଖା ନାୟକ, ପ୍ରିୟବ୍ରତ ବାରିକ, ନିର୍ମଳ ଧଳ, ବିଜୟାଲକ୍ଷ୍ମୀ ସାହୁ, ସଂଯୁକ୍ତା ଦାସ, ବନିତା ପରିଡ଼ା, ଜୟନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

'ମାଆ ନାମରେ ଗଛଟିଏ' ଯୋଜନା ବିଫଳ

# ରକ୍ଷଣାବେକ୍ଷଣ ଅଭାବ; ୧୫ ହଜାରରୁ ଊର୍ଦ୍ଧ୍ୱ ଗଛ ନଷ୍ଟ

ଦୋବଲ,୫।୧(ସମିସ):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଧାମନଗର ବ୍ଲକ୍‌ର ୩୧ଟି ପଞ୍ଚାୟତରେ 'ମାଆ ନାମରେ ଗଛଟିଏ' ଅଭିଯାନ ଅନ୍ତର୍ଗତ ୧୫ ହଜାରରୁ ଅଧିକ ଗଛ ରୋପଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ଗଛଗୁଡ଼ିକ ଅଧିକାଂଶ ଏବେ ନଷ୍ଟ ହୋଇଯାଇଛି। 'ମନରେଗା' ଯୋଜନା ଅଧୀନରେ ମୁସ୍ତାଫାପୁର ପଞ୍ଚାୟତର ଧାମନଗର କଲେଜ ଖେଳପଡ଼ିଆ ପରିସରରେ ଲାଗିଥିବା ୧୦୦ରୁ ଅଧିକ ଗଛ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସେହିପରି ରଘୁନାଥପୁର ପଞ୍ଚାୟତରେ ପ୍ରାୟ ୧୦୦ ଗଛ ଧ୍ୱଂସ ହୋଇଥିବା ଦେଖିବାକୁ ମିଳିଛି। ଖଡ଼ିପଦା ପଞ୍ଚାୟତ ଅଫିସ ପଡ଼ିଆ ଚାରିପାଖରେ ଲାଗିଥିବା ଗଛଗୁଡ଼ିକ ଜଗାରଖା ଅଭାବରୁ ଗୋରୁଗାଈ ଦ୍ୱାରା ନଷ୍ଟ ହୋଇଥିବାବେଳେ



କରଦା ପଞ୍ଚାୟତ ଖିଲାଟେଶ୍ୱର ମନ୍ଦିର ରାସ୍ତାକଡ଼ ଓ ଖଙ୍ଗରା ହାଟ ପଡ଼ିଆରେ ଲାଗିଥିବା ଗଛଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇସାରିଛି। ସୋହଡ଼ା, ପଧାନୀ, ଦାଳଙ୍ଗ ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ଏହି ଯୋଜନାର ଦୁର୍ଦ୍ଦଶା ଦେଖାଦେଇଛି। ଏନେଇ ଧାମନଗର ବିଡିଓ ବନବିହାରୀ ଦିଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବ୍ଲକ୍‌ରେ ୧୫ ହଜାର ୫୦୦ ଗଛ ଛାଡ଼ି ୧୦ ହଜାରରୁ ଅଧିକ ଗଛ ରୋପଣ କରାଯାଇଛି। ଏପର୍ଯ୍ୟନ୍ତ କାହାକୁ ବିଲ୍ ପ୍ରଦାନ କରାଯାଇ ନାହିଁ। କୋର୍ଡ ପରେ ସିକ୍ୟୁର୍ ଆପ୍ରୁଭାଲ ମିଳିଲେ ଫାଇଲ୍ ଖୋଲାଯିବ। ପ୍ରତି ୩ ମାସକୁ ଜିଓ-ଟ୍ୟାଗ୍ ଫଟୋ ଉଠାଇ ସରକାରୀ ୱେବ୍ ସାଇଟ୍‌ରେ ଅପ୍‌ଲୋଡ୍ କରାଯାଉଛି। ଯେଉଁଠି ଗଛ ନଷ୍ଟ ହୋଇଛି, ସେଗୁଡ଼ିକର ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## କରଞ୍ଜିଆ ବନଖଣ୍ଡକୁ ଫେରିଲେ ୨୫ଟିକିଆ ଝାଡ଼ଖଣ୍ଡୀ ହାତୀପଲ
# ୩ ଘର ଭାଙ୍ଗି ଖାଇଗଲେ ଧାନ ଚାଉଳ

କରଞ୍ଜିଆ,୫।୧(ସମିସ): କରଞ୍ଜିଆ ବନଖଣ୍ଡର ୪ ବନାଞ୍ଚଳରେ ଶିମିଳିପାଳ ଓ ଝାଡ଼ଖଣ୍ଡୀ ହାତୀପଲଙ୍କ ବର୍ଷସାରା ଉପସ୍ଥିତି ନେଇ ବନ ବିଭାଗ ଓ ଗ୍ରାମବାସୀଙ୍କ ନିଦ ହଜିଯାଇଛି। ସାତକୋଶିଆ, ଠାକୁରମୁଣ୍ଡା ଓ ଦୁଧିଆଣି ବନାଞ୍ଚଳରେ ଶିମିଳିପାଳ ହାତୀପଲଙ୍କ ଅପେକ୍ଷା ଝାଡ଼ଖଣ୍ଡୀ ହାତୀପଲଙ୍କ ଦୌରାତ୍ମ୍ୟ ମାତ୍ରାଧିକ ଥିବା ଯୋଗୁଁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଶନିବାର ସୁଦ୍ଧା କରଞ୍ଜିଆ ବନଖଣ୍ଡରେ ୨୯ଟି ଶିମିଳିପାଳ ହାତୀ ଓ ଗୋଟିଏ ଝାଡ଼ଖଣ୍ଡୀ ଦନ୍ତା ଥିବା ସ୍ଥଳେ ଆଜି ରାତି ପ୍ରାୟ ୧.୩୦ରେ କେନ୍ଦୁଝର ବନଖଣ୍ଡରୁ ୨୫ଟିକିଆ ଝାଡ଼ଖଣ୍ଡୀ ହାତୀପଲ ବୈତରଣୀ ନଦୀ ପାରିହୋଇ କରଞ୍ଜିଆ ବନାଞ୍ଚଳର ଶୁକୁଲି ବୁକର ପାଣିଦେଉଳି, କୁସୁନପୁର, ଜାମବଣି ହୋଇ ଜାମୁଡି ହୁଡ଼ିରେ ଥିବା ଜଣାଯାଇଛି। ଆସିବା ବାଟରେ କାଶିଆବେଡା ଗ୍ରାମରେ କବି ନାଏକଙ୍କ ଘର ଓ କୁସୁନପୁର ଗ୍ରାମରେ କୁଶ ମୁଣ୍ଡା ଓ ସୁରୁ ମୁଣ୍ଡାଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଛନ୍ତି।



ଉକ୍ତ ପଲରେ ୬ ଦନ୍ତା, ୧୧ ମାଈ ଓ ୮ ଛୁଆ ହାତୀ ରହିଛନ୍ତି। ବର୍ତ୍ତମାନ କ୍ଷେତରେ ଧାନ ନ ଥିବା ଓ ଭୋକ ବିକଳରେ ଲୋକଙ୍କ ଘର ଭାଙ୍ଗି ଧାନ ଖାଉଥିବା ଯୋଗୁଁ ଲୋକେ ନିଦ୍ରା ଜାଗି ରାତି କଟାଉଛନ୍ତି। ସେହିପରି ଦୁଧିଆଣି ବନାଞ୍ଚଳର ଭଣ୍ଡା ସେକ୍ସନ ଉତ୍ତିଠାରେ ଶିମିଳିପାଳର ଗୋଟିଏ ଦନ୍ତା, ୪ ମାଈ ଓ ୩ ଛୁଆ, ପାହାଡପୁରରେ ଗୋଟିଏ ଦନ୍ତା, ଯଶିପୁର ସେକ୍ସନର ଡୁମୁରଡିହାରେ ୧ ଦନ୍ତା, ୨ ମାଈ ଓ ୨ ଛୁଆ, କୁଦରକିଣ୍ଡାରେ ଗୋଟିଏ ଦନ୍ତା ଥିବା ଜଣାଯାଇଛି। ସାତକୋଶିଆ ବନାଞ୍ଚଳ ଗୋଡଭଞ୍ଜା ସେକ୍ସନରେ ୧ ଦନ୍ତା, ସାତକୋଶିଆ ସେକ୍ସନର କମ୍ପାର୍ଟମେଣ୍ଟ ୨ରେ ୨ ଦନ୍ତା, ୨ ମାଈ ଓ ୨ ଛୁଆ ହାତୀଙ୍କ ଉପସ୍ଥିତି ଜଣାଯାଇଛି। ବନଖଣ୍ଡରେ ମୋଟ ୪୭ ହାତୀ ଥିବାବେଳେ ଚଳାପଥ ଅବରୋଧ ଓ ହାତୀପଲଙ୍କୁ ଉତ୍ତେଜିତ ନ କରିବା ପାଇଁ ବନଖଣ୍ଡ ଅଧିକାରୀ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି।

## ଟ୍ରକ୍ ଡ୍ରାଇଭରଙ୍କ ଦ୍ୱାରା ନାବାଳକ ଉଦ୍ଧାର



ହାଟଡ଼ିହୀ,୫।୧(ସମିସ): ନନ୍ଦିପଦା ଥାନା ହାଟଡ଼ିହୀ ଗ୍ରାମର ସୁଧାଂଶୁ ମଣ୍ଡଳ ନାମକ ଜଣେ ଟ୍ରକ ଡ୍ରାଇଭର ଢେଙ୍କା ପଞ୍ଚାୟତ ବଡ଼ ଆମ୍ବଗଡିଆ ନିକଟରୁ ଜଣେ ୧୦ ବର୍ଷୀୟ ନାବାଳକକୁ ଉଦ୍ଧାର କରିଛନ୍ତି। ଉକ୍ତ ବାଳକକୁ ଥାନା ମାଧ୍ୟମରେ ତା'ର ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ସକାଳ ପ୍ରାୟ ସାଢ଼େ ୮ ଟାରେ ସୋସୋ-ଢେଙ୍କା ରାସ୍ତାରେ ନାବାଳକଟି ଏକା ଚାଲି ଚାଲି ଯାଉଥିବା ଦେଖି ସୁଧାଂଶୁ ଗାଡ଼ି ଅଟକାଇ ପଚାରିଥିଲେ। ପିଲାଟି ଘର ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଉଛଦା ଗ୍ରାମର। ବାପା ନରୋତ୍ତମ ଓ ମାଆ କୌଶଲ୍ୟା ସୁତାର। ପରେ ଓଡ଼ିଶା ଡ୍ରାଇଭର ସଂଘ ମାଧ୍ୟମରେ ଜଣେ ଡ୍ରାଇଭର ବନ୍ଧୁଙ୍କ ସହଯୋଗରେ ପିଲାଟି କହୁଥିବା ତାଙ୍କ ଘର ଠିକଣା ଅନୁସାରେ ପରିବାର ଲୋକଙ୍କୁ ଖବର କରିଥିଲେ। ପୁଅକୁ ନେବା ପାଇଁ ମାଆ କୌଶଲ୍ୟା ଆସି ସୁଧାଂଶୁଙ୍କ ଘରେ ପହଞ୍ଚିଥିଲେ। ପୁଅଟି ସୋସୋ ଗ୍ରାମରେ ତା' ମାଉସୀ ଘରେ ପାଠ ପଢୁଛି ବୋଲି ମାଆ କୌଶଲ୍ୟା କହିଥିଲେ। ସବୁକଥା ବିଚାର କରି ଡ୍ରାଇଭର ସୁଧାଂଶୁ ଉଦ୍ଧାର କରିଥିବା ନାବାଳକକୁ କେବଳ ଥାନା ମାଧ୍ୟମରେ ହସ୍ତାନ୍ତର କରିବେ ବୋଲି କହିଥିଲେ। ପରେ ସୁଧାଂଶୁଙ୍କ ମାଆ ସହ ନାବାଳକର ମାଆ କୌଶଲ୍ୟା, କୌଶଲ୍ୟାଙ୍କ ସାଙ୍ଗରେ ଆସିଥିବା ହୃଦାନନ୍ଦ ଦାସ ଏବଂ ହାଟଡ଼ିହୀର ସକାଳ ପ୍ରତିନିଧି ସଞ୍ଜୀବ ମହାନ୍ତି ପ୍ରମୁଖ ପିଲାକୁ ନେଇ ଥାନାରେ ପହଞ୍ଚିଥିଲେ। କୌଶଲ୍ୟାଙ୍କ ଲିଖିତ ଶପଥନାମା ମାଧ୍ୟମରେ ଥାନା ଏଏସଆଇ ସୁଷମା ସୁନ୍ଦରୀ ସେଠୀ, କନେଷ୍ଟବଳ ନାରାୟଣ ସେଠୀଙ୍କ ଉପସ୍ଥିତିରେ କୌଶଲ୍ୟା ସୁତାରଙ୍କୁ ତାଙ୍କ ପୁଅକୁ ହସ୍ତାନ୍ତର କରାଯାଇଥିଲା।

## ଗାନ୍ଧୀବାବୁଙ୍କୁ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଶ୍ରଦ୍ଧାଞ୍ଜଳି



ବାରିପଦା, ୫।୧(ସମିସ): ବିଶିଷ୍ଟ ଆଇନଜୀବୀ, ସମାଜସେବୀ, ଦକ୍ଷ ସଂଗଠକ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ପ୍ରାକ୍ତନ ସାଧାରଣ ସମ୍ପାଦକ ଅରବିନ୍ଦ ଦାସ (ଗାନ୍ଧୀ ବାବୁ)ଙ୍କ ଦେହାନ୍ତ ଖବର ପାଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ବରିଷ୍ଠ ସଦସ୍ୟ ଜୀବନ ସାହୁ, ନିମାଇଁ ଚନ୍ଦ୍ର ଜେନା, ଲଲାଟେନ୍ଦୁ ବେହେରା, ବ୍ରଜରଞ୍ଜନ ପରିଛା, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ଅମର ସେଠୀ, ରବୀନ୍ଦ୍ର ମହାନ୍ତି, ଅମ୍ବିକା ରାଉତ ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହିତ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ପତାକାକୁ ତାଙ୍କ ମରଶରୀର ଉପରେ ରଖି ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ସେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ୨୦୦୯ ପର୍ଯ୍ୟନ୍ତ ସୁସଂଗଠିତ ଭାବେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇଥିଲେ। ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଖେଳକୁଦ ପ୍ରତିଯୋଗିତା ଉଲ୍ଲେଖନୀୟ ଓ ପରବର୍ତ୍ତୀ କର୍ମକର୍ତ୍ତା ଜିଲ୍ଲାରେ କ୍ରୀଡ଼ା ସହ ବାରିପଦା ଷ୍ଟାଡିୟମର ବିକାଶ କ୍ଷେତ୍ରରେ ଉନ୍ନତି ପାଇଁ ସଦାସର୍ବଦା ତାଙ୍କର ଉପଦେଶ ଲୋଡୁଥିଲେ। ତାଙ୍କ ଦେହାନ୍ତ ପରେ ମୟୂରଭଞ୍ଜ କ୍ରୀଡ଼ା ଜଗତରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ବରିଷ୍ଠ ସଦସ୍ୟ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଶିକ୍ଷକ ମାଗୁଛନ୍ତି ଆଧାର କାର୍ଡ
## ମାନସିକ ଚାପ ଯୋଗୁଁ ବିଦ୍ୟାଳୟକୁ ଯାଉନାହାନ୍ତି ପିଲା



ପିଙ୍ଗୁ,୫।୧(ସମିସ): ଶିକ୍ଷକ ବାରମ୍ବାର ଆଧାର କାର୍ଡ ମାଗୁଥିବାରୁ କପ୍ତିପଦା ବ୍ଲକର ଶାଳଚୁଆ ପଞ୍ଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ଚିରୁପଦା (ମାଝୀସାହି)ର ପିଲା ବିଦ୍ୟାଳୟ ଯିବାକୁ ଅମଙ୍ଗ ହେଉଛନ୍ତି। ଏହି ଗ୍ରାମର ବାସିନ୍ଦା ରାବଣ ହାଁସଦାଙ୍କ ୧୧ ବର୍ଷର ପୁଅ ସଞ୍ଜୀବ ଓ ୭ ବର୍ଷର ପୁଅ ରଣଜିତ ଆଜକୁ ଗୋଟିଏ ବର୍ଷ ଧରି ବିଦ୍ୟାଳୟକୁ ଯାଉ ନ ଥିବା କଥା ଗଣମାଧ୍ୟମକୁ ପରିବାରର ଲୋକେ ଜଣାଇଛନ୍ତି। ଏ ସମ୍ପର୍କରେ ସିଧାସଳଖ ରାବଣ ହାଁସଦାଙ୍କୁ ପଚାରିବାରୁ ସେ କହିଲେ, ଗ୍ରାମ ନିକଟରେ ଥିବା ସରକାରୀ ବିଦ୍ୟାଳୟରେ ତାଙ୍କର ଦୁଇପୁତ୍ର ନାମ ଲେଖାଇଛନ୍ତି। ବିଦ୍ୟାଳୟରେ ଶିକ୍ଷକ ପିଲାମାନଙ୍କୁ ନିୟମିତ ଆଧାର କାଡର୍ ମାଗିବାରୁ ମାନସିକ ଚାପରେ ଆଜକୁ ଗୋଟିଏ ବର୍ଷ ଧରି ପିଲାଏ ବିଦ୍ୟାଳୟ ଯାଉନାହାନ୍ତି। ବିଦ୍ୟାଳୟ ଉପସ୍ଥାନ ଖାତାରେ ଏହି ପିଲାଙ୍କ ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣା ନ ଥିବା କହିଛନ୍ତି। ସେହିପରି ପରିବାରକୁ ମିଳିଥିବା ରାସନ କାଡର୍‌ରେ ପିଲାଙ୍କ ନାମ ଯୋଡ଼ା ଯାଇପାରୁ ନ ଥିବାରୁ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ଉକ୍ତ ଦୁଇପୁତ୍ର ବଞ୍ଚିତ ଥିବାର ଜଣାଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପାନୀୟଜଳ ସମସ୍ୟାନେଇ ଦାବିପତ୍ର



କେନ୍ଦୁଝର,୫।୧(ସମିସ): କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ଗ୍ରାମର ଖମଣଗୋଡ଼ା ଏବଂ ରାଣୀଗୋଡ଼ା ସାହିରେ ପାନୀୟଜଳ ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସମସ୍ୟାର ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଏହାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ଏହି ଦୁଇ ସାହିରେ ପାଖାପାଖି ୨୦୦ ଲୋକ ବସବାସ କରୁଥିବାବେଳେ ପାନୀୟଜଳ ସୁବିଧା ନଥିବାରୁ ବାହାର ମଇଳା ପାଣି ପିଇବାକୁ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ଜଳଜନିତ ରୋଗ ଏବଂ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଖରାଦିନ ଥିବାରୁ ଜଳକଷ୍ଟ ଅଧିକ ଦେଖାଦେଖା ଆଶଙ୍କା କରି ପାନୀୟଜଳ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି ଜଣାଇଛନ୍ତି। ବସୁଧା ଜଳ ମେଗା ପ୍ରକଳ୍ପ ଦ୍ୱାରା ଆଖପାଖ ଗାଁକୁ ଜଳଯୋଗାଣ ହେଉଥିଲେ ମଧ୍ୟ ଏହି ୨ ସାହିକୁ ପିଇବା ପାଣି ପହଞ୍ଚି ପାରୁନାହିଁ। ଫଳରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ କରିବା ପାଇଁ ୱାର୍ଡମେମ୍ବର ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ବହୁ ପୁରଷ ଓ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ପୁରୁଣା ଛାତ୍ରଛାତ୍ରୀଙ୍କ 'ବନ୍ଧୁ ପାଇଁ ଗଛଟିଏ'

ହାଟଡ଼ିହୀ,୫।୧(ସମିସ): ହାଟଡ଼ିହୀ ବ୍ଲକ୍ ମା' ଗଡ଼ଚଣ୍ଡୀଙ୍କ ପରିସରରେ ମୁଗୁପୁର ହାଇସ୍କୁଲର ୨୦୦୭ ମାଟ୍ରିକ୍ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ଅବସରରେ "ବନ୍ଧୁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ଆଶୀର୍ବାଦ ଓଝା ଓ ସୁଧାଂଶୁ ଶେଖର ସାହୁଙ୍କ ସଫଳ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ସୁଶାନ୍ତ, ଦେବରଞ୍ଜନ, ବଳରାମ, ଆଶୀର୍ବାଦ, ସୁଧାଂଶୁ, ରାଜୁ, ନିଶିକାନ୍ତ, ଅବନୀ, ସୁନିତ, ନିରାକାର, ଜଗବନ୍ଧୁ, ସସ୍ମିତା, ଲିଜା, ଚୁନୁ, ଅନିତା, ଦୀପା, କୁଲୁରୁ, ପିଙ୍କି, ରମାକାନ୍ତ, ନୀଳମଣି, ଟୁଲୁ, ନିରଞ୍ଜନ, ଦୁଷ୍ମନ୍ତ ଓ ସୌମ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ "ବନ୍ଧୁ ପାଇଁ ଗଛଟିଏ" ଭାବନାକୁ ଆଧାର କରି ସମସ୍ତଙ୍କ ସହଭାଗିତାରେ ଆସନ୍ତା ୧୦ତାରିଖରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇ ପରିବେଶ ସୁରକ୍ଷାର ସନ୍ଦେଶ ଦେବେ ବୋଲି ଆଶୀର୍ବାଦ ଓଝା କହିଛନ୍ତି।

## ଚୋରା ଗାଡ଼ି ଜବତ

ରାଇରଙ୍ଗପୁର,୫।୧(ସମିସ): ତିରିଂ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସମୟରେ ଚୋରି ହୋଇଥିବା ଗାଡ଼ି ଜବତ କରିବାରେ ସଫଳତା ମିଳିଛି। ଚଢ଼ଉ କରି ୨ଟି ଟ୍ରାକ୍ଟର, ଗୋଟିଏ ଅଟୋ ଓ ଗୋଟିଏ ବ୍ୟାଟେରୀ ସ୍କୁଟି ଜବତ କରାଯାଇଛି। ତିରିଂ ଥାନା ଅଧିକାରୀ ପ୍ରଶାନ୍ତ ଜେନା ପାଟ୍ରୋଲିଂ କରିବା ବେଳେ ଗାଡ଼ି ଚୋର ଗ୍ୟାଙ୍ଗ ବାବଦରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ ଟିମ ସହ ଲୁପୁଂ ଗ୍ରାମର ମାଝିଆ ଟୁଡୁ ଓରଫ ପ୍ରେମଙ୍କ ଘରେ ଚଢ଼ଉ କରିଥିଲେ। ସେ ଘରେ ଅନୁପସ୍ଥିତ ଥିବାବେଳେ ଘର ପଛରେ ଉକ୍ତ ଗାଡ଼ି ଥିବା ଦେଖିଥିଲେ। ସମସ୍ତ ଗାଡ଼ିର କାଗଜପତ୍ର ଦେଖାଇବାକୁ କହିବାରୁ ସେ ତାହା ଦେଖାଇବାରେ ବିଫଳ ହୋଇଛନ୍ତି। ଗାଡିଗୁଡ଼ିକ ଚୋରି କରି ବିକ୍ରି କରିବାକୁ ଯୋଜନା କରୁଥିବା ପୁଲିସ ସନ୍ଦେହ କରିଛି। ଯାହାକୁ ନେଇ ଗାଡି ଜବତ କରି ପୁଲିସ ତଦନ୍ତ ଜାରି ରଖିଛି।

## ବିବେକାନନ୍ଦ ପାଠକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ



ହାଟଡ଼ିହୀ,୫।୧(ସମିସ): କେନ୍ଦୁଝର ଜିଲ୍ଲା ନୂଆରମ୍ପାସସ୍ଥିତ ବିବେକାନନ୍ଦ ପାଠକ ମଞ୍ଚର ଏକବିଂଶତିତମ ସ୍ୱନକ୍ଷତ୍ର ଉତ୍ସବ ବଡ଼ରମ୍ପାସ ଜପିଦାସ ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ୍ ଅଧୀନ ପ୍ରାୟ ୪୦ଟି ବିଦ୍ୟାଳୟରୁ ୪ଶହ ପିଲା ଶ୍ରେଷ୍ଠ ପାଠକ ଚୟନ, ଓଡ଼ିଆ ଭାଷା ଜ୍ଞାନ, ଆଶୁ ଓଡ଼ିଆ କବିତା ଲିଖନ, ଗୀତ, ହାସ୍ୟ ବ୍ୟଙ୍ଗ, ପ୍ରଶ୍ନମଞ୍ଚ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରେଷ୍ଠ ପାଠକ ଚୟନରେ ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ ଓ ଆନନ୍ଦପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରଘୁଦୀପ୍ତି ନାୟକ, ଗୀତ ପ୍ରତିଯୋଗିତାରେ ଗୁରୁ ବାମନ ଚରଣ ପ୍ରଧାନ ଓ ରବିନାରାୟଣ ପଟ୍ଟନାୟକ, ହାସ୍ୟ ବ୍ୟଙ୍ଗରେ ଅଭିମନ୍ୟୁ ସାହୁ ଓ ଲିଟୁନ ବଳ ପ୍ରମୁଖ ବିଚାରକ ଥିଲେ। ସୁଶୀଳ ଶୁଭଦୀପ ଓ ଶୁଭଶ୍ରୀ ତନିମା ନାୟକ ପ୍ରଶ୍ନମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ସଞ୍ଚାଳକ ଭାବେ ଯୁବ ସମାଜସେବୀ ଧୀରେନ୍ଦ୍ର ଖଟୁଆ ରହିଥିଲା ବେଳେ ବର୍ଷୀୟାନ୍ ଶିକ୍ଷକ ରଘୁନାଥ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହାଟଡିହୀ ଶିକ୍ଷା ମଣ୍ଡଳର ଶିକ୍ଷାଧିକାରୀ ରାଜୀବ ଦଳେଇ, ବର୍ଷିୟାନ ଶିକ୍ଷକ ଅକ୍ଷୟ ଜେନା, ନାରାୟଣ ଲେଙ୍କା, ବିନୋଦ ପଣ୍ଡା, ହାସ୍ୟମୟୀ ରାଜ, ଦୀପ୍ତି ଦେବଦର୍ଶିନୀ ସୁତାର ଓ ପ୍ରଫେସର ଗୋପାଳକୃଷ୍ଣ ପ୍ରଧାନ ପଠନ ସଂସ୍କୃତିର ବୃଦ୍ଧି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବହୁସଂଖ୍ୟକ ଅଭିଭାବକ ପିତାମାତା ଓ ଜନସାଧାରଣ ସମାରୋହରେ ସାମିଲ ହୋଇଥିଲେ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

ଯୋଡ଼ା,୫।୧(ସମିସ): କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ନାଉପାଣି ଗ୍ରାମ୍ୟ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ଥାନା ଆଇଆଇସି ଏସକେତନ ଭୋଇଙ୍କ ସୂଚନା ଅନୁଯାୟୀ, ସୋମବାର ସକାଳେ ଉକ୍ତ ଗ୍ରାମର ୧୪ ବର୍ଷୀୟା ନାବାଳିକା ଗାଧେଇବାକୁ ଯାଇଥିଲେ। କୌଣସି କାରଣରୁ ଗୋଡ଼ ଖସିଯିବାରୁ ପୋଖରୀ ମଧ୍ୟକୁ ଯାଇ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏନେଇ ଖବର ଦେବା ପରେ ପୁଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ବାମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୧/୨୦୨୬ ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ରାତୁଆଁ ମଦ ଭାଟିରେ ଚଢ଼ଉ

ଆନନ୍ଦପୁର, ୫।୧(ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ କୋଡପଡ଼ା ପଞ୍ଚାୟତ ରତୁଆଁ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ହୋଇଛି। ୩୯୦୦ କେଜି ପୋଚ ନଷ୍ଟ କରାଯାଇଥିବା ବେଳେ ୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ଏଭଳି ଏକ ବେଆଇନ ଦେଶୀ ମଦ ଭାଟି ଚାଲିଥିବା ନେଇ ଅବକାରୀ ବିଭାଗଙ୍କୁ ଖବର ମିଳିଥିଲା। କେନ୍ଦୁଝର ଅବକାରୀ ବିଭାଗ ଅଧିକ୍ଷକ ଡେରେଜ ଜେକିଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଅବକାରୀ ଇନ୍ସପେକ୍ଟର ବ୍ରଜଗୋବିନ୍ଦ ମଲ୍ଲିକ, ଏସଆଇ ପ୍ରିୟମ୍ବଦା ଓଝା, ଏଏସଆଇ ସୁଭସ୍ମିତା ପ୍ରଧାନ, କନେଷ୍ଟବଳ ସଞ୍ଜୀବ ସେଠୀ, ଜଗମୋହନ ବେହେରା ଓ ରେବତୀ ସାହୁ ପ୍ରମୁଖ ଚଢ଼ଉ ଦଳରେ ସାମିଲ ଥିଲେ।

## ଅଙ୍କୁରା ଘାଟରେ ଚଢ଼ଉ; ୪ ବାଲି ଟ୍ରାକ୍ଟର ଜବତ

ତୁରୁମୁଙ୍ଗା, ୫।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଟାଙ୍ଗରପଡା ଆଞ୍ଚଳର ଅଙ୍କୁରା ବୈତରଣୀ ନଦୀ ବାଲି ଘାଟରୁ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଚୋରା ଚାଲାଣ ସମୟରେ ସୋମବାର ଅପରାହ୍ନରେ ପାଟଣା ପୁଲିସ ଓ ବନ ବିଭାଗର ମିଳିତ ଟିମ୍ ଚଢ଼ଉ କରିଛନ୍ତି। ୪ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଜବତ ଟ୍ରାକ୍ଟରକୁ ରେଞ୍ଜ କାର୍ଯ୍ୟାଳୟ ଓ ପାଟଣା ଥାନାରେ ରଖାଯାଇ ଦୁଇଟି ମାମଲାରେ ତଦନ୍ତ ଜାରି ରହିଛି। ଗୋଟିଏ ଖାଲି ଟ୍ରାକ୍ଟରକୁ ଛାଡି ଦିଆଯାଇଛି। ଚଢ଼ଉରେ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ପାରାଷ୍ଟାଫ ସାମିଲ ଥିଲେ।

## ପରିବହନ ଓ ପୁଲିସ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ

ମହୁଲଡିହା,୫।୧ (ସମିସ): ମଦ ନିଶାରେ ଗାଡ଼ି ଚଲାଇବା ଅପରାଧରେ ଗୋଟିଏ ଅଟୋ ଓ ୨ଟି ବାଇକ ଜବତ ହୋଇଛି। ୫୨୦ନଂ ରାଜ୍ୟ ରାଜପଥର ଟିଆଁବେଡା ଛକରେ ପରିବହନ ବିଭାଗ ଓ ମହୁଲଡିହା ଥାନା ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଏହି ମିଳିତ ଯାଞ୍ଚ ସମୟରେ ୩ ଜଣ ଚାଳକ ଚୁଙ୍ଗା ଫୁଙ୍କି ପାରି ନ ଥିଲେ। ସେମାନେ ମଦ ନିଶାରେ ଥିବା ଦେଖିବାକୁ ପାଇଥିଲେ ଯାଞ୍ଚ ଅଧିକାରୀ। ମହୁଲଡିହା ଥାନାରେ ତିନିଜଣ ଚାଳକଙ୍କ ନାମରେ ମୋକଦ୍ଦମା ରୁଜୁ ହେବା ସହ ଗାଡ଼ି ଜବତ ହୋଇଛି। ଏହି ଯାଞ୍ଚରେ ରାଇରଙ୍ଗପୁର ପରିବହନ ବିଭାଗ ଓ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ସମେତ ଥାନାର ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

## କେଶଦୁରାପାଳ ସ୍ୱାସ୍ଥ୍ୟକେନ୍ଦ୍ର: ଡାକ୍ତରଙ୍କୁ 'ହାରାସମେଣ୍ଟ' ଅଭିଯୋଗ

ଆନନ୍ଦପୁର,୫।୧(ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ଡାକ୍ତର ସୌଭାଗ୍ୟ ରଞ୍ଜନ କରଙ୍କ ମା' ବୋଲି ପରିଚୟ ଦେଇ ଜଣେ ମହିଳା କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେ କହିଥିଲେ ଯେ ତାଙ୍କ ପୁଅ ସୌଭାଗ୍ୟଙ୍କୁ ହାରାସ୍‌ମେଣ୍ଟ (ନିର୍ଯାତନା) ଦିଆଯାଉଛି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ସୌଭାଗ୍ୟ ରଞ୍ଜନଙ୍କୁ ଡାକ୍ତରଖାନାକୁ ଡ୍ୟୁଟି କରିବାକୁ ପ୍ରବେଶ କରାଇ ଦେଉନାହାନ୍ତି। ଏପରିକି ପଇସା ଦେଲେ ଓପିଡିରେ ଚିକିତ୍ସା କରାଇ ନଦେବାକୁ କୁହାଯାଉଥିବା ମହିଳା ଜଣକ କହିଛନ୍ତି। ଘଟଣାକୁ ନେଇ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ରାଜେନ୍ଦ୍ର ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଏହିଭଳି ଘଟଣାର କୌଣସି ସତ୍ୟତା ନାହିଁ। ଦୁଇ ଥର ତାଙ୍କୁ ଚିଠି କରିଛୁ କାର୍ଯ୍ୟରେ ଯୋଗଦେବା ପାଇଁ, ହେଲେ ସେ ଆସୁନାହାନ୍ତି ବୋଲି ପ୍ରତ୍ୟୁତ୍ତର ଦେଇଛନ୍ତି। ସୂଚନାଯୋଗ୍ୟ ଡାକ୍ତର ସୌଭାଗ୍ୟ ରଞ୍ଜନ କରଙ୍କୁ ଡିଏମ୍‌ଏଫ ସହାୟତାରେ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହର ଦୁଇ ଦିନ ଚିକିତ୍ସା ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

## ଉପଖଣ୍ଡ ଟ୍ରକ୍ ମାଲିକଙ୍କ ବନ୍ଧୁ ମିଳନ



ଚମ୍ପୁଆ, ୫।୧(ସମିସ): ଚମ୍ପୁଆସ୍ଥିତ ପବିତ୍ର ବୈତରଣୀ ନଦୀ ରାମତୀର୍ଥଠାରେ ଚମ୍ପୁଆ ଟ୍ରକ ମାଲିକ ତଫସିର ଆଲାମ, ପରବିନ ରାମ, ଅମିତ ପଣ୍ଡା, କୃଷ୍ଣ ସାହୁ, ଏମଡି ଫାଇଜାନ, ସୁରେନ୍ଦ୍ର ସାହୁ ଓ ଖୁସିଦ ଆଲାମଙ୍କ ମିଳିତ ସହଯୋଗରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଟ୍ରକ ମାଲିକ ସଂଘ ନିର୍ବାଚନକୁ ନେଇ ଏହି ବନ୍ଧୁ ମିଳନ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ପ୍ରାୟ ୬୦ ଟ୍ରକ ମାଲିକ ଏଥିରେ ଯୋଗ ଦେଇଥିଲେ। ମାଲ ପରିବହନ ନେଇ ଉପୁଜୁଥିବା ସମସ୍ୟା ଓ ଚମ୍ପୁଆ ଟ୍ରକ ମାଲିକଙ୍କୁ ଅଣଦେଖାକୁ ନେଇ ଅସନ୍ତୋଷ ରହିଥିବା ବେଳେ ଅଧାରୁ ଅଧିକ ଟ୍ରକ ମାଲିକ ନିୟମିତ ପରିବହନ ସୁବିଧା ପାଉ ନଥିବା ନେଇ ଆଲୋଚନା କରାଯାଇଥିଲା। ସବୁ ସମୟରେ ଟ୍ରକ ମାଲିକମାନେ ଏକତ୍ରିତ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅନ୍ୟପକ୍ଷରେ ଏହି ବନ୍ଧୁ ମିଳନ ଚମ୍ପୁଆ ଟ୍ରକ ମାଲିକଙ୍କୁ ଏକତାସୂତ୍ରରେ ବାନ୍ଧି ରଖିବା ଲକ୍ଷ୍ୟ ନେଇ ଆୟୋଜନ କରାଯାଇଥିବା ବେଳେ ଟ୍ରକ ମାଲିକମାନେ ପରସ୍ପରକୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ।

## ରୟାଲ୍ସ ପ୍ରିମିୟର ଲିଗ୍‌ର ତୃତୀୟ ଦିବସ ମ୍ୟାଚ୍



ବାରିପଦା, ୫।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ ପକ୍ଷରୁ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗ୍‌ର ତୃତୀୟ ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ କାଶୀନାଥ ରଣା ଓ ସମ୍ମାନିତ ଅତିଥି ଭାବେ ବାରିପଦା କ୍ରିକେଟ ଏକାଡେମୀ ସମ୍ପାଦକ ସୁଶାନ୍ତ ଦାସ, ଏପି ଟ୍ରେଡ୍‌ର ମାଲିକ ଅଯୋଧ୍ୟା ପୂର୍ତ୍ତି ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ କ୍ଲବ୍‌ର ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ ୭ ୱିକେଟରେ ଏମର୍ଜିଂ ଟାଇଟନ ଦଳକୁ ପରାସ୍ତ କରିଥିଲା ଓ ଯଶୋବନ୍ତ ମାଝୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ପରି ଚ୍ୟାଲେଞ୍ଜର ୭ ୱିକେଟରେ ଆଞ୍ଜେଲ ରଣା ଦଳକୁ ପରାସ୍ତ କରିଥିଲା। ଅଭିଜିତ ବାରିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚରେ ମା' ଅମ୍ବିକା ସୁପର ସ୍ମାସର ଦଳ ୯ ରନରେ ଭି ରୋର ଦଳକୁ ପରାସ୍ତ କରିଥିଲା ଓ ପ୍ରୀତିଦେବ ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚତୁର୍ଥ ମ୍ୟାଚରେ ମା ତାରିଣୀ ୱାରିୟର ୧୧ ରନରେ ଥ୍ରୀଲୋର ଦଳକୁ ପରାସ୍ତ କରିଥିଲା ଓ ରଥୁ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଳିଆ ଓ ତାପସ ଦେ ଖେଳ ପରିଚାଳନା କରିଥିଲେ।

## ଆମ କପ୍ତିପଦା ମହୋତ୍ସବ ପାଇଁ ଚୂଡ଼ାନ୍ତ ବୈଠକ

କପ୍ତିପଦା,୫।୧(ସମିସ)



ଆସନ୍ତା ୯ ତାରିଖରେ ଆରମ୍ଭ ହେବାକୁ ଥିବା ଆମ କପ୍ତିପଦା ମହୋତ୍ସବର ଚୂଡ଼ାନ୍ତ ବୈଠକ ବିଧାୟକ ଭାସ୍କର ମଢେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ମା'କୁ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ରେଶମା ଟେଟେ, ତହସିଲଦାର ଆଶିଷ ମହାପାତ୍ର, ଉପଦେଷ୍ଟା ପ୍ରବୀର ଚନ୍ଦ୍ର ସାଏ, ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସ୍ୱୟଂସହାୟିକା ଗୋଷ୍ଠୀ, ସାମ୍ବାଦିକ ଓ ସ୍ୱେଚ୍ଛାସେବୀ, ଯୁବକମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ମହୋତ୍ସବ କିଭଳି ଶୃଙ୍ଖଳିତ ଭାବେ ହୋଇପାରିବ, ସେନେଇ ବିଧାୟକ ସମସ୍ତଙ୍କୁ ଜଣାଇବା ସହିତ ମୁଁ କପ୍ତିପଦା ବ୍ଲକ୍‌ର ଜଣେ ସଦସ୍ୟ ଓ ଏହି ବ୍ଲକ୍‌ର ବାସିନ୍ଦା। ୨୬ଟି ପଞ୍ଚାୟତକୁ ନେଇ ଗଠିତ ଏଇ ବ୍ଲକର କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଏହି ମହୋତ୍ସବ ପାଳିତ ହେଉଛି। କରୋନା କଟକଣା ପାଇଁ ଏହା ବନ୍ଦ ହୋଇଯାଇଥିଲା। ଏ ବର୍ଷଠାରୁ ପୁଣି ନୂତନ ଭାବେ ଆରମ୍ଭ ହେଉଛି। ମୟୂରଭଞ୍ଜର ଲୁପ୍ତପ୍ରାୟ କଳା, ଲୁକ୍କାୟିତ କଳା ସଂସ୍କୃତିକୁ ଫେରାଇ ଆଣିବା ପାଇଁ ମହୋତ୍ସବ ଏକ ମାଧ୍ୟମ। ଏହାକୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଏହାକୁ ବ୍ୟାପକ କରିବା ସହିତ ନାମିଦାମୀ କଳାକାରଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପ୍ରକାଶ କରିଥିଲେ। ସଭାପତି ତପନ ବାରିକ ଆସନ୍ତା ୯,୧୦, ଓ ୧୧ ତାରିଖ ଧାର୍ଯ୍ୟ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ୯ ତାରିଖ ମଧ୍ୟାହ୍ନରେ ଜଗନ୍ନାଥ ମନ୍ଦିରଠାରୁ ବାହାରି ହାଇସ୍କୁଲ ପର୍ଯ୍ୟନ୍ତ ଏକ ନଗର ପରିକ୍ରମା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାଧାରଣ ସଭାରେ ଜିଲ୍ଲାରୁ ରାଜନେତା, ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀ ଯୋଗଦେବେ। ପରେ ପ୍ରତିଦିନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୯ ତାରିଖରେ ସୁନାମଧନ୍ୟ ଗାୟିକା ଶୁଭଶ୍ରୀ, ୧୦ରେ ବଙ୍ଗୀୟ ଗାୟିକା ଶର୍ମିଷ୍ଠା ସରକାର ଓ ୧୧ରେ ଗାୟିକା ଅଙ୍କିତା ପାତ୍ର, ଆଦିବାସୀ ଗାୟିକା ପାରାୟନୀ ସୋରେନ ଓ ବହୁଚର୍ଚ୍ଚିତ ଆଦିବାସୀ ସଂଗୀତ "ମାଙ୍ଗବୁରୁ ଆମୋଦ ଓକାରେ' ଗୀତର ଗାୟକ ମଙ୍ଗଳ ହାଁସଦା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଗୀରଥ ଦେହୁରୀ ପୂର୍ବରୁ ଶୃଙ୍ଖଳାର ସହ ହୋଇଥିବା ମହୋତ୍ସବ ସମ୍ପର୍କରେ ଆଲୋଚନା କରି ଏବର୍ଷ ଶୃଙ୍ଖଳାର ସହ ଏହା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଦିନ ଅଞ୍ଚଳର ଚର୍ଚ୍ଚିତ ଛାତ୍ରଛାତ୍ରୀ, ବ୍ୟୋଜ୍ୟେଷ୍ଠ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ବିଭାଗରେ ଜଣେ ଜଣେ କର୍ମୀଙ୍କୁ ଦାୟିତ୍ୱ ଦିଆଯିବ ବୋଲି ସଭାପତି ମା'କୁ ସିଂ ପ୍ରକାଶ କରିଛନ୍ତି। ଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଶୁଭ ଖବର ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ସମୟ ବିତାଇବେ। ପିଲାମାନେ କେଉଁକ୍ଷେତ୍ରରେ ସମୟ ଅତିବାହିତ କରିବେ।

**ବୃଷ:** ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଭଲ ରହିବ। ଭାଗ୍ୟ ଆପଣଙ୍କୁ ପୁରା ସାଥ୍ ଦେବ। ମାତାପିତାଙ୍କ ଆଶୀର୍ବାଦରୁ ଅଟକିଥିବା କାମ ପୂରା ହେବ। ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି।

**ମିଥୁନ:** ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ।

**କନ୍ୟା:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡୋଶୀଙ୍କ ସହ ସୁସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। କିଛି ନୂଆ କରିବାକୁ ଚିନ୍ତା କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ମଜାମସ୍ତି କରିବେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବିଛା:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଲାଭବାନ ହେବେ।

**ଧନୁ:** ଦିନଟି ବ୍ୟସ୍ତଭିତରେ କଟିବ। ଶାରୀରିକ ସମସ୍ୟା ଦେଖା ଦେଇପାରେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ବନ୍ଧୁଙ୍କ ସହିତ ଦୂର ସ୍ଥାନ ବୁଲିବାକୁ ଯାଇପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିବ।

**ମକର:** ଆଜି ଦିନଟି ଆପଣଙ୍କୁ ମିଶ୍ରିତଫଳ ପ୍ରଦାନ କରିବ। ପିଲାମାନେ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଇଚ୍ଛା ମୁତାବକ କାମ କରନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ଅନ୍ୟଙ୍କୁ ସାହାଯ୍ୟର ହାତ ବଢ଼ାଇ ପ୍ରଶଂସିତ ହୋଇପାରନ୍ତି। ଅଟକିଥିବା କାମ ପୂରା ହେବ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ।

**ମୀନ:** ଦିନଟି ଉତ୍ସାହପୂର୍ଣ୍ଣ ରହିବ। ଅଟକିଥିବା କାମ ପୂରା ହେବ। ଅଚାନକ ଖୁସି ଖବର ପାଇପାରନ୍ତି। ଅଫିସ୍‌ରେ ଭାବିଚିନ୍ତି କଥା କୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଦୀର୍ଘ ବର୍ଷ ପରେ ସାକ୍ଷାତ ହେବ।

## ଆଜିର ଇତିହାସ

- ୧୯୦୭- ରୋମ୍‌ରେ ପ୍ରଥମ ଥର ଡେ' କେୟାର ସେଣ୍ଟରର ଆରମ୍ଭ ହେଲା।
- ୧୯୨୯- ମଦର ଟେରେସା ରୋଗୀ ସେବା ପାଇଁ କଲିକତା ଆସିଲେ।
- ୧୯୪୬- ଭିଏତ୍‌ନାମରେ ପ୍ରଥମ ସାଧାରଣ ନିର୍ବାଚନ ଆରମ୍ଭ ହେଲା।
- ୧୯୬୭- ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍.ରେହମାନ୍‌ଙ୍କ ଜନ୍ମ।
- ୨୦୧୬- ଉତ୍ତର କୋରିଆ ସଫଳତା ପୂର୍ବକ ହାଇଡ୍ରୋଜେନ୍ ବୋମ୍‌ର ପରୀକ୍ଷା କଲା।
- ୨୦୧୭- ହିନ୍ଦୀ ଫିଲ୍ମ ଅଭିନେତା ଓମ୍‌ପୁରୀଙ୍କ ଦେହାନ୍ତ।



## ଘୁଞ୍ଚିଲା 'ମେରେ ରହୋ'ର ରିଲିଜ୍

ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର୍ ଖାନ୍‌ଙ୍କ ପୁଅ ଜୁନେଦ୍ ଖାନ୍ ଓ ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ 'ମେରେ ରହୋ' ଫିଲ୍ମରେ ଏକାଠି ନଜର ଆସିଥାନ୍ତେ। ଏହାର ସୁଟିଂ ଗତ ଅପ୍ରେଲ୍ ମାସରେ ସରି ଯାଇଥିଲା। ଡିସେମ୍ବର ୧୨ ତାରିଖରେ ଏହି ଫିଲ୍ମକୁ ରିଲିଜ୍ କରାଯାଇଥାନ୍ତା। ହେଲେ ଗତ ଡିସେମ୍ବର ମାସରେ ବିଗ୍ ବଜେଟ୍‌ର ଫିଲ୍ମଗୁଡ଼ିକ ରିଲିଜ୍ ହେବାରୁ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଥିବା ଜଣାପଡ଼ିଛି। ଡିସେମ୍ବରରେ 'ଧୁରନ୍ଧର' ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସ୍‌କୁ କବ୍‌ଜା କରି ନେଇଛି। ଏହାର ଠିକ୍ ପରେ କାର୍ତ୍ତିକ୍ ଆର୍ୟନ୍ ଓ ଅନନ୍ୟା ପାଣ୍ଡେଙ୍କ ରୋମାଣ୍ଟିକ୍ କମେଡି ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି' ରିଲିଜ୍ ହୋଇଥିଲା। 'ଧୁରନ୍ଧର'ର ସଫଳତା ଆଗରେ କାର୍ତ୍ତିକ୍‌ଙ୍କ ଫିଲ୍ମ ମଧ୍ୟ ମାଡ଼୍ ଖାଇ ଯାଇଛି। ଅପରପକ୍ଷରେ 'ମେରେ ରହୋ'ର ପ୍ରଯୋଜନା ଦାୟିତ୍ୱରେ ଆମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍ ରହିଛି। ଆମିର୍ ମଧ୍ୟ ଏହାର ପ୍ରମୋସନ୍ ଦାୟିତ୍ୱରେ ଅଛନ୍ତି। ତେଣୁ ଆମିର୍ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଏହାର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିବା ଜଣାପଡ଼ିଛି। ଏହା ଏବେ ଆସନ୍ତା ଜୁଲାଇ ମାସରେ ପରଦାକୁ ଆସିବ ବୋଲି ଜଣାପଡ଼ିଛି। ଜୁନେଦ୍ ଶେଷଥର ପାଇଁ 'ଲଭ୍‌ୟାପା' ଫିଲ୍ମରେ ନଜର ଆସିଥିଲେ। 'ମେରେ ରହୋ' ତାଙ୍କର ଦ୍ୱିତୀୟ ଫିଲ୍ମ ହେବ। ସେହିଭଳି ସାଇପଲ୍ଲବୀ 'ମେରେ ରହୋ' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିବେ।


## ୬୭ ଲେଖିଲେ ହଲୁଛି ସ୍କ୍ରିନ୍




ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳୁଛି ଗୁଗଲରେ ଏକ ସ୍ୱତନ୍ତ୍ର ସଂଖ୍ୟା ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲୁଛି। ଭୂମିକମ୍ପ ସମୟରେ ଯେପରି ସ୍ଥିତି ଦେଖାଯାଏ ଏହା କିଛି ସେଭଳି ଅନୁଭୂତି ଦେଉଛି। ତେବେ ଏହା ହେଉଛି ଗୁଗଲର ଏକ ପ୍ରାଙ୍କ୍। ଏଥିରେ ଦେଖିବାକୁ ମିଳୁଛି ଯେ, ଗୁଗଲରେ ୬୭ ସଂଖ୍ୟା ଟାଇପ୍ କରି ସର୍ଚ୍ଚ କରିବା ଦ୍ୱାରା ମୋବାଇଲ କିମ୍ବା କମ୍ପ୍ୟୁଟରର ସ୍କ୍ରିନ୍ ହଲିବା ଆରମ୍ଭ କରୁଛି। କିଛି ଲୋକ ଗୁଗଲର ଏହି ଟ୍ରେଣ୍ଡକୁ ପରୀକ୍ଷା କରୁଛନ୍ତି। ପ୍ରକୃତରେ ଏଭଳି କିଛି ହେଉଛି କି ନାହିଁ ତାହା ଲୋକେ ଜାଣିବାକୁ ଚେଷ୍ଟା କରୁଛନ୍ତି। ହେଲେ ଏହା ପଛରେ କାରଣ କ'ଣ ଅଛି ତାହା ଅନେକ ଜାଣନ୍ତି ନାହିଁ। ସ୍ମାର୍ଟଫୋନ୍, କମ୍ପ୍ୟୁଟର ତଥା ପିସି ବ୍ରାଉଜରରେ ଯଦି ୬୭ ଟାଇପ୍ କରାଯାଏ, ସ୍କ୍ରିନ୍ ଅଚାନକ ହଲିବା ଆରମ୍ଭ କରେ। ପ୍ରଥମେ ଏହା ଯେକୌଣସି ବ୍ୟକ୍ତିଙ୍କୁ ଏଭଳି ଲାଗିବ ଯେ, ଯେପରି ଭୂମିକମ୍ପ ହେଉଛି ବୋଲି ଆଶ୍ଚର୍ଯ୍ୟ କରିପାରେ। ସ୍କ୍ରିନ୍ ହଲିବା ବାସ୍ତବରେ ଗୁଗଲର ଏକ ପ୍ରାଙ୍କ୍। ଗୁଗଲ ଲଗାତାର ସର୍ଚ୍ଚ ଇଞ୍ଜିନ୍‌ରେ କିଛି ଭାଇରାଲ ଟ୍ରେଣ୍ଡକୁ ଆନିମେସନ୍ ମାଧ୍ୟମରେ ସାମିଲ କରିଥାଏ। ଏଭଳି ଆନିମେସନ୍ ପ୍ରୋସେସ୍‌କୁ ଗୁଗଲର ଇଷ୍ଟର ଏଗ୍ କୁହାଯାଇଛି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ଅନେକ ଲୋକ ସେୟାର୍ କରିଛନ୍ତି। ଏପରିକି ଲକ୍ଷାଧିକରୁ ଅଧିକ ଲୋକ ଏହାକୁ ଦେଖିସାରିଲେଣି। ଅନେକ ଏଭଳି ଏକ ଟ୍ରେଣ୍ଡକୁ ମଜାଦାର କହୁଛନ୍ତି।

## ପିଇବା ପାଣିରେ ମାଇକ୍ରୋପ୍ଲାଷ୍ଟିକ୍

ପ୍ଲାଷ୍ଟିକ୍‌ର ଛୋଟ ଛୋଟ ଖଣ୍ଡକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଏ। ୫ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ୍ ଖଣ୍ଡ ମାଇକ୍ରୋପ୍ଲାଷ୍ଟିକ୍ ଭାବେ ପରିଚିତ। ଏହା ଖାଲି ଆଖିକୁ ଦେଖା ଯାଏ ନାହିଁ। ମାଇକ୍ରୋପ୍ଲାଷ୍ଟିକ୍ ପୋଷାକ, ପ୍ଲାଷ୍ଟିକ୍ ଜିନିଷ, ପ୍ରସାଧନୀ ସାମଗ୍ରୀ ଏବଂ ପ୍ୟାକେଜିଂରୁ ମିଳିଥାଏ। ଅର୍ଥାତ୍ ଯେଉଁ ସବୁ ଜିନିଷକୁ ନିତିଦିନ ବ୍ୟବହାର କରାଯାଉଛି, ସେସବୁ ମାଧ୍ୟମରେ ମାଇକ୍ରୋପ୍ଲାଷ୍ଟିକ୍ ପବନ, ପାଣି ଏବଂ ମାଟିରେ ବ୍ୟାପିଥାଏ। ତେବେ ଚୀନ୍‌ର ବୈଜ୍ଞାନିକମାନେ ମାଇକ୍ରୋପ୍ଲାଷ୍ଟିକ୍‌ରୁ ରକ୍ଷା ପାଇବା ଲାଗି ଏକ ସହଜ ଉପାୟ କହିଛନ୍ତି। ଯାହାକୁ ପ୍ରତ୍ୟେକ ବ୍ୟକ୍ତି ନିଜ ରୋଷେଇ ଘରେ ହିଁ ଆପଣାଇ ପାରିବେ। ୨୦୨୪ରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ନଳ ପାଣିକୁ ଯଦି ଫୁଟାଇ



ଛଣାଯାଏ, ସେଥିରେ ଥିବା ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍ କଣିକା ବହୁ ମାତ୍ରାରେ କମିଯିବ। ଗବେଷକମାନେ ଏଥିପାଇଁ ପ୍ରଥମେ ପାଣିରେ ମାଇକ୍ରୋପ୍ଲାଷ୍ଟିକ୍ ଏବଂ ନାନୋପ୍ଲାଷ୍ଟିକ୍‌କୁ ମିଶାଇଥିଲେ। ଏହାପରେ ପାଣିକୁ ଫୁଟାଇ ଛଣାଗଲା। ଏଭଳି କରିବା ଦ୍ୱାରା ୯୦% ମାଇକ୍ରୋପ୍ଲାଷ୍ଟିକ୍ ହ୍ରାସ ପାଇଥିବା ଦେଖାଗଲା। ବିଶେଷକରି ଯେଉଁ ପାଣିରେ ଅଧିକ ମାତ୍ରାରେ କ୍ୟାଲସିୟମ୍ ଓ ମିନେରାଲ ଥିଲା ସେକ୍ଷେତ୍ରରେ ଏହା ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା। ତେବେ ଅଧିକ କ୍ୟାଲସିୟମ୍ ଓ ମିନେରାଲ ଥିବା ପାଣିକୁ ଫୁଟାଇବା ଦ୍ୱାରା କ୍ୟାଲସିୟମ୍ କର୍ବୋନେଟ୍ ବାହାରକୁ ଆସିଯାଏ, ଏଥିରେ ମାଇକ୍ରୋପ୍ଲାଷ୍ଟିକ୍‌ଗୁଡ଼ିକ ଲାଗିଯାନ୍ତି। ଏହାପରେ ପାଣିକୁ ଛାଣିବା ଦ୍ୱାରା ଏହା ବାହାରକୁ ବାହାରିଯାଏ। ଏନେଇ ବୈଜ୍ଞାନିକଙ୍କ କହିବା କଥା, ଏ ଲାଗି କୌଣସି ମହଙ୍ଗା ଫିଲ୍ଟରର ଆବଶ୍ୟକତା ନାହିଁ। ନଳ ପାଣିକୁ ଠିକ୍ ଭାବେ ଫୁଟାଇ ତାହାକୁ ଥଣ୍ଡା କରନ୍ତୁ। ପରେ ଏହାକୁ ଚା' ଛଣା ନଚେତ ସାଧାରଣ ଫିଲ୍ଟରରେ ଛାଣି ଦିଅନ୍ତୁ। ଏଭଳି କରିବା ଦ୍ୱାରା ପାଣିରେ ଥିବା ପ୍ଲାଷ୍ଟିକ୍ କଣିକା ଦୂର ହୋଇଥାଏ। ଅନ୍ୟପଟେ ୨୦୨୫ର ଏକ ରିପୋର୍ଟ ଅନୁସାରେ, ପିଇବା ପାଣି ହେଉଛି ମାଇକ୍ରୋପ୍ଲାଷ୍ଟିକର ମୂଳ ଉତ୍ସ। କାରଣ ଏହାକୁ ବର୍ତ୍ତମାନ ପ୍ରକ୍ରିୟାକରଣ କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଦୂର କରି ପାରୁ ନାହାନ୍ତି। ଗବେଷକଙ୍କ କହିବା କଥା, ବିଶ୍ୱସାରା ପିଇବା ପାଣିର ଅଭାବ ସମସ୍ତଙ୍କର ରହିବା ଉଚିତ। ଅଧିକ ଲୋକ ଏହି ଉପାୟ ଅବଲମ୍ବନ କଲେ ମାଇକ୍ରୋପ୍ଲାଷ୍ଟିକ୍ ଆଶଙ୍କାକୁ ଅନେକ ପରିମାଣରେ କମ୍ କରାଯାଇପାରିବ। ସେହିପରି ଏହି ଗବେଷଣା ଏନଭାରନମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜି ଲେଟର ପତ୍ରିକାରେ ପ୍ରକାଶିତ।




## ମାଟି ତଳେ ଛତୁ ଚାଷ



ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ କରାଯାଏ। ହେଲେ ଏବେ ଉନ୍ନତ ପଦ୍ଧତିରେ ମାଟି ତଳେ ବି ଛତୁ ଚାଷ ହୋଇପାରୁଛି। କର୍ଣ୍ଣାଟକ,ଡୋଡ୍ଡାବଲ୍ଲାପୁର ଅନ୍ତର୍ଗତ କେଞ୍ଚିଗାନାହଲ୍ଲୀର ପଦ୍ମିନୀ ଗୌଡ଼ା ମାଟି ତଳେ ପଲିଟନେଲ ପଦ୍ଧତିରେ ଛତୁ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ଏକ ନିୟନ୍ତ୍ରିତ କୋଠରିରେ ଛତୁ ଚାଷ ପାଇଁ ଅଧିକ ଖର୍ଚ୍ଚ ହୁଏ। ତେଣୁ ଖର୍ଚ୍ଚ କମ୍ କରିବା ଉଦ୍ଦେଶ୍ୟରେ ପଦ୍ମିନୀ 'ପଲି ଟନେଲ' ପ୍ରଣାଳୀରେ ଦୁଗ୍ଧଛତୁ ଚାଷ କରୁଛନ୍ତି। ଏଥିପାଇଁ ସେ ମାଟିକୁ ୧୩.୫ ଫୁଟ ଗଭୀର ଖୋଳି ୭୭ ଫୁଟ ଲମ୍ବା ଏବଂ ୧୭ ଫୁଟ ଚଉଡ଼ାର ଏକ ହଲ୍ ତିଆରି କରିଛନ୍ତି। କାନ୍ଥକୁ କଂକ୍ରିଟରେ ମଜବୁତ କରିଛନ୍ତି। ଏହାଦ୍ୱାରା ପ୍ରାକୃତିକ ଉପାୟରେ ତାପମାତ୍ରା ଏବଂ ଆର୍ଦ୍ରତା ବଜାୟ ରହିପାରିବ। କୋଠରିକୁ ପାଣି ପଶିବାର ଭୟ କମ୍ ରହିବ। ଏହା ଉପରେ ସେ ଜିଆଇ ପାଇପ ବ୍ୟବହାର କରି ଏକ ତ୍ରିକୋଣୀୟ ଛାତ ମଧ୍ୟ ବନାଇଛନ୍ତି। ଏହାକୁ ନୀଳ ରଙ୍ଗର ପାରଦର୍ଶୀ ପଲିଥିନ୍ ସିଟ୍‌ରେ ଢଙ୍କା ଯାଇଛି। ଏହା ଦିନରେ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଆସିବାକୁ ଦିଏନି। ବିନା ବିଦ୍ୟୁତ୍‌ରେ ଏହା ଆର୍ଦ୍ରତା ବଜାୟ ରଖିଥାଏ। ଛତୁ ବୃଦ୍ଧିରେ ସହାୟକ ହୁଏ। ତେବେ ଗୋଟିଏ କୋଠରିରେ ୪,୮୦୦ରୁ ବ୍ୟାଗ୍ ରଖାଯାଇପାରିବ। ସାମାନ୍ୟ କୋଠରିରେ ବିଦ୍ୟୁତ ପାଇଁ ଖର୍ଚ୍ଚ ବହୁତ ଆସେ। ଏଥିରେ ସେହି ଚିନ୍ତା କମ୍ ଥାଏ। ଏହା ଖାଲି ଦୁଗ୍ଧ ଛତୁ ଚାଷ ପାଇଁ ଭଲ ତାହାନୁହେଁ, କୃଷି ସମ୍ପର୍କିତ ବ୍ୟବସାୟ ପାଇଁ ଅଧିକ ଲାଭଦାୟକ।



## ସ୍ୱଳ୍ପ ମୂଲ୍ୟର ସାର ପ୍ରୟୋଗ ଯନ୍ତ୍ର

ଅଧିକ ଅମଳ ଆଶାରେ ଚାଷୀମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରନ୍ତି। ଏହାଦ୍ୱାରା ଖର୍ଚ୍ଚ ବଢ଼େ। ମାଟିର ଗୁଣବତ୍ତା ନଷ୍ଟହୁଏ। ପାରମ୍ପରିକ ପ୍ରଣାଳୀରେ ହାତରେ ସାର ସିଞ୍ଚନ ଦ୍ୱାରା ଗଛ ମୂଳକୁ ସଠିକ୍ ମାତ୍ରାର ସାର ପହଞ୍ଚି ପାରେନି। ଏଥିପାଇଁ ତେଲେଙ୍ଗାନା, ବଲ୍ଲାପୁରମ ଗାଁ'ର ତୁମ୍ମଲା ରାଣାପ୍ରତାପ ଏକ ଲୁହାର 'ଫର୍ଟିଲାଇଜର ଡିସପେନ୍‌ସର' ତଥା ସାର ପ୍ରୟୋଗ ଯନ୍ତ୍ର ତିଆରି କରିଛନ୍ତି। ୪,୫୦୦ଟଙ୍କାରେ ନିର୍ମିତ ଏହି ଯନ୍ତ୍ରରେ ୧୫ କିଗ୍ରା ସାର ରହିବା କ୍ଷମତା ଅଛି। ଏହାକୁ ପାରମ୍ପରିକ କୃଷି ଉପକରଣ ଏବଂ ତିନି ଦାନ୍ତ ଥିବା କଲ୍‌ଟିଭେଟର ସହ ସଂଯୋଗ କରି ଚଲାଯିବ। ସାରର ମାପ କମାଇବା ବା ବଢ଼ାଇବା ପାଇଁ ଏଥିରେ ସୁବିଧା ଅଛି। ଏହା ମାତ୍ର ୧୫ ମିନିଟ୍‌ରେ ୧୫ କିଲୋ ସାର ପ୍ରୟୋଗ କରିବ। ଏହାଦ୍ୱାରା ସାର ନଷ୍ଟ ହେବନି। ଧାଡ଼ିରେ କରାଯାଇଥିବା ଅନ୍ତଃଚାଷ ଏବଂ ସାର ପ୍ରୟୋଗ ଦୁଇଟି କାମ ଏକାସଙ୍ଗେ କରିବ। ଏହା ବିନା ମଜୁରିରେ ଗଛ ମୂଳରେ ସାର ପହଞ୍ଚାଏ। ଯନ୍ତ୍ରଟି ଲଙ୍କା, କପା ଏବଂ ମକା ଆଦି ଫସଲ ପାଇଁ ବହୁତ ଉପଯୋଗୀ।

## ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍

ସହରାଞ୍ଚଳରେ ସ୍ଥାନର ଅଭାବ ଯୋଗୁଁ ଅଧିକାଂଶ ଛାତ କିମ୍ବା ବାଲ୍‌କୋନିରେ ଚାଷ କରନ୍ତି। ଏଥିପାଇଁ ସିମେଣ୍ଟ କୁଣ୍ଡ, ଗ୍ରୋବ୍ୟାଗ୍ ଆଦି ବ୍ୟବହାର କରାଯାଏ। ଏବେ କିନ୍ତୁ ପିଭିସି ପାଇପ୍‌ରେ ଚାଷ ସମ୍ଭବ। ସ୍ୱଳ୍ପ ସ୍ଥାନ ଏବଂ କମ୍ ପାଣି ଉପଯୋଗରେ ପିଭିସି ପାଇପ୍‌ରେ ସ୍ପ୍ରିଙ୍ଗ ଓନିୟନ୍ ଲଗାଇ ହେବ।

ପାଇପ୍‌ରେ ମାଟି ସୀମିତ ରହୁଥିବାରୁ କୀଟର ପ୍ରଭାବ କମ୍ ଦେଖାଯାଏ। ଏଥିପାଇଁ ପ୍ରଥମେ ୪ରୁ ୬ଇଞ୍ଚର ପାଇପ୍ ନେଇ ପାଇପ୍ କ୍ୟାପ୍‌ରେ ଏହାର ଦୁଇମୁଣ୍ଡକୁ ବନ୍ଦ କରି ଦିଆଯାଏ। ଏଥିରେ ଉର୍ବର ମାଟି, କୋକୋପିଟ୍, ବାଲି ଏବଂ ଜୈବିକ ଖତ ମିଶାଇ ଦିଆଯାଏ। ଡ୍ରିଲ୍ ମେସିନ ସାହାଯ୍ୟରେ ପାଇପ୍‌ରେ ୮ ରୁ ୧୦ ସେମି ଦୂରରେ ୨ରୁ୩ ଇଞ୍ଚ ଚଉଡ଼ାର କଣା କରିଏଥିରେ ପିଆଜ ବଲ୍‌ବ (ସ୍ପ୍ରିଙ୍ଗ ଓନିୟନ୍) ଲଗାଇ ପାରିବେ। ପାଣି ନ ଜମିବା ପାଇଁ ପାଇପ୍ ତଳେ ଛୋଟ ଛୋଟ କଣା କରି ପାରିବେ। ସ୍ପ୍ରିଙ୍ଗ ଓନିୟନ୍ ପାଇଁ ଅଧିକ ପାଣି ଆବଶ୍ୟକ ହୁଏନି। ଉପର ମାଟି ଶୁଖିଲେ ପାଣି ଦିଆଯାଏ। ୨୦ରୁ ୨୫ ଦିନ ଅନ୍ତରରେ ତରଳ ଜୈବିକ ଖତ କିମ୍ବା ଗୋମୂତ୍ର ଦେବା ଆବଶ୍ୟକ। ଖରା ପଡୁଥିବାସ୍ଥାନରେ ପାଇପ୍‌କୁ ରଖିବା ଭଲ। ୨୫ରୁ ୩୦ ଦିନ ମଧ୍ୟରେ ଉପରୁ ଏହାର ସବୁଜ ଅଂଶକୁ କାଟି ପାରିବେ।



## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଗଜାଧାନକୁ କାଦୁଅ ଜମିରେ ଡ୍ରମସିଡରରେ କିମ୍ବା ଛଟା ବୁଣା କରି ଦିଅନ୍ତୁ। ଚେରମାଟିକୁ ଧରିବା ପାଇଁ ଜମିରେ ପତଳା ପାଣିସ୍ତର ରଖନ୍ତୁ।
- ଚିନାବାଦାମରେ ଶୋଷକକୀଟ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠା ହଳଦିଆ ଯନ୍ତା ଲଗାନ୍ତୁ। ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ୫ ମିଲି ନିମ୍ବ ତେଲ ଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ ୦.୦୩%କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ।
- ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକ ରହୁଥିବାରୁ ଟମାଟୋ ଗଛରେ ଝାଉଁଳା ରୋଗ ଦେଖାଦେଲେ ଲିଟର ପାଣିରେ ୨ ଗ୍ରାମ ମାଙ୍କୋଜେବ ୭୫% ଡବ୍ଲୁପି ମିଶ୍ରଣ କରି ସିଞ୍ଚନ କରନ୍ତୁ।

## ଥଣ୍ଡା ଯୋଗୁଁ ଗଛ ବଢୁନଥିଲେ ...

ଶୀତଋତୁରେ କମ୍ ତାପମାତ୍ରା, କୁହୁଡ଼ି ଫସଲକୁ ପ୍ରଭାବିତ କରେ। ତାପମାତ୍ରା ୧୦ଡିଗ୍ରୀ ସେଲ୍‌ସିୟସ୍ ତଳକୁ ଖସିଲେ ଗଛ ବଢ଼େ ନାହିଁ। ଜମିରେ ଅଧିକ ପାଣି ଦେଲେ ଗଛ ମୂଳ ସଢ଼ି ହଳଦିଆ ପଡ଼ିଯାଏ। ତେଣୁ ଫସଲର ଦେଖାଶୁଣା କିପରି କରିବେ ଜାଣନ୍ତୁ।



ଫସଲକୁ ସୁରକ୍ଷା ଦେବାକୁ ପ୍ରାକୃତିକ ଖତ, ଟ୍ରାଇକୋଡର୍ମା ମିଶ୍ରଣ ଏବଂ ଡବ୍ଲୁଡିଜି ସଲ୍‌ଫର ବ୍ୟବହାର କରି ପାରିବେ। ଏହା ଗଛକୁ ଉଷୁମ ରଖେ। ଗଛ ବଢୁ ନଥିଲେ ଜମିରେ ପାଣି ଜମିଛି କି ନାହିଁ ତର୍ଜମା କରିବା ଭଲ। ୨ କିଗ୍ରା ଟ୍ରାଇକୋଡର୍ମା, ୨ କିଗ୍ରା ଗୁଡ, କେଜିଏ ବେସନ ଏବଂ ୨୦୦ ଲିଟର ପାଣି ମିଶାଇ ୭ ଦିନ ଗୋଟିଏ ପାତ୍ରରେ ରଖି ଉକ୍ତ ମିଶ୍ରଣକୁ ଫସଲରେ ସିଞ୍ଚିଲେ କବକଜନିତ ସମସ୍ୟା ରୁହେନାହିଁ। ଗଛ ବୃଦ୍ଧି ହୁଏ। ସେହିପରି ଜମିରେ ଆର୍ଦ୍ରତା ଅଧିକ ହେଲେ, ଗଛ ବଢ଼େନାହିଁ। ଏନେଇ ଡବ୍ଲୁଡିଜି ସଲଫର୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ସିଞ୍ଚି ପାରିବେ। ସକାଳ ଏବଂ ସନ୍ଧ୍ୟାରେ ସିଞ୍ଚିବା ଭଲ। ୟୁରିଆ ସିଞ୍ଚିବା କ୍ଷତି ସାବ୍ୟସ୍ତ ହୋଇପାରେ। କୁହୁଡ଼ି ପଡ଼ିବା ସମୟରେ ସାର ସିଞ୍ଚନ ନ କରି ଅପରାହ୍ନରେ ପକାଇପାରିବେ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ଫେବୃଆରୀରେ ଦ୍ୱିତୀୟ ବିବାହ କରିବେ ଧାୱନ



**ନୂଆଦିଲ୍ଲୀ, ୫।୧ (ଏଜେନ୍ସି):** ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ପୁଣିଥରେ ବିବାହ କରିବାକୁ ମନସ୍ଥ କରିଛନ୍ତି। ୪୦ ବର୍ଷୀୟ ଧାୱନ ତାଙ୍କର ବାନ୍ଧବୀ ତଥା ପ୍ରେମିକା ଆୟର୍ଲାଣ୍ଡର ସୋଫି ସାଇନଙ୍କ ହାତ ଧରିବେ। ବିବାହ ଲାଗି କାର୍ଯ୍ୟସୂଚୀ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ଆସନ୍ତା ଫେବୃଆରୀ ୩ୟ ସପ୍ତାହରେ ଦିଲ୍ଲୀ-ଏନ୍‌ସିଆର୍‌ର ଏକ ହୋଟେଲରେ ଏହି ବିବାହ ଅନୁଷ୍ଠିତ ହେବ। ଯେଉଁଥିରେ ଭାରତୀୟ କ୍ରିକେଟ୍ ଓ ବଲିଉଡ୍‌ଜଗତର କିଛି ନାମୀ ତାରକା ଯୋଗଦେବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ତେବେ ଏହି ବିବାହକୁ ଧାୱନ ଓ ତାଙ୍କ ପତ୍ନୀ ହେବାକୁ ଯାଉଥିବା ସୋଫି ଯଥା ସମ୍ଭବ ସିକ୍ରେଟ୍ ରଖିଛନ୍ତି। ଗତବର୍ଷ ପ୍ରାରମ୍ଭରେ ଦୁବାଇରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ ଉଭୟଙ୍କୁ ପ୍ରଥମଥର ଲାଗି ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ସୋଫିଙ୍କ ସହ ଧାୱନଙ୍କ ସମ୍ପର୍କକୁ ନେଇ ବିଭିନ୍ନ ଖବରମାନ ପ୍ରକାଶ ପାଇଥିଲା। ଗତ କିଛିମାସ ହେବ ଉଭୟ ଏକାଠି ମଧ୍ୟ ରହୁଛନ୍ତି। ନିକଟରେ ସେମାନେ ଖ୍ରୀଷ୍ଟମାସ ପାଳନ କରୁଥିବାର ଫଟୋ ଶେୟାର କରିଥିଲେ। ପ୍ରକାଶଯୋଗ୍ୟ, ଧାୱନ ଏଥିପୂର୍ବରୁ ଭାରତୀୟ ଜନ୍ମିତ ଅଷ୍ଟ୍ରେଲୀୟ କିକ୍ ବକ୍ସର ଆୟେଶା ମୁଖାର୍ଜୀଙ୍କୁ ୨୦୧୨ରେ ବିବାହ କରିଥିଲେ। ଧାୱନଙ୍କଠାରୁ ଆୟେଶା ବୟସରେ ୮ ବର୍ଷ ବଡ଼ ଓ ତାଙ୍କର ପୂର୍ବରୁ ଦୁଇଟି ସନ୍ତାନ ଥିଲେ। ତେବେ ୨୦୨୧ରେ ତାଙ୍କର ବିବାହ ବିଚ୍ଛେଦ ଘଟିଥିଲା।

ବିଜୟ ହଜାରେ ଟ୍ରଫି

## ଆୟର ମୁମ୍ବାଇ ଅଧିନାୟକ



**ମୁମ୍ବାଇ, ୫।୧(ଏଜେନ୍ସି):** ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ନିଜର ଫିଟ୍‌ନେସ ପରୀକ୍ଷା ଦେବା ଲାଗି ବିଜୟ ହଜାରେ ଟ୍ରଫିର ମୁମ୍ବାଇ ପକ୍ଷରୁ ଖେଳାଯିବାକୁ ଥିବା ଶେଷ ୨ଟି ମ୍ୟାଚ୍‌ରେ ଖେଳିବେ ବୋଲି ନିଷ୍ପତ୍ତି ହୋଇଥିଲା। ଆଜି ସେ ଏହି ଦୁଇଟି ମ୍ୟାଚ୍‌ ଦଳର ନେତୃତ୍ୱ ନେବେ ବୋଲି ମୁମ୍ବାଇ ସିନିଅର ସିଲେକ୍ସନ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଏହି ମୁକାବିଲାରେ ସେ ମ୍ୟାଚ୍ ଫିଟ୍‌ନେସର ପ୍ରମାଣ ଦେଲେ ଭାରତୀୟ ଦଳରେ ସ୍ଥାନ ପାଇବେ ନଚେତ ତାଙ୍କୁ ନ୍ୟୁଜିଲାଣ୍ଡ ସିରିଜ୍‌ରୁ ବାଦ୍ ଦିଆଯିବ। ଆୟର ଆଜି ଜୟପୁରର ଜଇପୁରିଆ ବିଦ୍ୟାଳୟ ପଡ଼ିଆରେ ଜୋରଦାର ଅଭ୍ୟାସ କରିଛନ୍ତି। କୋଚ୍ ଓମ୍‌କାର ସାଲଭି ଓ ଅତୁଲ ରଣଦେ ଅଭ୍ୟାସବେଳେ ଉପସ୍ଥିତ ଥିଲେ। ଅଭ୍ୟାସବେଳେ ଆୟର କିଛି ଯନ୍ତ୍ରଣା ଅନୁଭବ କରି ନ ଥିଲେ। ହିମାଚଳ ପ୍ରଦେଶ ଓ ପଞ୍ଜାବ ବିପକ୍ଷରେ ସେ ଶାର୍ଦ୍ଦୁଳଙ୍କଠାରୁ ନେତୃତ୍ୱ ଭାର ଗ୍ରହଣ କରିବେ। ଏହି ମ୍ୟାଚ୍ ଦୁଇଟିରେ ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶାର୍ଦ୍ଦୁଳ ଠାକୁରଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଛି।

# ବାଂଲାଦେଶରେ ନିଷିଦ୍ଧ ହେଲା ଆଇପିଏଲ୍ ପ୍ରସାରଣ

**ଢାକା, ୫।୧(ଏଜେନ୍ସି)**

ଭାରତରେ ଚାଲିଥିବା ବିଶ୍ୱର ସବୁଠାରୁ ବୃହତ୍ ଓ ସର୍ବାଧିକ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ କ୍ରିକେଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ର ପ୍ରସାରଣକୁ ବାଂଲାଦେଶରେ ନିଷିଦ୍ଧ କରାଯାଇଛି। ଏ ସମ୍ପର୍କରେ ବାଂଲାଦେଶ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ସମସ୍ତ ପ୍ରସାରଣକାରୀ ସଂସ୍ଥାଗୁଡ଼ିକୁ ବିଧିବିଦ୍ଧ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶୀ କ୍ରିକେଟର ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍ ଟିମ୍ କୌଣସି କାରଣ ନ ଦର୍ଶାଇ ବିଦା କରିବା ପରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ପରାମର୍ଶଦାତା ଆସିଫ୍ ନଜରୁଲ ଆଇପିଏଲ୍ ପ୍ରସାରଣ ବନ୍ଦ କରିବାକୁ ଗତକାଲି ପରାମର୍ଶ ଦେଇଥିଲେ। ମୁସ୍ତାଫିଜୁରଙ୍କୁ ବାଦ୍ ଦେବା ପରେ ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ କ୍ରିକେଟ ଦଳ ଖେଳିବାକୁ ଆସିବ ନାହିଁ ବୋଲି ଆଇସିସିକୁ ଜଣାଇ ଦିଆଯାଇଛି। ଏହା ପରେ ବାଂଲାଦେଶ ଖେଳିବାକୁ ଥିବା ମ୍ୟାଚ୍ ଗୁଡ଼ିକର ଭେନ୍ୟୁରେ ପରିବର୍ତ୍ତନ କରି ଭାରତ ବାହାରେ ଆୟୋଜନ କରିବାକୁ ମଧ୍ୟ ଆଇସିସିକୁ ବାଂଲା କ୍ରିକେଟ ବୋର୍ଡ ଅନୁରୋଧ କରିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ବୋର୍ଡ ଏହି ଅନୁରୋଧ ଜଣାଇଛି ଓ ଆଇସିସି ଏହାକୁ ଗ୍ରହଣ ମଧ୍ୟ କରିଛି। ସୂଚନାଯୋଗ୍ୟ ବାଂଲାଦେଶରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ଓ ସେମାନଙ୍କୁ ହତ୍ୟା କରିବା ପରେ ଭାରତରେ ଏହାକୁ ବିରୋଧ କରାଯାଉଛି। ଏହି କ୍ରମରେ ମୁସ୍ତାଫିଜୁର ଜଣେ ବାଂଲାଦେଶୀ ହୋଇଥିବାରୁ ତାଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବାକୁ କିଛି ମୌଳବାଦୀ ସଂଗଠନ ଓ ଅନ୍ୟମାନେ ଦାବି କରିଥିଲେ। ବିସିସିଆଇ ଏହି ଦାବି ପରେ ହଠାତ୍ ମୁସ୍ତାଫିଜୁରଙ୍କୁ ଦଳରୁ ବାଦ୍ ଦେବାକୁ କୋଲକାତା ନାଇଟ୍ ରାଇଡର୍ସ ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲା। କେକେଆର୍ ମଧ୍ୟ ଏହାକୁ ତତ୍‌କ୍ଷଣାତ ଗ୍ରହଣ କରିନେଇଥିଲା। ଏହା ଫଳରେ ଭାରତରେ ଏହାକୁ ନେଇ ଯେଉଁ ବିରୋଧୀ ସ୍ୱର ଉଠିଥିଲା ତାହା ବନ୍ଦ ହୋଇଯାଇଥିଲା। କିନ୍ତୁ ଏହାର ପ୍ରଭାବ ବାଂଲାଦେଶ କ୍ରିକେଟ ଉପରେ ପଡ଼ିଥିଲା। ଏହି ଘଟଣାକୁ ବାଂଲାଦେଶ ସରକାର ଏକ ଅପମାନଜନକ ନିଷ୍ପତ୍ତି ବୋଲି ଗ୍ରହଣ କରୁଛି। ଏଣୁ ଯଦି ଜଣେ ବାଂଲାଦେଶୀ ଖେଳାଳିଙ୍କୁ ଭାରତ ସୁରକ୍ଷା ଦେଇପାରୁ ନାହିଁ, ସେହି ଦେଶର କ୍ରିକେଟ ଦଳକୁ କିପରି ସୁରକ୍ଷା ଯୋଗାଇବ ବୋଲି ସରକାର ଯୁକ୍ତି କରିଛନ୍ତି। ଏଣୁ ସୁରକ୍ଷା କାରଣରୁ ଭାରତରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଯିବ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।







ଆଇପିଏଲ୍ ପ୍ରସାରଣ ବନ୍ଦ ସମ୍ପର୍କରେ ଆଜି ବା ଜାନୁଆରୀ ୫ ତାରିଖ ସୋମବାର ବାଂଲାଦେଶ ସରକାରଙ୍କ ପକ୍ଷରୁ ଆସିଷ୍ଟାଣ୍ଟ ସେକ୍ରେଟାରୀ ଫିରୋଜ୍ ଖାନ୍ ଏକ ନୋଟିସ୍ ଜାରୀ କରିଛନ୍ତି। ଏହି ନୋଟିସ୍‌ରେ ଆଇପିଏଲ୍ ମ୍ୟାଚ୍ ପ୍ରସାରଣକୁ ବନ୍ଦ କରିବା ସହ ଏହା ସମ୍ପର୍କିତ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରସାରଣକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ୍‌ରେ ମୁସ୍ତାଫିଜୁରଙ୍କୁ କେକେଆର୍ ଟିମ୍‌ରୁ ୨୦୨୬ ସଂସ୍କରଣରୁ ବାହାର କରିବା ଲାଗି ବିସିସିଆଇ ନିଷ୍ପତ୍ତିକୁ ଅଯୌକ୍ତିକ ଓ ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି କୁହାଯାଇଛି। ବିସିସିଆଇର ଏଭଳି ନିଷ୍ପତ୍ତି ବାଂଲାଦେଶର ଜନସାଧାରଣଙ୍କୁ କଷ୍ଟ ଦେବା ସହ ଉତ୍ତେଜିତ କରିବାକୁ ସୁଯୋଗ ଦେଇଛି। ଏଭଳି ସମୟରେ ସରକାର ଦେଶର ସମସ୍ତ ପ୍ରସାରଣକାରୀ ସଂସ୍ଥାମାନଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ନ ପାଇଲା ପର୍ଯ୍ୟନ୍ତ ଆଇପିଏଲ୍ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମକୁ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମହିଳା ହକି ଇଣ୍ଡିଆ ଲିଗ୍

## ସୁରମାର ପ୍ରଥମ ବିଜୟ

**ରାଞ୍ଚି, ୫।୧(ଏଜେନ୍ସି):** ପେନ୍ନି ସ୍କିବ୍ ଓ ଅଲିଭିଆ ଶାନନଙ୍କ ଗୋଲ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ ହରାଇ ଏଠାରେ ସୋମବାର ଅନୁଷ୍ଠିତ ମହିଳା ହକି ଇଣ୍ଡିଆ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି। ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ସୁରମା ହକି କ୍ଲବ୍ ଖେଳର ପ୍ରଥମ ମିନିଟ୍‌ରୁ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲଟି ପେନାଲ୍ଟି କର୍ଣ୍ଣରରୁ ଦେଇଥିଲେ ଡ୍ରାଗ୍ ଫ୍ଲିକର ପେନ୍ନି ସ୍କିବ୍। ଏହି ଗୋଲ ଶୁଝାଇବାକୁ ରାଞ୍ଚିକୁ ୩୫ ମିନିଟ୍ ସମୟ ଲାଗିଥିଲା। ହାନା କୋଟ୍ଟରଙ୍କଠାରୁ ପାସ୍ ପାଇ ଅଗୋଷ୍ଟିନା ଆଲୋନ୍‌ସୋ ଗୋଲ ସ୍କୋର କରିଥିଲେ। ଖେଳ ୧-୧ ଗୋଲରେ ସମାନସ୍ତରରେ ରହିବାର ମାତ୍ର ୪ ମିନିଟ ପରେ ସୁରମା ହକି କ୍ଲବ୍ ପୁଣି ଅଗ୍ରଣୀ ନେଇଥିଲା। ଏଥର ପେନାଲ୍ଟି ଷ୍ଟ୍ରୋକ୍‌ରୁ ଅଲିଭିଆ ଶାନନ ଏହି ଗୋଲଟି ଦେଇଥିଲେ। ଗୋଲ ଶୁଝାଇବାକୁ ରାଞ୍ଚି ଦଳ ଶେଷ କ୍ୱାର୍ଟରରେ ଉଦ୍ୟମ କରିଥିଲା। କିନ୍ତୁ ଏହାକୁ ସଫଳ କରାଇଦେଇ ନ ଥିଲେ ସୁରମାର ରକ୍ଷଣଭାଗ ଖେଳାଳି। ଏହା ଫଳରେ ସୁରମା ୨-୧ ଗୋଲ ବ୍ୟବଧାନରେ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।



ପୁରୁଷ ହକି ଇଣ୍ଡିଆ ଲିଗ୍

## ପାଇପର୍ସକୁ ହରାଇଲା ଏଚ୍‌ଆଇଏଲ୍ ଜିସି

**ଚେନ୍ନଇ, ୫।୧(ଏଜେନ୍ସି):** କେନ୍ ରସେଲ୍‌ଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ସୋମବାର ଅନୁଷ୍ଠିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚ୍‌ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଟିମ୍ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କେନ୍ ୩ଟି ଯାକ ଗୋଲ ଦେଇଥିଲେ। କୀ ୱାଲଟ ଓ ଦିଲରାଜ ସିଂହ ପରାଜିତ ଦଳ ପକ୍ଷରୁ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଏଚ୍‌ଆଇଏଲ୍ ଟିମ୍‌କୁ ପୂରା ୩ ପଏଣ୍ଟ ମିଳିଛି। ଗତକାଲି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୪-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା। ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟ୍‌ରେ ଏସ୍‌ଜି ପାଇପର୍ସର କୀ ୱାଲଟ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହି ଅଗ୍ରଣୀ ବେଶି ସମୟ ରହି ନ ଥିଲା। ଗୋଲ ଖାଇବାର ୪ ମିନିଟ୍ ପରେ ଏଚ୍‌ଆଇଏଲ୍‌ର କେନ୍ ରସେଲ ଅଳ୍ପ ସମୟ ମଧ୍ୟରେ ୨ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ପାଇପର୍ସର ଦିଲରାଜ ସିଂହ ଓ ପରେ ରସେଲ ଗୋଲ ଦେଇ ଖେଳର ମିମାଂସା କରିଥିଲେ। ଆସନ୍ତାକାଲି ତାମିଲନାଡୁ ଡ୍ରାଗନ୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଖେଳାଯିବ।

ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ

## ଓଡ଼ିଶାର ସାବିତ୍ରୀ-ନରସିଂହ ଚାମ୍ପିଅନ



**ଭୁବନେଶ୍ୱର, ୫।୧ (ସମିସ):** ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ସାବିତ୍ରୀ ରଥ ଓ ବିଚାରପତି ଭି. ନରସିଂହ ଜାତୀୟ ବିଚାରପତି ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ମିଶ୍ରିତ ଯୁଗଳ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଞ୍ଚିରେ ରବିବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ଓଡ଼ିଶାର ମିଶ୍ରିତ ଯୁଗଳ ବିଚାରପତି ଯୋଡି ସାବିତ୍ରୀ-ନରସିଂହ ଫାଇନାଲରେ ରାଜସ୍ଥାନ ଉଚ୍ଚନ୍ୟାୟାଳୟର ଯୋଡିଙ୍କୁ ହରାଇଥିଲେ। ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟରେ ୯ଟି ଉଚ୍ଚ ନ୍ୟାୟାଳୟର ୩୧ଜଣ ବିଚାରପତି ଅଂଶଗ୍ରହଣ କରିଥିଲେ। ପୁରୁଷ ଏକକ ଓ ଯୁଗଳ, ମହିଳା ଏକକ ଓ ମିଶ୍ରିତ ଯୁଗଳ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାଟି ରାଞ୍ଚିସ୍ଥିତ ଠାକୁର ବିଶ୍ୱନାଥ ସହୋଦୟ ଇଣ୍ଡୋର ଷ୍ଟାଡିୟମ୍‌ରେ ଜାନୁଆରୀ ୩ ଓ ୪ ତାରିଖରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମଥର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆୟୋଜିତ ହୋଇଥିଲା।

ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଆଗୁଆ ସିରିଜ୍ ଜିତିଲା ଭାରତ

**ବେନୋନି, ୫।୧(ଏଜେନ୍ସି):** ଯୁବ ଅଧିନାୟକ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଯୁବ ଦିନିକିଆରେ ଭାରତ ୮ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଏଠାରେ ବୁଧବାର ୭ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୨୪୫ରନ୍ କରିଥିଲା। ଦଳ ପକ୍ଷରୁ ଜେସନ ରୋୱେଲ୍ସ ୧୧୪ ରନ୍ କରିଥିଲାବେଳେ ଭାରତର କିଶନ କୁମାର ସିଂ ୪ଟି ୱିକେଟ ପାଇଥିଲେ। ଜବାବରେ ୨୪୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବା ପରେ ବର୍ଷା ଯୋଗୁଁ ଖେଳ ଦୁଇଥର ବାଧା ପାଇଥିଲା। ଫଳରେ ଭାରତ ଆଗରେ ୨୭ ଓଭରରେ ୧୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଧିନାୟକ ସୂର୍ଯ୍ୟବଂଶୀ ମାତ୍ର ୨୪ ବଲ୍‌ରେ ଗୋଟିଏ ଚୌକା ଓ ୧୦ଟି ଛକା ସହାୟତାରେ ୬୮ ରନ୍ କରି ଦଳର ବିଜୟ ସହଜ କରିଦେଇଥିଲେ। ପରେ ଅଭିଜ୍ଞାନ କୁଣ୍ଡୁ (୪୨ ବଲ୍‌ରୁ ୪୮ ରନ୍) ଓ ବେଦାନ୍ତ ତ୍ରିବେଦୀ (୫୭ ବଲ୍‌ରୁ ୩୧) ଆଉ କୌଣସି କ୍ଷତି ହେବାକୁ ନ ଦେଇ ଏହି ମ୍ୟାଚ୍‌କୁ ୨୩.୩ ଓଭରରେ ମାତ୍ର ୱିକେଟ ହରାଇ ଜିତିନେଇଥିଲେ।

ପଞ୍ଚମ ଆସେସ୍ ଟେଷ୍ଟ

## ଜୋ ରୁଟ୍‌ଙ୍କ ୪୧ତମ ଶତକ



**ସିଡନୀ, ୫।୧(ଏଜେନ୍ସି):** ଇଂଲଣ୍ଡର କିଂବଦନ୍ତୀ ବ୍ୟାଟର ଜୋ ରୁଟ୍ ଟେଷ୍ଟ କ୍ରିକେଟରେ ୪୧ତମ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅଷ୍ଟ୍ରେଲିଆର ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି। ଟେଷ୍ଟ କ୍ରିକେଟରେ ତାଙ୍କଠାରୁ କେବଳ ଅଧିକ ଶତକ ହାସଲ କରିବାରେ ୨ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ୪୫ଟି ଶତକ ହାସଲ କରିଥିବା ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ ଓ ସର୍ବାଧିକ ୫୧ଟି ଶତକ କରି ପ୍ରଥମ ସ୍ଥାନରେ ଥିବା ଭାରତର ସଚିନ ତେନ୍ଦୁଲକର।

ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ ତଥା ଶେଷ ଆସେସ ଟେଷ୍ଟରେ ରୁଟ୍‌ଙ୍କୁ ଏହି ସଫଳତା ମିଳିଛି। ରୁଟ ଏଠାରେ ସୁଯୋଗହୀନ ୧୬୦, ହ୍ୟାରୀ ବ୍ରୁକ୍ ୮୪ ଓ ଏକାଧିକ ଜୀବନଦାନ ପାଇଥିବା ଜାମି ସ୍ମିଥ୍ ୪୬ ରନ୍ କରିବା ଫଳରେ ଇଂଲଣ୍ଡର ପ୍ରଥମ ପାଳି ୩୮୪ ରନ୍‌ରେ ଶେଷ ହୋଇଥିଲା। ଘରୋଇ ଦଳର ମାଇକେଲ ନେସର ୪ଟି, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ୯୧ ରନ୍ ସହାୟତାରେ ଦ୍ୱିତୀୟ ଦିନ ଖେଳ ଶେଷବେଳକୁ ୨ ୱିକେଟ ବିନିମୟରେ ୧୬୬ ରନ୍ ସଂଗ୍ରହ କରିଛି। ଷ୍ଟୋକ୍ସଙ୍କ ସହ ଯୁକ୍ତିତର୍କ କରିବା ପରେ ମାର୍ନସ ଲାବୁସେନ ୪୬ ଓ ଜେକ୍ ୱିଥେରାଲ୍ଡ ୨୧ ରନ୍‌ରେ ଆଉଟ ହୋଇଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଉଭୟ ଖେଳାଳିଙ୍କୁ ଆଉଟ କରିଛନ୍ତି। ଚଳିତ ଆସେସ ଟେଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୩-୧ରେ ଆଗୁଆ ରହିଛି।

ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ବିଶାଖାପାଟଣା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିଅନ





**ଯାଜପୁର, ୫।୧(ସମିସ)**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ ଯାଜପୁରର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଆଜି ଶେଷ ହୋଇଥିବା ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣା ଚାମ୍ପିଅନ୍ ହୋଇଛି। ଇଷ୍ଟକୋଷ୍ଟ ରେଲୱେର ଦୁଇ ଡିଭିଜନ ଟିମ୍ ବିଶାଖାପାଟଣା ଓ ଖୋର୍ଦ୍ଧା ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ୧୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ସାହୁ ସର୍ବାଧିକ ୨୫ ରନ୍ ସଂଗ୍ରହ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣାର ବୋଲର ଏନ୍‌ଜେଆର୍ ପ୍ରସାଦ ୧୪ ରନ୍‌ରେ ୩ଟି ଓ ସାଇ ବସନ୍ତ ୨୪ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଷ୍ଟକୋଷ୍ଟ ରେଲୱେ ବିଶାଖାପାଟଣା ୧୪.୩ ଓଭର ଖେଳି ୫ ୱିକେଟ୍ ହରାଇ ୧୦୭ରନ୍ ସଂଗ୍ରହ କରି ଟାଇଟଲ ହାସଲ କରିଥିଲା। ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୩୯ ରନ୍ ସଂଗ୍ରହ କରିଥିଲେ। ବିଜୟୀ ଦଳର ଏନ୍‌ଜେଆର ପ୍ରସାଦଙ୍କୁ ଫାଇନାଲର ଓ ସାଇ ବସନ୍ତଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ, ଆଶୁତୋଷ ପାଣି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି, ସୀତାଂଶୁ କର ପରିଚାଳନା କରିଥିଲେ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଯାଜପୁର ପୌରପାଳିକାର ପୂର୍ବତନ ଅଧକ୍ଷ ଭବପ୍ରସାଦ ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ ସଂଘ ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, ଉପସଭାପତି ଅଭୟବଲ୍ଲଭ ପଣ୍ଡା, ପଦାରବିନ୍ଦ ପରିଡ଼ା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ମନୋଜ ସାହୁ ପ୍ରମୁଖ୍ ଉପସ୍ଥିତ ଥିଲେ। ଦିବାକର କର, ସଞ୍ଜୟ ବେହେରା, ପ୍ରଶାନ୍ତ କୁମାର ସାହୁ, ଉମାକାନ୍ତ ସିଂ, ସୁବାଶିଷ ରାଉତ, ଭୂପତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା



**କଟକ, ୫।୧(ସମିସ):** ଡାମନ ଏବଂ ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ସକର ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧-୩ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ମହିଳା ଫୁଟବଲ୍ ଦଳ ପକ୍ଷରୁ ସତ୍ୟବାଦୀ ଖାଡିଆ ସର୍ବାଧିକ ୫ଟି ଗୋଲ ସ୍କୋର କରିଥିଲେ। ଶ୍ରୀଜନ ତମାଙ୍ଗ ୨ଟି ଗୋଲ ଦେଇଥିବା ବେଳେ ମନୀଷା ନାଏକ, ଅଙ୍କିତା ନାଏକ, ଶିବାନୀ ମୁଣ୍ଡାରୀ, ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବିଜୟୀ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ଜାତୀୟ ଜୁନିଅର ଅସିଚାଳନା ଉଦ୍‌ଘାଟିତ



**କଟକ, ୫।୧(ସମିସ):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ସୋମବାରଠାରୁ ୩୩ତମ ଜାତୀୟ ଜୁନିଅର ଅସିଚାଳନା ଚାମ୍ପିଅନସିପ ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ, ଭାରତୀୟ ଅସିଚାଳନା ମହାସଂଘ ଏବଂ ଓଡ଼ିଶା ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ଅସିଚାଳନା ମହାସଂଘ ସମ୍ପାଦକ ରାଜୀବ ମେହତା, ରାଜ୍ୟ ସଂଘ ଉପଦେଷ୍ଟା ନୟନ କିଶୋର ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସୁମିତ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ଉଭୟ ବାଳକ ଏବଂ ବାଳିକା ବର୍ଗରେ ହେଉଥିବା ଚାମ୍ପିଅନସିପ୍ ୧୦ ତାରିଖରେ ଉଦ୍‌ଯାପିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS